ଜାତୀୟ ହକି ଦଳରେ ସୁନେଲିତା

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-335 ♦WEDNESDAY ♦3 JUNE 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୩୫ ♦ବୁଧବାର ♦୩ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

ସିବିଏସ୍‌ଇ ପରୀକ୍ଷା ଫଳ କେଲେଙ୍କାରୀ

ବିଦା ହେଲେ ଅଧ୍ୟକ୍ଷ, ସଚିବ

■ ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ପରୀକ୍ଷାରେ ଅନିୟମିତତା ପାଇଁ କେନ୍ଦ୍ର ସରକାର ଆଜି ସିବିଏସ୍‌ଇ ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସଚିବ ହିମାଂଶୁ ଗୁପ୍ତାଙ୍କୁ ସେମାନଙ୍କ ପଦରୁ ହଟାଇ ଦେଇଛନ୍ତି। ଏହାସହିତ ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍) ସେବା ଯୋଗାଉଥିବା ସଂସ୍ଥା ସଂପର୍କରେ ତଦନ୍ତ ଲାଗି ସରକାର ଏକ କମିଟି ଗଠନ କରିଛନ୍ତି। ପରୀକ୍ଷା ମାର୍କିଂ ବ୍ୟବସ୍ଥାରେ ଅନିୟମିତତା ଓ ତ୍ରୁଟି ଯୋଗୁଁ ଲକ୍ଷ ଲକ୍ଷ ପିଲା ପ୍ରଭାବିତ ହୋଇଥିବା ବେଳେ ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସରକାର ଆଜି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉଭୟ ରାହୁଲ ସିଂହ ଏବଂ ହିମାଂଶୁ ଗୁପ୍ତା ହେଉଛନ୍ତି ବରିଷ୍ଠ ଆଇଏଏସ୍ ଅଧିକାରୀ ଏବଂ ସେମାନଙ୍କର ତତ୍ତ୍ୱାବଧାନରେ ସିବିଏସ୍‌ଇର ସମସ୍ତ ବ୍ୟବସ୍ଥା ପରିଚାଳିତ ହେଉଥିଲା। ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା, ଶିକ୍ଷା ବ୍ୟବସ୍ଥା, ଅନୁବନ୍ଧନ, ନୀତି କ୍ରିୟାନ୍ୱୟନ ଓ ଗୁରୁତ୍ୱପୂର୍ଣ୍ଣ ସଂସ୍କାର କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସେମାନଙ୍କୁ ନ୍ୟସ୍ତ କରାଯାଇଥିଲା।

ସିବିଏସ୍‌ଇ ପରୀକ୍ଷାଫଳରେ ଯେଉଁ ତ୍ରୁଟିବିଚ୍ୟୁତି ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ମଧ୍ୟ ଯାଞ୍ଚ କରାଯିବ। ଏଥିଲାଗି ସରକାର ଜଣକିଆ କମିଟି ଗଠନ କରିଛନ୍ତି। ରାଧା ଚୌହ୍ୱାନଙ୍କୁ ଏହି ତଦନ୍ତ ଦାୟିତ୍ୱ ଦିଆଯାଇଛି। ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଦାୟୀ ଓଏସ୍‌ଏମ୍ ସେବା ସଂପର୍କରେ ଯାଞ୍ଚ କରି ସରକାରଙ୍କୁ ରିପୋର୍ଟ ଦାଖଲ କରିବେ ଚୌହ୍ୱାନ। ଏହି କମିଟି କେଉଁ କେଉଁ ଦିଗର ଯାଞ୍ଚ କରିବ ଏବଂ କେବେ ରିପୋର୍ଟ ଦାଖଲ କରିବ, ସେସଂପର୍କରେ ଏବେ କିଛି ଜଣାପଡ଼ି ନାହିଁ। ତେବେ ମିଳିଥିବା ସୂଚନା ଅନୁଯାୟୀ ଓଏସ୍‌ଏମ୍ ସେବା ପାଇଁ କିପରି ଟେଣ୍ଡର କରାଯାଇଥିଲା ଏବଂ ଟେଣ୍ଡର ପ୍ରକ୍ରିୟାରେ ସମସ୍ତ ଗାଇଡଲାଇନ୍ସ ଅନୁକରଣ କରାଯାଇଥିଲା କି ନାହିଁ, ତାହାର ଯାଞ୍ଚ ହେବ। ତେବେ ଦୁଇ ବରିଷ୍ଠ ଅଧିକାରୀଙ୍କ ବିରୋଧ।।ରେ କାର୍ଯ୍ୟାନୁଷ୍ଠାନରୁ ସ୍ପଷ୍ଟ ହେଉଛି ଯେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଛି।

ଓଏସ୍‌ଏମ୍ ସେବାର ଯାଞ୍ଚ ପାଇଁ କମିଟି ଗଠିତ

ସୂଚନାଯୋଗ୍ୟ ଯେ ସିବିଏସ୍‌ଇ ଦ୍ୱାରା ପରିଚାଳିତ ୧୦ମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶନ ପରେ ବିବାଦ ସୃଷ୍ଟି ହୋଇଥିଲା। ପରୀକ୍ଷାଫଳ ଅନେକ ଛାତ୍ରଛାତ୍ରୀଙ୍କ ଆଶାନୁରୂପ ହୋଇ ନଥିବାରୁ ସେମାନେ ପରୀକ୍ଷା ଖାତାର ପୁନଃମୂଲ୍ୟାୟନ ପାଇଁ ଅନଲାଇନରେ ଆବେଦନ କରିଥିଲେ। ଏତିକି ବେଳେ ଦେଖାଯାଇଥିଲା ଯେ ଅନେକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା ମିସିଂ ଥିବା ବେଳେ ଆଉ କେତେକ ପରୀକ୍ଷାର୍ଥୀଙ୍କ ଖାତା ଅଦଳବଦଳ ମଧ୍ୟ ହୋଇଥିଲା। ଏପରିକି କେତେକ ଖାତାରେ ଅନେକ ଅଂଶ ଆଦୌ ଦେଖାଯାଉନଥିଲା। ସିବିଏସଇର ଅନଲାଇନ୍ ସେବା ପାଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା। ଏହାକୁ ନେଇ ପରୀକ୍ଷାର୍ଥୀ ଏବଂ ସେମାନଙ୍କର ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଓଏସ୍‌ଏମ୍ ପାଇଁ ଯେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ତାହାକୁ ନେଇ ପ୍ରଶ୍ନ ଉଠିଥିଲା।

ଉଲ୍ଲେଖଯୋଗ୍ୟ ଯେ ଓଏସ୍‌ଏମ୍ ବ୍ୟବସ୍ଥାରେ ପରୀକ୍ଷାର୍ଥୀମାନଙ୍କର ଉତ୍ତର ଖାତାର ସ୍କାନିଂ କରାଯିବା ପରେ ଏହାକୁ କଂପ୍ୟୁଟରରେ ଅପଲୋଡ୍ କରାଯାଏ। ଏଥିରେ ପରୀକ୍ଷାର୍ଥୀଙ୍କ ସଂପର୍କରେ ସୂଚନାକୁ ଗୁପ୍ତ ରଖାଯାଉଥିବା ବେଳେ ଖାତାର ସ୍କାନିଂ କପି ଦେଖି ଶିକ୍ଷକ ମାର୍କ ଦିଅନ୍ତି। ଏହା ହେଉଛି ଡିଜିଟାଲ ମୂଲ୍ୟାୟନ ବ୍ୟବସ୍ଥା। ତେବେ କଂପ୍ୟୁଟରରେ ସ୍କାନ୍ କପିଗୁଡ଼ିକ ଭଲ ଦେଖାଯାଉନଥିବାରୁ ପିଲାମାନେ ଭଲ ମାର୍କ ପାଇବାରୁ ବଞ୍ଚିତ ହୋଇଥିଲେ। ଅନେକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତାରେ ଅଦଳବଦଳ ହୋଇଥିବାରୁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ରଜରେ ଓଡ଼ିଶା ଛୁଇଁବ ମୌସୁମୀ

୪ରେ ପହଞ୍ଚିବ କେରଳ ଉପକୂଳ

■ ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ପୁଣି ବିଳମ୍ବିତ ହେଲା ମୌସୁମୀ। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୧ ବଦଳରେ ଆସନ୍ତା ଜୁନ୍ ୪ ତାରିଖରେ କେରଳ ଛୁଇଁବ। ମୌସୁମୀ ୪ ଦିନ ବିଳମ୍ବରେ ଆସୁଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। ଏହାସହିତ ଭାରତରେ ବିଧିବଦ୍ଧ ଭାବେ ବର୍ଷା ଋତୁ ଆରମ୍ଭ ହେବ ଏବଂ ଦକ୍ଷିଣ ଭାରତରେ ବହୁ ପ୍ରତୀକ୍ଷିତ ବର୍ଷା ହେବ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଏକ ସପ୍ତାହ ମଧ୍ୟରେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବିଶେଷ କରି କେରଳର କେତେକ ସ୍ଥାନରେ ୭ ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଚେତାବନୀ ଦିଆଯାଇଛି। ମୌସୁମୀ ପ୍ରବାହ ଯୋଗୁଁ କେରଳ ସବୁଠାରୁ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏହାଛଡ଼ା ତାମିଲନାଡୁ ଏବଂ କର୍ଣ୍ଣାଟକର କିଛି ଅଂଶରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ଆଇଏମ୍‌ଡି ସୂଚନା ଦେଇଛି। ଆରବ ସାଗରରେ ଜଳୀୟବାଷ୍ପ ପୂର୍ଣ୍ଣ ମୌସୁମୀ ବାୟୁ ଶକ୍ତିଶାଳୀ ହେବା ସହ ଏହା ଉତ୍ତର ଦିଗକୁ ଅଗ୍ରସର ହେବାରେ ଲାଗିଛି। ଏହି ପ୍ରକ୍ରିୟା ସ୍ୱାଭାବିକ ରହିଲେ ଆସନ୍ତା ରଜ ବେଳକୁ ମୌସୁମୀ ଓଡ଼ିଶା ପ୍ରବେଶ କରିବ ବୋଲି କୁହାଯାଇଛି। କାରଣ କେରଳ ସ୍ପର୍ଶ କରିବାର ୧୦ ଦିନରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଥାଏ।

ଆଇଏମ୍‌ଡି ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ପ୍ରଭାବରେ ମୌସୁମୀ ପବନ ପ୍ରବାହ ଦୁର୍ବଳ ହୋଇଯାଇଥିବାରୁ ଏହି ବିଳମ୍ବ ଘଟିଛି। ପୂର୍ବରୁ ମୌସୁମୀ ମେ' ୨୬ ସୁଦ୍ଧା ପହଞ୍ଚିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହା ଜୁନ୍ ୪ ତାରିଖ ମଧ୍ୟରେ କେରଳ ଛୁଇଁବାର ସମ୍ଭାବନା ଅଛି। ମୌସୁମୀ ଅନୁମାନ ପାଇଁ ମୁଖ୍ୟତଃ ଆରବ ସାଗରରେ ପଶ୍ଚିମା ପବନର ଏକ ନିର୍ଦ୍ଦିଷ୍ଟ ବେଗ ରହିବା ଆବଶ୍ୟକ। ଏହାସହ ଆକାଶରେ ପର୍ଯ୍ୟାପ୍ତ ପରିମାଣର ବାଦଲ ରହିବା ଜରୁରୀ। ବର୍ତ୍ତମାନ ବର୍ଷା ଏବଂ ବାଦଲର ସ୍ଥିତି ସନ୍ତୋଷଜନକ ଥିଲେ ମଧ୍ୟ ପଶ୍ଚିମା ପବନର ବେଗ କମ୍ ରହିଛି। ମାତ୍ର ଜୁନ୍ ୧ରୁ ପବନର ବେଗ ବଢ଼ିଥଇବାରୁ ଏହା ୪ ତାରିଖରେ କେରଳ ଛୁଇଁବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବ ଯୋଗୁଁ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ଆଶଙ୍କା ରହିଛି।

ମୌସୁମୀ ବିଳମ୍ବିତ ହେଇଥିବା ବେଳେ ସମଗ୍ର ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି।

ଆଜିଠୁ ପୁରୀରେ ବ୍ରିକ୍ସ ସମ୍ମିଳନୀ

ଏକାଠି ହେବେ ୧୧ ଦେଶର ପ୍ରତିନିଧି

ତ୍ରିସ୍ତରୀୟ ସୁରକ୍ଷା ବଳୟରେ ପୁରୀ ସହର

ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଜିପି

■ ପୁରୀ, ୨।୬ (ସମିସ): ବିପର୍ଯ୍ୟୟ ମୁକାବିଲାରେ ସାରା ବିଶ୍ୱରେ ଉଦାହରଣ ସାଜିଥିବା ଓଡ଼ିଶା ପାଇଁ ଆଉ ଏକ ଗର୍ବର ବିଷୟ। ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ବୁଧବାର ଅର୍ଥାତ୍ ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି 'ବ୍ରିକ୍ସ' ବିପର୍ଯ୍ୟୟ ବିପଦ ହ୍ରାସ (ଡିଆର୍‌ଆର୍) କାର୍ଯ୍ୟକାରୀ ଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ପୁରୀର ତାଜ୍ ପୁରୀ ରିସର୍ଟ ଆଣ୍ଡ ସ୍ପା'ଠାରେ ଏହି ହାଇ ପ୍ରୋଫାଇଲ୍ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ), ଭାରତ ସରକାର ଏହାକୁ ଆୟୋଜନ କରୁଥିବାବେଳେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସ୍‌ଡମା) ଏଥିରେ ସହଯୋଗ କରୁଛି। ବୈଠକରେ ବ୍ରିକ୍ସର ମୂଳ ସଦସ୍ୟ ଦେଶ ବ୍ରାଜିଲ୍, ଋଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ସହିତ ସହଯୋଗୀ ଦେଶ ଭାବେ ୟୁଏଇ, ସାଉଦିଆରବ, ଇଜିପ୍ଟ, ଇରାନ, ଇଥିଓପିଆ ଏବଂ ଇଣ୍ଡୋନେସିଆର ପ୍ରତିନିଧି ଓ ବିଶେଷଜ୍ଞମାନେ ଏଥିରେ ଯୋଗଦେଉଛନ୍ତି। ଏହାବ୍ୟତୀତ ଏନ୍‌ଡିଏମ୍‌ଏ, ଗୃହ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ। ଚଳିତ ବର୍ଷର ବୈଠକ "ନୂତନତା, ସହଯୋଗ ଏବଂ ସ୍ଥାୟିତ୍ୱ ମାଧ୍ୟମରେ ବିପର୍ଯ୍ୟୟ ସହନଶୀଳତାର ବିକାଶ' ବିଷୟବସ୍ତୁ ଉପରେ ଆଧାରିତ। ବିପର୍ଯ୍ୟୟ ପରିଚାଳନା ପାଇଁ ପାଣ୍ଠି ଯୋଗାଣ, ସ୍ଥାନୀୟ ସମୁଦାୟଭିତ୍ତିକ ସତର୍କ ସୂଚନା ପ୍ରଣାଳୀ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏବଂ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଜ୍ଞାନ ଆଦାନପ୍ରଦାନ ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯିବ।

ଏହା ଓଡ଼ିଶା ପାଇଁ ଏକ ବଡ଼ ସମ୍ମାନ। ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା, ଆଗୁଆ ସ୍ଥାନାନ୍ତରଣ ରଣନୀତି ଏବଂ ଶୂନ୍ୟ ଜୀବନହାନୀ ନୀତି ପାଇଁ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍‌କୁ ଜାତିସଂଘ ସମେତ ସାରା ବିଶ୍ୱ ପ୍ରଶଂସା କରିଛି। ଓଡ଼ିଶାର ଏହି ଅପ୍ରତିଦ୍ୱନ୍ଦ୍ୱୀ ସଫଳତାକୁ ସ୍ୱୀକୃତି ଦେଇ ଭାରତ ସରକାର ଏହି ବୈଠକ ପାଇଁ ପୁରୀକୁ ଚୟନ କରିଛନ୍ତି। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ଏହି ସହଯୋଗ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ▶ପୃଷ୍ଠା-୭

ଜୁନ ୨୦ରେ ରାଇରଙ୍ଗପୁରରେ ସରକାର ପାଳିବେ ଦ୍ୱିତୀୟ ବର୍ଷପୂର୍ତ୍ତି

ଯୋଗଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର/ରାଇରଙ୍ଗପୁର, ୨।୬ (ସମିସ): ରାଜ୍ୟ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ତେଣୁ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅବସରରେ ଓଡ଼ିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

ପୁଣି ବଢ଼ିଲା ବସ୍ ଭଡ଼ା

■ କଟକ, ୨।୬ (ସମିସ): ଡିଜେଲ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ପୁଣି ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଭଡ଼ା ବୃଦ୍ଧି ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ମେ' ୧୫ରେ ରାଜ୍ୟରେ ଡିଜେଲ ଦର ଲିଟର ପିଛା ୯୫ ଟଙ୍କା ୮୭ ପଇସା ଥିଲା। ମେ' ୩୧ ସୁଦ୍ଧା ତାହା ୧୦୦ ଟଙ୍କା ୬୮ ପଇସାରେ ପହଞ୍ଚିଛି। ଡିଜେଲ ଦରରେ ସିଧାସଳଖ ୪ ଟଙ୍କା ୮୧ ପଇସା ବୃଦ୍ଧି ହୋଇଥିବାରୁ ବସ୍ ଭଡ଼ା ବୃଦ୍ଧି କରାଯାଇଛି।

ବାକି ୧୨ଟି ମାପଦଣ୍ଡ ଉପରେ ଝୁଲିଛି ନିଷ୍ପତ୍ତି

ସରକାରଙ୍କ ସହ ମାଲିକ ସଂଘର ବୈଠକ ୫ରେ

ବର୍ଦ୍ଧିତ ଭଡ଼ା ଅନୁସାରେ, ସାଧାରଣ ଯାତ୍ରୀବାହୀ (ଅର୍ଡିନାରି) ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏବେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି। ସେହିଭଳି, ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ପାଇଛି। ଡିଲକ୍ସ ବସ୍ ଯାତ୍ରୀଙ୍କ ପାଇଁ ଭଡ଼ା ପୂର୍ବରୁ କିଲୋମିଟର ପିଛା ୧ଟଙ୍କା ୩୧ ପଇସା ଥିବା ବେଳେ ଏବେ ଏହା ୧ଟଙ୍କା ୩୫ ପଇସା ହୋଇଛି। ଏସି ଡିଲକ୍ସ ବସ୍‌ର ଭଡ଼ା କିଲୋମିଟର ପିଛା ୧ଟଙ୍କା ୫୯ ପଇସାରୁ ବୃଦ୍ଧି ପାଇ ୧ଟଙ୍କା ୬୩ ପଇସା ଧାର୍ଯ୍ୟ ହୋଇଛି। ସୁପର୍ ଡିଲକ୍ସ ବସ୍‌ରେ ଯାତ୍ରା କଲେ ଏବେ କିଲୋମିଟର ପିଛା ୨ଟଙ୍କା ୪୭ପଇସା ବଦଳରେ ୨ଟଙ୍କା ୫୩ ପଇସା ଦେବାକୁ ପଡ଼ିବ। ତେବେ ସହର ମଧ୍ୟରେ ଚଳାଚଳ କରୁଥିବା ଟାଉନ୍ ବସ୍‌ଗୁଡ଼ିକ ପାଇଁ ଲାଗୁ ହେବ ନାହିଁ ବୋଲି କୁହାଯାଇଛି। ▶ପୃଷ୍ଠା-୭

ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ଶାଶୂଙ୍କ ବିସ୍ଫୋରକ ବୟାନ

'ମୁହଁ ଖୋଲିଲେ ପୁଲିସ ଚିକିତ୍ସା କରାଇ ଦେବନି'

■ କଟକ/ବାରଙ୍ଗ, ୨।୬(ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାର ଚର୍ଚ୍ଚିତ 'ଥାର୍ଡ ଡିଗ୍ରୀ' ହାଜତ ଅତ୍ୟାଚାର ମାମଲାରେ ପ୍ରତିଦିନ ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଥିବା ବେଳେ ଆଜି ପୀଡ଼ିତ ଯୁବକ ରାକେଶ ବେହେରାଙ୍କ ଶାଶୁ ମିନତି ସାହୁଙ୍କ ଏକ ବଡ଼ ବିସ୍ଫୋରକ ବୟାନ ସମଗ୍ର ପୁଲିସ ପ୍ରଶାସନର ନିଦ ହଜାଇ ଦେଇଛି। ଗତକାଲି ପୁଲିସ ପକ୍ଷରୁ ରାକେଶଙ୍କର ଏକ ବାଇକ୍ ଦୁର୍ଘଟଣା ହୋଇଥିବା ନେଇ ସୃଷ୍ଟି କରାଯାଇଥିବା ସରକାରୀ କାହାଣୀକୁ ଶାଶୂ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ପୁଲିସ ମିଛ କହୁଛି ବୋଲି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଗଣମାଧ୍ୟମ ସାମ୍ନାରେ ନିଜର କୋହଭରା କଣ୍ଠରେ ପୁଲିସର କଳା କାରନାମାର ▶ପୃଷ୍ଠା-୭

ବାଲିଅନ୍ତା ଭିଡ଼ହତ୍ୟା

ଘଟଣାସ୍ଥଳରେ ଏନ୍‌ଏଚ୍‌ଆର୍‌ସି

■ ଭୁବନେଶ୍ୱର, ୨।୬ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ଏନ୍‌ଏଚ୍‌ଆରସି ଟିମର ତଦନ୍ତ

ସୌମ୍ୟଙ୍କୁ ଏଡିଜିଙ୍କ ନିର୍ଯାତନା ଅଭିଯୋଗର ତଥ୍ୟ ସଂଗ୍ରହ

ଢେଙ୍କାନାଳରୁ ଆଉ ଜଣେ ଅଭିଯୁକ୍ତକୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଦ୍ୱିତୀୟ ଦିନରେ ପହଞ୍ଚିଛି। ମଙ୍ଗଳବାର ଏହି ଟିମ୍ ଘଟଣାସ୍ଥଳ ରାମଚନ୍ଦ୍ରପୁର କାଜ ନିକଟକୁ ପରିଦର୍ଶନରେ କରିବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛନ୍ତି। କେଉଁଭଳି ପରିସ୍ଥିତିରେ ସୌମ୍ୟଙ୍କୁ ଆକ୍ରମଣ କରାଯାଇଥିଲା; ଏହି ସମୟରେ ପୁଲିସର ବ୍ୟବହାର କିଭଳି ଥିଲା ସେ ସମ୍ପର୍କରେ ଲୋକମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିବା ସୂଚନା ମିଳିଛି। ▶ପୃଷ୍ଠା-୭

ବାରଙ୍ଗ ଓ କବିସୂର୍ଯ୍ୟନଗର ଥାର୍ଡ ଡିଗ୍ରୀ

୧୫ ଦିନରେ ରିପୋର୍ଟ ଦିଅ: ଏନ୍‌ଏଚ୍‌ଆର୍‌ସି

■ ଭୁବନେଶ୍ୱର, ୨।୬(ସମିସ): ରାଜ୍ୟରେ ଘଟିଥିବା ବହୁ ଚର୍ଚ୍ଚିତ ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ମାନବାଧିକାର କମିସନ୍। କଟକ ଡିଜିପି ଓ ପୁଲିସ ମହା ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ହେପାଜତରେ ନିର୍ଯାତନା ଓ ବେଆଇନ ଭାବେ ଅଟକ ରଖିବା ଭଳି ଗୁରୁତର ମାନବାଧିକାର ଉଲ୍ଲଂଘନ ଅଭିଯୋଗକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ୧୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଆୟୋଗ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ଦ୍ୱାରା ▶ପୃଷ୍ଠା-୭

SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ସକାଳ
THE SAKALA
www.sakalaepaper.com

ଧାରଣା ଉପରେ ବସି ଟ୍ରେନ ଅଟକାଇଲେ ବଙ୍ଗଳା ହକର

ନୂଆଦିଲ୍ଲୀ/କୋଲକାତା, ୨।୬ (ଏଜେନ୍ସି): ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଗୋବରଡଙ୍ଗା ରେଳ ଷ୍ଟେସନରେ ରାଜ୍ୟରେ ଚାଲିଥିବା ବେଆଇନ ଜବରଦଖଲ ଉଚ୍ଛେଦ ଅଭିଯାନ ବିରୋଧରେ ଶତାଧିକ ବ୍ୟବସାୟୀ ଏବଂ ହକର ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସେମାନେ ରେଳ ଧାରଣା ଉପରେ ବସି ରହି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ କରିଛନ୍ତି। ଆନ୍ଦୋଳନକାରୀମାନେ 'ଚଲ୍‌ବେ ନା, ଚଲ୍‌ବେ ନା' ସ୍ଲୋଗାନ ଦେଇ ନିଜର ଦୋକାନ ବଜାର ହଟାଇବା ପଦକ୍ଷେପକୁ ତୀବ୍ର ବିରୋଧ କରିଛନ୍ତି। ଜଣେ ବୃଦ୍ଧା ମହିଳା ଜୀବିକା ହରାଇବା ଦୁଃଖରେ ରେଳ ଧାରଣା ଉପରେ ଶୋଇ ରହିଥିବା ଦେଖିବାକୁ ମିଳିଛି। ସର୍ବସାଧାରଣ ସ୍ଥାନକୁ ମୁକ୍ତ କରିବା ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳବାଇ ପକ୍ଷରୁ ଗତ ମାସରୁ ଏହି ଜମି ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହା ପୂର୍ବରୁ ମେ ୩୧ରେ ଦମଦମ ଜଙ୍କସନ ଏବଂ ହାଓଡା ଷ୍ଟେସନରୁ ପ୍ରାୟ ୨୫୦ରୁ ଅଧିକ ଅସ୍ଥାୟୀ ଦୋକାନକୁ ବୁଲଡୋଜର ସାହାଯ୍ୟରେ ଉଚ୍ଛେଦ କରାଯାଇଛି। ତେବେ ହକରମାନଙ୍କ ଅଭିଯୋଗ ଯେ, ସେମାନଙ୍କୁ କୌଣସି ପୂର୍ବ ସୂଚନା ନ ଦେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଭାବିତ ବ୍ୟବସାୟୀମାନେ ଥଇଥାନ କିମ୍ବା ବିକଳ୍ପ ବ୍ୟବସ୍ଥା ବିନା ଉଚ୍ଛେଦକୁ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯଦି ଆମକୁ ଥଇଥାନ କରା ନଯାଏ, ତେବେ ଆମେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବୁ ବୋଲି ଜଣେ ଦୋକାନୀ କ୍ଷୋଭର ସହ କହିଛନ୍ତି।



କ୍ରିକେଟ୍ ପିଚ୍ ରୋଲର ମାଡ଼ିଯିବାରୁ ୧୫ ବର୍ଷୀୟ ବାଳକର ମୃତ୍ୟୁ

ସୋଲାପୁର, ୨।୬(ଏଜେନ୍ସି): ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ଏକ ସମର କ୍ୟାମ୍ପରେ କ୍ରିକେଟ୍ ପିଚ୍ ପ୍ରସ୍ତୁତ କରୁଥିବା ସମୟରେ ପିଚ୍ ରୋଲର ତଳେ ଚାପି ହୋଇ ଜଣେ ୧୫ ବର୍ଷୀୟ କିଶୋରଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ପୁଲିସ୍ ଦୁଇଜଣ କୋଚ୍ ଏବଂ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ମାମଲା ରୁଜୁ କରିଛି। ମୃତ କିଶୋରଙ୍କ ନାମ ଆରଭ ଓରଫ୍ ବୀରେନ ଚୌଧୁରୀ ବୋଲି ଜଣାପଡ଼ିଛି। ପୁଲିସ ଅନୁଯାୟୀ, ଗତ ମେ ୩୦ରେ ବାର୍ସୀ ସହରରେ ଅନୁଷ୍ଠିତ ଏକ କ୍ରିକେଟ୍ ପ୍ରଶିକ୍ଷଣ ଶିବିରରେ ଏହି ଦୁର୍ଘଟଣା ଘଟିଥିଲା। ଅଭ୍ୟାସ ସେସନ ପାଇଁ ପିଚ୍ ପ୍ରସ୍ତୁତ କରିବାକୁ କୋଚମାନେ କିଛି ପିଲାଙ୍କୁ ଭାରି ପିଚ୍ ରୋଲର ଟାଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପିଲାମାନଙ୍କ ସହ ରୋଲର ଟାଣୁଥିବା ସମୟରେ ଆରଭ ହଠାତ୍ ସେହି ଭାରି ଯନ୍ତ୍ର ତଳେ ଚାପି

ହୋଇ ଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ପ୍ରାଣ ହରାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପିଲାମାନେ ଏହି ବିପଜ୍ଜନକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ତଦାରଖ କରିବା ପାଇଁ ସେଠାରେ କୌଣସି ବୟସ୍କ ବ୍ୟକ୍ତି କିମ୍ବା ସୁପରଭାଇଜର ଉପସ୍ଥିତ ନଥିଲେ। ସୁରକ୍ଷା ବ୍ୟବସ୍ଥାରେ ଏପରି ଚରମ ଅବହେଳା ଯୋଗୁଁ ବାର୍ସୀ ସିଟି ପୁଲିସ୍ ଦୁଇଜଣ କୋଚ୍ ଏବଂ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ସୁପ୍ରିମକୋର୍ଟରେ ୫ ନୂତନ ବିଚାରପତିଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଜି ଉଚ୍ଚତମ ନ୍ୟାୟାଳୟର ୫ ଜଣ ନୂତନ ବିଚାରପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିଶ ଆଧାରରେ କେନ୍ଦ୍ର ସରକାର ଏହି ନିଯୁକ୍ତିକୁ ଅନୁମୋଦନ କରିବା ପରେ ଆଜି ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଶପଥ ଗ୍ରହଣ କରିଥିବା ନୂତନ ବିଚାରପତିମାନେ ହେଲେ ଜଷ୍ଟିସ୍ ଶୀଲ ନାଗୁ, ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖର, ଜଷ୍ଟିସ୍ ସଞ୍ଜୀବ ସଚଦେବା, ଜଷ୍ଟିସ୍ ଅରୁଣ ପଲ୍ଲୀ, ବରିଷ୍ଠ ଆଇନଜୀବୀ ଭି. ମୋହନା। ଗତ ମେ' ୨୨ ଏବଂ ମେ' ୨୭ରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ଏହି ନାମଗୁଡ଼ିକ ସୁପାରିଶ କରାଯାଇଥିଲା। ଏହା ପରେ କେନ୍ଦ୍ର ସରକାର ଗତକାଲି ୪ ଜଣ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ଦେବାକୁ ଅନୁମୋଦନ କରିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧନ ଅଧ୍ୟାଦେଶ, ୨୦୨୬' ଜାରି କରିଥିଲେ। ଏହି ନୂତନ ଅଧ୍ୟାଦେଶ ଅନୁଯାୟୀ, ସୁପ୍ରିମକୋର୍ଟରେ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ୩୪ ରୁ ୩୮ କୁ ବୃଦ୍ଧି ପାଇଛି। ଏଥିରେ ଭାରତର ମୁଖ୍ୟ ବିଚାରପତି ମଧ୍ୟ ସାମିଲ ଅଛନ୍ତି।

ଘାତକ ହେଉଛି ଗ୍ରୀଷ୍ମ ପ୍ରବାହ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶର ଅନେକ ପ୍ରାନ୍ତରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ଏକ ଅନୁସନ୍ଧାନ ଅନୁଯାୟୀ, ଭାରତରେ ଗ୍ରୀଷ୍ମ ପ୍ରବାହ ପ୍ରାଣଘାତକ ସାବ୍ୟସ୍ତ ହେଉଛି। ୟୁସି ବର୍କଲେର ଗବେଷକ ପୀୟୁଷ ନାରଙ୍ଗ ଏବଂ ଅଶୋକ ଗାଡଗିଲଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ସାରା ଦେଶରେ ମାତ୍ର ଗୋଟିଏ ଦିନର ପ୍ରବଳ ଖରା ପ୍ରାୟ ୩, ୪୦୦ ଅତିରିକ୍ତ ମୃତ୍ୟୁର କାରଣ ହୋଇପାରେ। ଯଦି ଏହି ଗ୍ରୀଷ୍ମ ପ୍ରବାହ ୫ ଦିନ ପର୍ଯ୍ୟନ୍ତ ଜାରି ରହେ, ତେବେ ମୃତ୍ୟୁସଂଖ୍ୟା ପ୍ରାୟ ୩୦, ୦୦୦ କୁ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବିଶେଷ କରି ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଏହା ଅଧିକ ଭୟାବହ ହୋଇପାରେ ଏବଂ ସେଠାରେ ୫ ଦିନର ଗ୍ରୀଷ୍ମ ପ୍ରବାହରେ ୮, ୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇପାରନ୍ତି ବୋଲି ଏହି ଅଧ୍ୟୟନ ଅନୁମାନ କରିଛି। ସରକାରୀ ରିପୋର୍ଟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ପ୍ରାୟତଃ କମ୍ ରହିଥାଏ। କାରଣ ଅନେକ ମୃତ୍ୟୁକୁ ସଠିକ୍ ଭାବେ ଚିହ୍ନଟ କରାଯାଏ ନାହିଁ। ଅତ୍ୟଧିକ ଖରା ଯୋଗୁଁ ହେଉଥିବା ମୃତ୍ୟୁ ଗୁଡ଼ିକୁ ପ୍ରାୟତଃ ହୃଦଘାତ କିମ୍ବା ଶ୍ୱାସକ୍ରିୟା ଜନିତ ସମସ୍ୟା ବୋଲି ଦର୍ଶାଯାଇଥାଏ। ଫଳରେ ଜନସାଧାରଣ ଓ ପ୍ରଶାସନ ପ୍ରକୃତ ସ୍ଥିତି ଆକଳନ କରିବାରେ ବିଫଳ ହୁଅନ୍ତି। ଗ୍ରୀଷ୍ମ ପ୍ରବାହରେ ଚାଷୀ, ଦିନମଜୁରିଆ ଏବଂ ବୟସ୍କମାନେ ସବୁଠାରୁ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ସହରାଞ୍ଚଳରେ କଂକ୍ରିଟ୍ ନିର୍ମାଣ ଯୋଗୁଁ ରାତିରେ ତାପମାତ୍ରା କମୁନାହିଁ। ଲୋକଙ୍କୁ ସୂର୍ଯ୍ୟାସ୍ତ ପରେ ମଧ୍ୟ ଆଶ୍ୱସ୍ତି ମିଳୁନାହିଁ। ରାଜସ୍ଥାନରେ ତାପମାତ୍ରା ୫୦.୫ ଡିଗ୍ରୀ ଛୁଇଁଥିବା ବେଳେ ଦିଲ୍ଲୀ-ଏନସିଆର, ମଧ୍ୟପ୍ରଦେଶ ଏବଂ ଉତ୍ତର ପ୍ରଦେଶରେ ମଧ୍ୟ ଅତି ଭୟଙ୍କର ସ୍ଥିତି ଉପୁଜିଛି।

ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସରଙ୍କ ସନ୍ଦେହଜନକ ମୃତ୍ୟୁ

ଲକ୍ଷ୍ନୌ, ୨।୬(ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସହରରେ ଜଣେ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର (ମାନସୀ)ଙ୍କ ମୃତଦେହ ଶ୍ୱଶୁର ଘରୁ ସନ୍ଦେହଜନକ ଅବସ୍ଥାରେଉଦ୍ଧାର କରାଯାଇଛି। ଏହାକୁ ଏକ ଯୌତୁକ ଜନିତ ହତ୍ୟାକାଣ୍ଡ ବୋଲି ମାନସୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ମାନସୀଙ୍କ ସ୍ୱାମୀ ସାଗର ରାଜପୁତ ଓ ତାଙ୍କ ପରିବାର ଲୋକେ କାର୍ ଦାବି କରି ମାନସୀଙ୍କୁ ହତ୍ୟା କରିଛନ୍ତି ଏବଂ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଶବକୁ ଫାଶୀରେ ଝୁଲାଇ ଦେଇଛନ୍ତି। ପୁଲିସର ପ୍ରାଥମିକ ସୂଚନା ରିପୋର୍ଟ ଅନୁସାରେ, କାନପୁରର ବାସିନ୍ଦା ମାନସୀ ୨୦୨୪ ମସିହାରେ ସାଗର ରାଜପୁତଙ୍କୁ ବିବାହ କରିଥିଲେ। ଉଭୟ ସୋସିଆଲ୍ ମିଡିଆରେ ବେଶ୍ ସକ୍ରିୟ ଥିଲେ ଏବଂ ଇନ୍‌ଷ୍ଟାଗ୍ରାମରେ ସାଗରଙ୍କର ପ୍ରାୟ ୮ ଲକ୍ଷ ଫଲୋଅର୍ସ ରହିଛନ୍ତି। ବିବାହ ସମୟରେ ମାନସୀଙ୍କ ପରିବାର ପକ୍ଷରୁ ୭ ଲକ୍ଷ ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ଗୃହୋପକରଣ ଉପହାର ସ୍ୱରୂପ ଦିଆଯାଇଥିଲା। କିନ୍ତୁ ଏତିକିରେ ସନ୍ତୁଷ୍ଟ ନହୋଇ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ମାନସୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ।

ନେତନ୍ୟାହୁଙ୍କ ଉପରେ ବର୍ଷିଲେ ଟ୍ରମ୍ପ

ମୁଁ ନଥିଲେ ତୁମେ ଜେଲରେ ଥାଆନ୍ତ

ୱାସିଂଟନ/ତେଲ୍ ଅଭିଭ୍, ୨।୬(ଏଜେନ୍ସି): ଲେବାନନରେ ଇସ୍ରାଏଲର ବଢୁଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଇରାନ ସହିତ ଚାଲିଥିବା କୂଟନୈତିକ ଆଲୋଚନାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ଟେଲିଫୋନ କଥାବାର୍ତ୍ତା ହୋଇଛି। ଆଲୋଚନା ସମୟରେ ଟ୍ରମ୍ପ ଅତ୍ୟନ୍ତ କ୍ଷୁବ୍ଧ ହୋଇ ନେତନ୍ୟାହୁଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଥିବା ରିପୋର୍ଟ ପ୍ରକାଶ ପାଇଛି। ସୂତ୍ର ଅନୁସାରେ, ଟ୍ରମ୍ପ ନେତନ୍ୟାହୁଙ୍କୁ 'ପାଗଳ' ବୋଲି ସମ୍ବୋଧନ କରିବା ସହ କହିଛନ୍ତି ଯେ, 'ଯଦି ମୁଁ ନଥାନ୍ତି, ତେବେ ତୁମେ ଆଜି ଜେଲରେ ଥାଆନ୍ତ। ମୁଁ ତୁମକୁ ବଞ୍ଚାଉଛି, କିନ୍ତୁ ବର୍ତ୍ତମାନ ସମସ୍ତେ ତୁମକୁ ଏବଂ ଇସ୍ରାଏଲକୁ ଘୃଣା କରୁଛନ୍ତି'। ଲେବାନନରେ ହିଜବୁଲ୍ଲା ବିରୋଧରେ ଇସ୍ରାଏଲର ବ୍ୟାପକ ବିମାନ ଆକ୍ରମଣ ଏବଂ ସ୍ଥଳସୈନ୍ୟ ଅଭିଯାନ ଯୋଗୁଁ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିପଦରେ ପଡ଼ିଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି। ସେପଟେ ଇରାନ ପକ୍ଷରୁ ମଧ୍ୟ ଚେତାବନୀ ଦିଆଯାଇଛି ଯେ ଲେବାନନରେ ଆକ୍ରମଣ ଜାରି ରହିଲେ ୱାସିଂଟନ ସହ ଆଲୋଚନା ବାଧାପ୍ରାପ୍ତ ହେବ। ଏହି କଠୋର ବାର୍ତ୍ତାଳାପ ପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବେରୁତ ଉପରେ ଆକ୍ରମଣ ସ୍ଥଗିତ ହେବାସହ ଇସ୍ରାଏଲ ବର୍ତ୍ତମାନ ସେଠାକୁ ଯାଉଥିବା ସୈନ୍ୟମାନଙ୍କୁ ଫେରାଇ ଅଣିଛି। ଟ୍ରମ୍ପ ନିଜର ଟ୍ରୁଥ ସୋସିଆଲ୍ ଆକାଉଣ୍ଟରେ ଏହି ଆଲୋଚନାକୁ ଫଳପ୍ରଦ ବୋଲି ଦର୍ଶାଇଛନ୍ତି। ବେରୁତକୁ ସୈନ୍ୟ ପଠାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ, ନେତନ୍ୟାହୁ କହିଛନ୍ତି ଯେ ଦକ୍ଷିଣ ଲେବାନନରେ ଇସ୍ରାଏଲର ଅଭିଯାନ ଜାରି ରହିବ। ଯଦି ହିଜବୁଲ୍ଲା ପକ୍ଷରୁ ରକେଟ ମାଡ଼ ବନ୍ଦ ନହୁଏ, ତେବେ ବେରୁତ ଉପରେ ଆକ୍ରମଣ କରିବା ପାଇଁ ବିକଳ୍ପ ଖୋଲା ଅଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଘଟଣା ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଥିବା ସମ୍ପର୍କରେ ସୃଷ୍ଟି ହୋଇଥିବା ତିକ୍ତତାକୁ ଉଜାଗର କରୁଥିବା ବିଶେଷଜ୍ଞ ମାନେ କହିଛନ୍ତି। ଯୁଦ୍ଧ ପରିସ୍ଥିତିରୁ ମୁକୁଳିବାକୁ ୱାସିଂଟନ ଚେଷ୍ଟା କରୁଥିବା ବେଳେ ଇସ୍ରାଏଲର ବାରମ୍ବାର ବିଭିନ୍ନ ଦେଶ ଉପରେ ଆକ୍ରମଣ ଏଥିରେ ଭୀଷଣ ବାଧା ଉତ୍ପନ୍ନ କରୁଛି।

■ ଲେବାନନ୍ ଆକ୍ରମଣ ନେଇ କ୍ଷୁବ୍ଧ

ଟିଏମ୍‌ସି ରାଜନୀତିରେ ମହାସଙ୍କଟ

କଲିକତା, ୨।୬(ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବେ ଏକ ବଡ଼ ଧରଣର ଆଭ୍ୟନ୍ତରୀଣ ବଦ୍ରୋହର ସମ୍ମୁଖୀନ ହୋଇଛି। ପ୍ରାୟ ୫୦ ଜଣ ବିଧାୟକ ଦଳରୁ ଅଲଗା ହୋଇ ନିଜକୁ 'ଅସଲି ତୃଣମୂଳ' ଭାବେ ଦାବି କରିବା ସହ ଦଳର

ନିର୍ବାଚନ ଚିହ୍ନ 'ଯୋଡ଼ା ଫୁଲ' ଉପରେ ହକ ଜାହିର କରିବାକୁ ପ୍ରସ୍ତୁତ ହେଉଥିବା ଖବର ପ୍ରକାଶ ପାଇବା ପରେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଦଳରୁ ବହିଷ୍କୃତ ହୋଇଥିବା ଜାତୀୟ ମୁଖପାତ୍ର ରିଜୁ ଦତ୍ତଙ୍କ କହିବା ଅନୁଯାୟୀ, କଲିକତାର ଏକ ପ୍ରତିଷ୍ଠିତ ହୋଟେଲରେ ପ୍ରାୟ ୫୦ ଜଣ ବିଧାୟକ ଏକ ଗୁପ୍ତ ବୈଠକ କରି ଏଭଳି ଯୋଜନା ପ୍ରସ୍ତୁତ କରିଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ଚୟନ ପ୍ରକ୍ରିୟାରେ ବିଧାୟକମାନଙ୍କ ଜାଲ୍ ଦସ୍ତଖତ ଅଭିଯୋଗକୁ ନେଇ ଏଭଳି ଅସନ୍ତୋଷ ତୀବ୍ର ହୋଇଛି। ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମସିର ବର୍ତ୍ତମାନ ୮୦ ଜଣ ବିଧାୟକ ଅଛନ୍ତି।

ଅନ୍ୟପକ୍ଷେରେ ଟିଏମସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି ଦଳକୁ କ୍ଷମତାଚ୍ୟୁତ କରିବା ପରେ ଏବେ ଦଳ ଭିତରେ ଫାଟ ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର ଚଳାଇଛି ବିଜେପି। ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ। ଆଜି ଏଠାରେ

'ଦଳକୁ ଭାଙ୍ଗିବା ଲାଗି ଷଡ଼ଯନ୍ତ୍ର କରାଯାଉଛି'

ଧାରଣାରେ ବସିଥିବା ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରେ ୨୯୪ ଆସନ ମଧ୍ୟରୁ ୧୭୯ଟି ଆସନରେ ଜାଲିଆତି କରି ଫଳାଫଳକୁ ନିଜ ସପକ୍ଷରେ କରିଛି ବିଜେପି। ରାଜ୍ୟରେ ବିଜେପି ସରକାରକୁ ଖୁବଶୀଘ୍ର ବିତାଡ଼ିତ କରାଯିବ ବୋଲି ସେ କହିଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ବିଜେପିର ବିଜୟ ପରେ ଟିଏମ୍‌ସି କର୍ମୀ ଓ ନେତାଙ୍କ ଉପରେ ହୋଇଥିବା ଆକ୍ରମଣ ବିରୋଧରେ ଦଳର ସୁପ୍ରିମୋ ମମତା ବାନାର୍ଜୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସେ କେନ୍ଦ୍ରୀୟ କୋଲକାତାରେ ଏକ ଦିନିକିଆ ଧାରଣା ଆରମ୍ଭ କରିଛନ୍ତି।

ୟୁକ୍ରେନ ଉପରେ ରୁଷର ଆକ୍ରମଣ: ୧୬ମୃତ, ଶହ ଶହ ଆହତ

କିଭ୍, ୨।୬(ଏଜେନ୍ସି): ୟୁକ୍ରେନ ଉପରେ ରୁଷ ପକ୍ଷରୁ କରାଯାଇଥିବା ମିସାଇଲ ଏବଂ ଡ୍ରୋନ ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶହ ଶହ ଲୋକ ଆହତ ହୋଇଛନ୍ତି। ରୁଷର ଏହି ଶକ୍ତିଶାଳୀ ଆକ୍ରମଣ ପରେ ସାରା ଦେଶରେ ଆତଙ୍କ ଖେଳିଯାଇଛି। ୟୁକ୍ରେନର ରାଜଧାନୀ କିଭ୍‌ରେ ରୁଷର ବାଲିଷ୍ଟିକ ମିସାଇଲ ମାଡ଼ରେ ୪ ଜଣଙ୍କର ପ୍ରାଣହାନି ଘଟିଛି ଏବଂ ୫୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ମଧ୍ୟ ସାମିଲ ଅଛନ୍ତି। ସେହିପରି ଦନିପ୍ରୋ ସହରରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କିଛି ଦିନ ପୂର୍ବରୁ ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦେଇଥିଲେ। ଗୋଇନ୍ଦା ରିପୋର୍ଟ ଆଧାରରେ ସେ କହିଥିଲେ ଯେ ରୁଷ ଏକ ବୃହତ ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛି। ଜେଲେନସ୍କି ପୁଣି ଥରେ ପାଶ୍ଚାତ୍ୟ ସହଯୋଗୀ ଦେଶଗୁଡ଼ିକୁ, ବିଶେଷ କରି ଆମେରିକାକୁ ଅଧିକ ପାଟ୍ରିଅଟ୍ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଖାର୍କିଭ୍ ସହରରେ ମଧ୍ୟ ରୁଷର ରାତିକାଳୀନ ଆକ୍ରମଣରେ ଏକ ଶିଶୁ ସମେତ ୧୦ ଜଣ ଆହତ ହୋଇଛନ୍ତି। ଅନ୍ୟପଟେ ୟୁକ୍ରେନ ପକ୍ଷରୁ ମଧ୍ୟ ରୁଷର କୁର୍‌ସ୍କ ଅଞ୍ଚଳରେ ଡ୍ରୋନ ଆକ୍ରମଣ କରାଯାଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ରୁଷ ଅଧିକାରୀମାନେ ପ୍ରକାଶ କରିଛନ୍ତି।

ମ୍ୟାଁମାରରେ ଭାରତ ବିରୋଧୀ କାର୍ଯ୍ୟକଳାପ ହେବ ନାହିଁ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଭାରତ ଗସ୍ତରେ ଥିବା ମିଆଁମାର ରାଷ୍ଟ୍ରପତି ଜେନେରାଲ ମିନ୍ ଅଙ୍ଗ ହ୍ଲାଇଙ୍ଗ୍ ଭାରତର ସୁରକ୍ଷା ସ୍ୱାର୍ଥ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ, ମିଆଁମାରର ଭୂଖଣ୍ଡକୁ ନୂଆଦିଲ୍ଲୀ ବିରୋଧରେ କୌଣସି ପ୍ରକାର ଅପକର୍ମ କିମ୍ବା ସୁରକ୍ଷା ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବାକୁ ଦିଆଯିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକ ପରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ଏହି ସୂଚନା ଦେଇଛନ୍ତି। ୪ ଦିନିଆ ଭାରତ ଗସ୍ତରେ ଆସିଥିବା ରାଷ୍ଟ୍ରପତି ହ୍ଲାଇଙ୍ଗ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ମିଆଁମାରର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ପ୍ରତି ଭାରତର ସମର୍ଥନକୁ ଦୋହରାଇଛନ୍ତି। ଭାରତର 'ନେବରହୁଡ୍ ଫାଷ୍ଟ', 'ଆକ୍ଟ ଇଷ୍ଟ' ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ନୀତିରେ ମିଆଁମାର ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଗସ୍ତ ସମୟରେ ଅର୍ଥନୈତିକ ସହଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ମୋଦୀଙ୍କୁ ପ୍ରତିଶ୍ରୁତି ଦେଲେ ମିନ୍ ଅଙ୍ଗ୍

ପୁଣି ଏକାଠି ହୋଇପାରନ୍ତି ଶିବ ସେନା ପରିବାର

ମୁମ୍ବାଇ, ୨।୬(ଏଜେନ୍ସି): ମହାରାଷ୍ଟ୍ରରେ ଶିବସେନା (ୟୁବିଟି) ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ, ଉପ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀର ନେତାମାନଙ୍କୁ ପୁଣି ଥରେ ଦଳକୁ ଫେରିବା ପାଇଁ ନିମନ୍ତ୍ରଣ ଦେଇଛନ୍ତି। ମହାରାଷ୍ଟ୍ର ରାଜନୀତିରେ ବିଜେପି ଦ୍ୱାରା ଶିନ୍ଦେ ଶିବିରର ନେତାମାନେ ଅବହେଳିତ କିମ୍ବା ଅପମାନିତ ଅନୁଭବ କରୁଥିବା ଖବର ପ୍ରଚାର ହୋଇଛି। ଏହାରି ମଧ୍ୟରେ ମଙ୍ଗଳବାର ନାସିକରେ ସାମ୍ବାଦିକମାନଙ୍କ ସହ ସଞ୍ଜୟ ରାଉତ କଥା ହେବା ବେଳେ ଶିନ୍ଦେଙ୍କ ଗୋଷ୍ଠୀକୁ ଦଳକୁ ଫେରିବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ, ଯଦି ୨୦୨୨ରେ ଶିନ୍ଦେଙ୍କ ସହ ଯାଇଥିବା କୌଣସି ନେତା ନିଜର ଭୁଲ୍ ପାଇଁ ଅନୁତାପ କରୁଛନ୍ତି, ତେବେ ସେମାନେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଦଳକୁ ଫେରିଆସିବା

ଉଚିତ। ଯଦି କେହି ଅନୁଭବ କରୁଛନ୍ତି ଯେ ବିଜେପି ସେମାନଙ୍କୁ ଅପମାନିତ କରୁଛି, ତେବେ ସେମାନଙ୍କ ପାଇଁ ଦ୍ୱାର ଖୋଲା ଅଛି। ତେବେ ରାଉତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଦଳ ଛାଡ଼ିଥିବା ସମସ୍ତ ବ୍ୟକ୍ତିଙ୍କୁ ପୁନଃ ପ୍ରବେଶର ସୁଯୋଗ ମିଳିବ ନାହିଁ। ଏହି ନିମନ୍ତ୍ରଣ ପଛରେ ଶିନ୍ଦେ ଗୋଷ୍ଠୀ ମଧ୍ୟରେ ଉପୁଜିଥିବା ଅସନ୍ତୋଷ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ନିକଟରେ ଶିନ୍ଦେ ଗୋଷ୍ଠୀର ନେତା ଅବଦୁଲ ସତ୍ତାର କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ବିଜେପି ଶିବସେନା (ୟୁବିଟି)ର ହାତ ଓ ଗୋଡ଼ କାଟିଥିବା ବେଳେ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏହାର 'ମୁଣ୍ଡ କାଟିବା' ପାଇଁ ଚେଷ୍ଟା କରୁଛି। ଯଦି ବିଜେପି ଆମକୁ ଶେଷ କରିବାକୁ ଚାହୁଁଛି, ତେବେ ଏହି ମେଣ୍ଟର କୌଣସି ଅର୍ଥ ନାହିଁ ବୋଲି ସତ୍ତାର କହିଥିଲେ। ତେବେ ରାଉତ ବିଜେପି ଦଳକୁ ଭାଙ୍ଗିବାକୁ ଷଡ଼ଯନ୍ତ୍ର କରିଥିଲା ବୋଲି କହିବା ସହ ଶିନ୍ଦେ ଗୋଷ୍ଠୀକୁ ନିର୍ବାଚନ କମିଶନଙ୍କ 'ଦୁର୍ନୀତିଗ୍ରସ୍ତ ପଦ୍ଧତି'ରୁ ଜନ୍ମିତ ଏକ ଗୋଷ୍ଠୀ ବୋଲି କଟାକ୍ଷ କରିଛନ୍ତି। ଅନ୍ୟପଟେ ଶିବସେନା (ୟୁବିଟି) ମୁଖପାତ୍ର ସୁଷମା ଅନ୍ଧାରେ, ଅବଦୁଲ ସତ୍ତାରଙ୍କ ବୟାନ ଉପରେ ପ୍ରତିକ୍ରିୟା ଦେଇ ବିଜେପିକୁ 'ଧୀମା ବିଷ' ବୋଲି ଅଭିହିତ କରିଛନ୍ତି।

ଆମେରିକାରେ ୩୦ ଭାରତୀୟ ଟ୍ରକ ଡ୍ରାଇଭର ଗିରଫ

ନ୍ୟୁୟର୍କ, ୨।୬(ଏଜେନ୍ସି): ଆମେରିକାରେ ବେଆଇନ ଭାବେ ରହି ବାଣିଜ୍ୟିକ ଟ୍ରକ ଚଲାଉଥିବା ଅଭିଯୋଗରେ ୩୦ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି। ଆରିଜୋନାର ୟୁମା ସେକ୍ଟରରେ ସଂଘୀୟ ଏଜେଣ୍ଟମାନଙ୍କ ଏକ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚେକମେଟ' ମେ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଗିରଫ ହୋଇଥିବା ଭାରତୀୟମାନଙ୍କୁ ଖୁବଶୀଘ୍ର ନିଜ ଦେଶକୁ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି। ୟୁଏସ କଷ୍ଟମ୍ସ ଆଣ୍ଡ ବର୍ଡର ପ୍ରୋଟେକ୍ସନ ପକ୍ଷରୁ ଏନେଇ ବିବୃତ୍ତି ଜାରି କରାଯାଇଛି। ମୋଟ ୫୨ ଜଣ ଅନୁପ୍ରବେଶକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣ ସେମି-ଟ୍ରକ ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଏହି ୩୬ ଜଣ ଚାଳକଙ୍କ ମଧ୍ୟରୁ ୩୦ ଜଣ ଭାରତର ହୋଇଥିବା ବେଳେ ବାକି ୬ ଜଣ ମେକ୍ସିକୋ, ଏଲ୍ ସାଲଭାଡୋର ଏବଂ ରୁଷର ନାଗରିକ ବୋଲି ପରିଚୟ ମିଳିଛି। ଗିରଫ ଚାଳକମାନଙ୍କ ମଧ୍ୟରୁ କେତେକଙ୍କ ପାଖରେ କାଲିଫର୍ଣ୍ଣିଆ, ନ୍ୟୁୟର୍କ, ୱାସିଂଟନ ଏବଂ ଭର୍ଜିନିଆ ଭଳି ରାଜ୍ୟର ବାଣିଜ୍ୟିକ ଡ୍ରାଇଭିଂ ଲାଇସେନ୍ସ ରହିଥିଲା। କେତେକଙ୍କ ପାଖରେ ଆଦୌ କୌଣସି ଡ୍ରାଇଭିଂ ଲାଇସେନ୍ସ ନଥିଲା। ଅଧିକାଂଶଙ୍କ ପାଖରେ ଜୋ ବାଇଡେନ ପ୍ରଶାସନ ସମୟରେ ପ୍ରଦାନ କରାଯାଇଥିବା କାର୍ଯ୍ୟ ଅନୁମତି ପତ୍ର ଥିଲେ ହେଁ, ସେଗୁଡ଼ିକର ଅବଧି ଶେଷ ହୋଇଯାଇଥିଲା। ସୂଚନାଯୋଗ୍ୟ, ବିଗତ କିଛି ମାସ ମଧ୍ୟରେ ଆମେରିକାରେ ଭାରତୀୟ ବଂଶୋଦ୍ଭବ ଟ୍ରକ ଚାଳକଙ୍କ ଦ୍ୱାରା ଘଟିଥିବା କେତେକ ଦୁର୍ଘଟଣା ପରେ କାର୍ଯ୍ୟାନୁଷ୍ଠାନକୁ କଡ଼ାକଡ଼ି କରାଯାଇଛି। ଗିରଫ ସମସ୍ତ ବ୍ୟକ୍ତିଙ୍କୁ ସଂଘୀୟ ଆଇନ ଅନୁଯାୟୀ ପ୍ରକ୍ରିୟାକରଣ କରାଯାଇ ସେମାନଙ୍କୁ ଦେଶାନ୍ତର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ

ତେହରାନ୍, ୨।୬(ଏଜେନ୍ସି): ଲେବାନନ୍ ଉପରେ ଇସ୍ରାଏଲ୍‌ର କ୍ରମାଗତ ଆକ୍ରମଣକୁ ନେଇ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଇରାନ, ଇସ୍ରାଏଲକୁ ପ୍ରତ୍ୟକ୍ଷ ସଂଘର୍ଷ ପାଇଁ ଚେତାବନୀ ଦେଇଛି। ମଙ୍ଗଳବାର ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଲେବାନନ୍ ବାଚସ୍ପତି ନବିହ ବେରିଙ୍କ ସହ ଆଲୋଚନା କରି ଏହି କଠୋର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବାଚସ୍ପତି ଗାଲିବାଫ୍ କହିଛନ୍ତି ଯେ ଯଦି ଲେବାନନ୍‌ରେ ଇସ୍ରାଏଲର ଅପରାଧ ଜାରି ରହେ, ତେବେ ଇରାନ କେବଳ ଆମେରିକା ସହ ଜାରି ରହିଥିବା ଶାନ୍ତି ଆଲୋଚନାକୁ ସ୍ଥଗିତ ରଖିବ ନାହିଁ, ବରଂ ଇସ୍ରାଏଲ ବିରୋଧରେ ଦୃଢ଼ତାର ସହ ଠିଆ ହେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଇରାନବାସୀଙ୍କ ଅଧିକାର ସୁରକ୍ଷିତ ନହୋଇଛି, ସେପର୍ଯ୍ୟନ୍ତ ତେହେରାନ ଆମେରିକା ସହ କୌଣସି ଚୁକ୍ତିରେ ସହମତି ପ୍ରକାଶ କରିବ ନାହିଁ। ସୂଚନାଯୋଗ୍ୟ, ଇରାନ ବର୍ତ୍ତମାନ ମଧ୍ୟସ୍ଥିଙ୍କ ଜରିଆରେ ଆମେରିକା ସହ ବାର୍ତ୍ତା ବିନିମୟ ବନ୍ଦ କରିଦେଇଛି। ଇରାନର ଅନୁଯାୟୀ, ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ବୁଝାମଣାରେ ଲେବାନନ୍ ମଧ୍ୟ ଏକ ଅଂଶ ରହିଥିଲା। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ସ୍ପଷ୍ଟ କରିଛନ୍ତି ଯେ, ଯଦି କୌଣସି ଗୋଟିଏ ସାମ୍ମୁଖ୍ୟରେ ଯୁଦ୍ଧବିରତି ଉଲ୍ଲଂଘନ ହୁଏ, ତେବେ ଏହାକୁ ସମସ୍ତ ସାମ୍ମୁଖ୍ୟରେ ଉଲ୍ଲଂଘନ ବୋଲି ବିବେଚନା କରାଯିବ। ଇସ୍ରାଏଲର ଆକ୍ରମଣ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଅବରୋଧ ହେବା ସହ ସାମଗ୍ରିକ ପରିସ୍ଥିତି ଆହୁରି ଜଟିଳ ହୋଇଛି। ସେପଟେ ଲେବାନନ୍‌ରେ ସକ୍ରିୟ ଥିବା ହିଜବୁଲ୍ଲାକୁ ଇରାନ ସମର୍ଥନ କରୁଛି। କିନ୍ତୁ ଆମେରିକାର ଟ୍ରମ୍ପ ପ୍ରଶାସନ ଇରାନ ସହ ଶାନ୍ତି ଚୁକ୍ତି ପାଇଁ ହିଜବୁଲ୍ଲାର ନିରସ୍ତ୍ରୀକରଣକୁ ଏକ ପ୍ରମୁଖ ସର୍ତ୍ତ ଭାବେ ରଖିଛି। ଅନ୍ୟପଟେ ଇସ୍ରାଏଲର ଦାବି ହେଉଛି ଯେ ପାକିସ୍ତାନରେ ହୋଇଥିବା ଆଲୋଚନାରେ ଲେବାନନ୍ ସାମିଲ ନଥିଲା। ଏହି ପରି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ପଶ୍ଚିମ ଏସିଆରେ ଏକ ବଡ଼ ଧରଣର ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଇରାନ ହର୍ମୁଜରେ ନିଜର ପ୍ରତିରୋଧ ଜାରି ରଖିବା ଏବଂ ଆମେରିକା-ଇସ୍ରାଏଲକୁ ଏହାର ପରିଣାମ ପାଇଁ ଦାୟୀ କରିବାକୁ ଚେତାବନୀ ଦେଇଛି।

ଗୁଳୁଗୁଳି ସହ ଜାରି ରହିବ କାଳବୈଶାଖୀ

ଭୁବନେଶ୍ୱର, ୨।୬(ସମିସ): ରାଜ୍ୟରେ କାଳବୈଶାଖୀ ପ୍ରଭାବ ଜାରି ରହିଛି। ଦିନରେ ଅନେକ ସ୍ଥାନରେ ଗରମ ଗୁଳୁଗୁଳି ଲାଗି ରହିଥିବା ବେଳେ ଅପରାହ୍ଣ ପରେ ଭୀଷଣ କାଳବୈଶାଖୀ ହେଉଛି। ବିଶେଷକରି, ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଅଧିକ ରହୁଥିବା ବେଳେ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ପ୍ରବଳ କାଳବୈଶାଖୀ ପାଇଁ ପାଣିପାଗ କେନ୍ଦ୍ର ଆକଳନ କରିଛି। ଗତ ୨୪ଘଣ୍ଟାରେ ଭଦ୍ରକରେ ୧୩.୪ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କେନ୍ଦୁଝରରେ ୧୨.୫ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବାଲେଶ୍ୱର, ବାରିପଦା, ଚାନ୍ଦବାଲି, ଅନୁଗୁଳ, ରାୟଗଡ଼ା ଓ ଯାଜପୁରରେ ମଧ୍ୟ କାଳବୈଶାଖୀ ଜନିତ ବର୍ଷା ରେକର୍ଡ ହୋଇଛି। ବୁଧବାର କେନ୍ଦୁଝର, ମୟୂରଭଞ୍ଜ ଓ ନବରଙ୍ଗପୁରରେ ଭୀଷଣ କାଳବୈଶାଖୀ ଆଶଙ୍କା ସହ ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୫୦-୬୦କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୪୦-୫୦ କିମି ବେଗରେ ପବନ ବହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ କାଳବୈଶାଖୀ ସାଙ୍ଗକୁ ରାଜ୍ୟରେ ଆଗକୁ ଗୁଳୁଗୁଳି ମଧ୍ୟ ଜାରି ରହିବ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

ବଜ୍ରପାତରେ ଦୁଇ ଭାଇ ମୃତ

କିଶୋରନଗର, ୨।୬ (ସମିସ): କିଶୋରନଗର ବ୍ଲକ୍ ହଣ୍ଡପା ଥାନା ଅଧୀନ ପାପସରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବଜ୍ରପାତରେ ଦୁଇ ସମ୍ପର୍କୀୟ ଭାଇଙ୍କ ଜୀବନ ଯାଇଛି। ମୃତ ଯୁବକଦ୍ୱୟ ହେଲେ, ସଞ୍ଜୟ ସାହୁ(୨୫) ଓ ଆରତ ବେହେରା (୨୩)। ଗତରାତିରେ ଏହି ଅଘଟଣ ଘଟିଛି।

ଗତକାଲି ଅପରାହ୍ଣରେ ସଞ୍ଜୟ ଓ ଆରତ ଚାଷ କାମ ପାଇଁ ବିଲକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବିଲରେ କାମ କରୁଥିବା ଅବସ୍ଥାରେ ହିଁ ଦୁହେଁ ବଜ୍ରାଘାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଦୁହେଁ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହଣ୍ଡପା ଥାନା ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁଇ ଯୁବକଙ୍କ ମୃତ୍ୟୁରେ ସ୍ଥାନୀୟ ପ୍ରଶାସନ ତଥା ଜନପ୍ରତିନିଧିମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

ଶିମିଳିପାଳ ପାଇଁ ଖୁସି ଖବର

୪ ଶାବକ ଜନ୍ମ ଦେଲା ଜିନତ

ବାରିପଦା, ୨।୬(ସମିସ): ଶିମିଳିପାଳ ଅଭୟାରଣ୍ୟରେ ବାଘଙ୍କ ଜେନେଟିକ୍ ବିବିଧତା ବଢ଼ାଇବା ଲକ୍ଷ୍ୟ ନେଇ ଓଡ଼ିଶା ବନ ବିଭାଗର ପ୍ରୟାସକୁ ଏକ ବଡ଼ ସଫଳତା ମିଳିଛି। ମହାରାଷ୍ଟ୍ରର ତାଡ଼ୋବା-ଅନ୍ଧାରୀ ଅଭୟାରଣ୍ୟରୁ ଏଠାକୁ ଆସିଥିବା ବାଘୁଣୀ ଜିନତ ଏକାଥରକେ ୪ଟି ଶାବକ ଜନ୍ମ ଦେଇ ଶିମିଳିପାଳ ପାଇଁ ଖୁସି ଖବର ଆଣି ଦେଇଛି। ଗତ ମେ' ମାସରେ ଜିନତ ୪ଟି ସ୍ୱାସ୍ଥ୍ୟବାନ୍ ଶାବକ ଜନ୍ମ ଦେଇଛି। ଛୁଆଗୁଡ଼ିକର ବୟସ ପ୍ରାୟ ୩ରୁ ୪ ସପ୍ତାହ ହୋଇଥିବା ଜଣାପଡ଼ିଛି। ଜିନତ ତା' ଶାବକମାନଙ୍କୁ ନେଇ ଯାଉଥିବାର ଦୃଶ୍ୟ ଗତ ମେ' ୨୮ ତାରିଖରେ ଏଆଇ କ୍ୟାମେରାରେ କଏଦ୍ ହୋଇଛି।

ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଐତିହାସିକ ସଫଳତା: ମୁଖ୍ୟମନ୍ତ୍ରୀ

ସମସ୍ତ ଛୁଆ ସାଧାରଣ ରଙ୍ଗର ବୋଲି ଓଡ଼ିଶା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସାଟେଲାଇଟ୍ କଲର୍ ଏବଂ ଭିଏଚ୍ଏଫ୍ ସିଗନାଲ ମାଧ୍ୟମରେ ଜିନତ ଓ ଶାବକମାନଙ୍କ ଉପରେ ନଜର ରଖାଯାଇଛି। ଅଞ୍ଚଳରେ ପାଟ୍ରୋଲିଂ ମଧ୍ୟ ବଢ଼ାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ, ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଏହା ଐତିହାସିକ ସଫଳତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦର୍ଶାଇଛନ୍ତି ଯେ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ସହ ଜେନେଟିକ୍ ବିବିଧତାକୁ ଏହା ମଜବୁତ କରିବ। ବୈଜ୍ଞାନିକ ପଦ୍ଧତି ଆଧାରିତ ସଂରକ୍ଷଣ କାର୍ଯ୍ୟକ୍ରମ ଏବଂ ବନ ବିଭାଗର କର୍ମଚାରୀମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସର ଏହା ଏକ ଉଜ୍ଜ୍ୱଳ ଉଦାହରଣ। ସେହିପରି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଓଡ଼ିଶାର ସୁଦୃଢ଼ ବନ୍ୟପ୍ରାଣୀ ସଂରକ୍ଷଣ ନୀତି ଓ ପ୍ରଶାସନିକ ଦୂରଦୃଷ୍ଟିର ଏହା ଏକ ଉଜ୍ଜ୍ୱଳ ଉଦାହରଣ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅନୁକୂଳ ପରିବେଶ ଓ ସୁରକ୍ଷିତ ବାସସ୍ଥାନ ଏହି ସଫଳତାକୁ ସମ୍ଭବ କରିଛି।

ସୂଚନାଯୋଗ୍ୟ, ଓଡ଼ିଶା ବନ ବିଭାଗ ତାଡ଼ୋବାରୁ ଦୁଇଟି ବାଘୁଣୀ (ଜମୁନା ଓ ଜିନତ)ଙ୍କୁ ୨୦୨୪ ମସିହାରେ ଶିମିଳିପାଳକୁ ଆଣିଥିଲା। କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୬ ସେପ୍ଟେମ୍ବର ୨୦୨୪ରେ ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲା। ଜିନତ ପ୍ରଥମେ ଶିମିଳିପାଳରୁ ବାହାରକୁ ଯାଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ପ୍ରାୟ ୨୫୦ କିଲୋମିଟର ଯାତ୍ରା

କରିଥିଲା। କିନ୍ତୁ, ଓଡ଼ିଶା ବନ ବିଭାଗର ଫ୍ରଣ୍ଟ ଲାଇନ୍ ଷ୍ଟାଫ୍ ଓ ପଶ୍ଚିମବଙ୍ଗ ବନ ବିଭାଗର ସହଯୋଗରେ ୧ ଜାନୁଆରୀ ୨୦୨୫ରେ ତାକୁ ପୁନର୍ବାର ଧରି ଶିମିଳିପାଳକୁ ଫେରାଇ ଆଣଯାଇଥିଲା। ଏପ୍ରିଲ୍ ୨୦୨୫ରେ ପୁଣି ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା। ପରେ ତା'ର ସ୍ଥାନୀୟ ପୁରୁଷ ବାଘ ସହ ମିଳନ ହୋଇଥିଲା। ଜାନୁଆରୀ ୨୦୨୬ରେ ଦ୍ୱିତୀୟଥର ମିଳନ ପରେ ଜିନତ ଗର୍ଭ ଧାରଣ କରିଥିଲା। ଏବେ ଜିନତ ୪ଟି ଶାବକ ଜନ୍ମ ଦେଇ ଶିମିଳିପାଳ ପାଇଁ ଖୁସି ଖବର ଆଣିଦେଇଛି। ଓଡ଼ିଶା ବନ ବିଭାଗର ଆନ୍ତଃରାଜ୍ୟ ବାଘ ସ୍ଥାନାନ୍ତର ପ୍ରକଳ୍ପର ଏକ ବଡ଼ ସଫଳତା ଭାବେ ପ୍ରମାଣିତ ହୋଇଛି।

ଗୋଟିଏ ରଶିରେ ଝୁଲିପଡ଼ିଲେ ଦମ୍ପତି

ପିପିଲି,୨।୬(ସମିସ): ପିପିଲି ଥାନା ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ ଅର୍ଜ୍ଜୁନସିଂହପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ବନ୍ଦ ଘରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହକୁ ସାତଶଙ୍ଖ ଫାଣ୍ଡି ପୁଲିସ ଜବତ କରିଛି। ମୃତ ଦମ୍ପତି ହେଲେ, ଭାସ୍କର ଚନ୍ଦ୍ର ଦାଶ (୪୦) ଏବଂ ତାଙ୍କ ସ୍ତ୍ରୀ କାଜଲ ଦାଶ(୨୭)।

ଭାସ୍କର ୮ବର୍ଷ ତଳେ ସତ୍ୟବାଦୀ ଥାନା ଅନ୍ତର୍ଗତ ଚଉଦବାଟିଆ ଗ୍ରାମରେ ବିବାହ କରିଥିଲେ। ତାଙ୍କର କୌଣସି ସନ୍ତାନ ନ ଥିଲେ। ଉକ୍ତ ଦମ୍ପତି ନିଜ ଘର ପାଖରେ ଏକ ଭଡ଼ା ଘର ନେଇ ରହୁଥିଲେ। ଗୋଟିଏ ରଶିର ଉଭୟ ପାର୍ଶ୍ୱରେ ଦୁହେଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କେଉଁ କାରଣରୁ ଦମ୍ପତି ଆତ୍ମହତ୍ୟା କଲେ, ତାହାର କାରଣ ଅସ୍ପଷ୍ଟ ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ଭାସ୍କରଙ୍କ ପିତା କୈଳାସ ଦାଶଙ୍କ ଲିଖିତ ଅଭିଯୋଗ ଆଧାରରେ ପିପିଲି ଥାନା ପୁଲିସ ନମ୍ବର ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମରଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି। ମାଜିଷ୍ଟ୍ରେଟ୍ ତଥା ପିପିଲିର ଅତିରିକ୍ତ ତହସିଲ୍‌ଦାରଙ୍କ ଉପସ୍ଥିତିରେ ଶବ ଜବତ କରାଯାଇଛି। ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ଉପସ୍ଥିତ ଥିବା ବେଳେ ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଥିବା ନେଇ ଫାଣ୍ଡି ଅଧିକାରୀ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

ରାଜ୍ୟରେ ପୁଲିସ ବର୍ବରତାକୁ ନେଇ କଂଗ୍ରେସର ଉଦ୍‌ବେଗ

ଅପରାଧୀ କର୍ମଚାରୀଙ୍କ ବଦଳି ଓ ନିଲମ୍ବନ ସମାଧାନ ନୁହଁ

ଭୁବନେଶ୍ୱର,୨।୬(ସମିସ): ରାଜ୍ୟରେ ପୁଲିସ ପ୍ରଶାସନର ବର୍ବରତା ସବୁ ସୀମା ଟପି ସାରିଲାଣି। ଥାନା ଭିତରେ ନିର୍ଯାତନା ଏବଂ ହାଜତ ମୃତ୍ୟୁ ମାମଲା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଘଟୁଥିବା ହିଂସା ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ପୁଲିସ ପ୍ରଶାସନ ବିଫଳ ହୋଇ ଥିବାବେଳେ ସାଧାରଣ ଲୋକଙ୍କୁ ହାଜତରେ ନିର୍ଯାତନା ଦେବା

ନିନ୍ଦନୀୟ ବୋଲି ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ଏବଂ ମୁଖପାତ୍ର ଡଃ ମନିଷା ଦାସ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟରେ ଆଇଶୃଙ୍ଖଳା ସରକାରଙ୍କ ଆୟତରେ ନାହିଁ ବୋଲି ଉଲ୍ଲେଖ କରି ଦିନକୁ ଦିନ ରାଜ୍ୟରେ ଅରାଜକତା, ହିଂସା, ହତ୍ୟା, ଧର୍ଷଣ, ସାଧାରଣ ଲୋକଙ୍କ ଉପରେ ନିର୍ଯ୍ୟାତନା, ପୁଲିସ ବର୍ବରତା ବଢି ଚାଲିଥିବା ନେଇ ଶ୍ରୀ ପ୍ରଧାନ ଉଦବେଗ ପ୍ରକାଶ କରିଛନ୍ତି। କବିସୂର୍ଯ୍ୟ ନଗରରେ ଘଟିଥିବା ହାଜତ ହତ୍ୟା ପାଇଁ ସରକାରଙ୍କ ଗୃହ ବିଭାଗ ଏବଂ ପୁଲିସର ଅପାରଗତା ଦାୟୀ ବୋଲି ସେ ଅଭିଯୋଗ କରି ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି। ସେହିପରି ମୁଖପାତ୍ର ଡଃ ମନିଷା କହିଛନ୍ତି ଯେ ପୁଲିସ ମହାନିର୍ଦ୍ଦେଶକ ଗତ ୧୦ ଦିନ ଭିତରେ ଦୁଇଥର କହିସାରିଲେଣି ଓଡ଼ିଶାରେ ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ। ଏହାସତ୍ତ୍ୱେ ଅପରାଧୀ ନିର୍ଭୟରେ ଅପରାଧ ଘଟାଇ ଚାଲିଛନ୍ତି। ମାତ୍ର ପୁଲିସ ସାଧାରଣ ଲୋକଙ୍କୁ ଥାନାକୁ ଡକାଇ ଅକଥନୀୟ ନିର୍ଯାତନା ଦେଉଛି। ବାରଙ୍ଗ ଥାନାରେ ରାକେଶ ବେହେରାଙ୍କୁ ପୁଲିସ ଅଟକ ରଖି ନିର୍ଯାତନା ଦେବା ପରେ ସେ ଜୀବନ-ମରଣ ସହ ସଂଘର୍ଷ କରୁଛନ୍ତି। ରାଜନଗର ତାଲଚୁଆ ସାମୁଦ୍ରିକ ଥାନା ଭିତରେ ଆଇଆଇସି ଜଣେ ଗରିବ ମା' ଓ ପୁଅଙ୍କୁ ଅମାନୁଷିକ ଭାବେ ପିଟିଲେ, ମାତ୍ର ଆଇଆଇସିଙ୍କୁ ବଦଳି କରି ପୁଲିସ ପ୍ରଶାସନ ଚୁପ୍ ବସିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନାର ଆଇଆଇସି ଜଣେ ନିରୀହ ଭିନ୍ନକ୍ଷମ ଯୁବକଙ୍କୁ ଉଠାଇ ଆଣି ଦୀର୍ଘ ଦିନ ଧରି ହାଜତ ଭିତରେ ଅକଥନୀୟ ନିର୍ଯାତନା ଏବଂ ପ୍ରବଳ ମାଡ ଦେବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। ଗତ ୨୦ ଦିନ ଭିତରେ ଗଞ୍ଜାମ ଜିଲାରେ ୧୦ଟି ହତ୍ୟାକାଣ୍ଡ ହେଲାଣି। ୨୦୨୫-୨୬ ବର୍ଷରେ ଓଡ଼ିଶାରେ ହାଜତ ମୃତ୍ୟୁ ସଂଖ୍ୟା ୧୦ରେ ପହଞ୍ଚିଛି। କେବଳ ବଦଳି ଆଉ ନିଲମ୍ବନ କଲେ ଏ ସମସ୍ୟାର କୌଣସି ପରିବର୍ତ୍ତନ ହେବନାହିଁ। ଅନ୍ୟ ରାଜ୍ୟରେ ଏପରି ଘଟଣାରେ ପୁଲିସକୁ ଫାଶୀ ଦଣ୍ଡ ଦିଆଯାଉଥିଲା ବେଳେ ଓଡ଼ିଶାରେ ପୁଲିସଙ୍କ ପାଇଁ ସରକାର ଏତେ ଦୟାଳୁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସୂଚନା

ଓଡ଼ିଶାକୁ ମିଳିବ ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ

ଭୁବନେଶ୍ୱର,୨।୬(ସମିସ): ପିଏମ୍ ସୂର୍ଯ୍ୟଘର ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ ମିଳିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ସୂଚନା ପ୍ରଦାନ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ଆଜି ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ୨୦୨୬ ମାସରେ ଆୟୋଜିତ 'ସୌର ମାସ' ଅଭିଯାନରେ ଆମ ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ଓଡ଼ିଶାକୁ 'ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ' ପାଇଁ ଚୟନ କରାଯାଇଛି। ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ। ସେହିପରି ଭେଣ୍ଡର ପଞ୍ଜୀକରଣ ବର୍ଗରେ ଆମ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। ଏହି ସଫଳତା ଆମ ସରକାରଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳ। ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସଂକଳ୍ପବଦ୍ଧ ଏବଂ ଏହି ସଫଳତା ଆଗାମୀ ଦିନରେ ରାଜ୍ୟର ଶକ୍ତି କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ସହ ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନରେ ମୂଳଦୁଆ ପକାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସରକାରୀ ଗାଡ଼ିରେ କାଠ ଚାଲାଣ

ରେଞ୍ଜରଙ୍କ ବିରୋଧରେ ଡିଏଫ୍ଓଙ୍କୁ ଭେଟିଲେ ୨୫ ଗ୍ରାମର ଲୋକେ

ଅନୁଗୋଳ,୨।୬(ସମିସ): ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଯୋଡୁମୁଁ ପ୍ରଗଣାର ୨୫ଟି ଗ୍ରାମର ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ (ଡିଏଫ୍ଓ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଜିଲିଣ୍ଡା ରେଞ୍ଜର ଲିଙ୍ଗରାଜ ଭୋଇ ଗତ ମେ' ୨୬ରେ ସରକାରୀ ବୋଲେରୋ ଗାଡ଼ିରେ ଚୋରା ଶାଗୁଆନ କାଠ ନେଇ ନିଜ ଘର ରେଢ଼ାଖୋଲ ଯାଉଥିବା ବେଳେ ଜରପଡ଼ା ପୁଲିସ ହାତରେ ଧରାପଡ଼ିଥିଲେ। ମାତ୍ର କୌଣସି ବୈଧ ରସିଦ ଦେଖାଇ ନପାରିଲେ ମଧ୍ୟ ପୁଲିସ ତାଙ୍କୁ ଗିରଫ ନ କରି ଛାଡ଼ି ଦେଇଥିବାରୁ ସ୍ଥାନୀୟ ଲୋକେ ଓ ପରିବେଶବିତ୍‌ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଅପରପକ୍ଷରେ, ଅଞ୍ଚଳରେ ହାତୀ ଓ ବାରହାଙ୍କ ଉପଦ୍ରବ ଯୋଗୁଁ ଚାଷୀମାନେ ବ୍ୟାପକ କ୍ଷତି ସହୁଥିବା ବେଳେ ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମୁତାବକ ସୋଲାର ବାଡ଼ କିମ୍ବା ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରାଯାଉନାହିଁ। ଏନେଇ ଦୁର୍ଲଭ ସାହୁ, ପ୍ରଦୋଷ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଯେ, ୧୫ଦିନ ମଧ୍ୟରେ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ଓ ଦୁର୍ନୀତିଗ୍ରସ୍ତ ରେଞ୍ଜରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ସେମାନେ ରେଞ୍ଜ ଅଫିସ ଘେରାଉ ସହ ରାଜରାସ୍ତାକୁ ଓହ୍ଲାଇବେ।

ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି: ବିଜେଡି

ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର ୨।୬ (ସମିସ): ବିଜେପି ସରକାରକୁ ଆସିବା ଦିନରୁ ପ୍ରାୟ ସବୁ ପରୀକ୍ଷାରେ ପେପର ଲିକ୍ ହୋଇ ପରୀକ୍ଷା ବାତିଲ ହୋଇଛି। ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରି ଥର ନିଟ୍ ପରୀକ୍ଷା ବାତିଲ୍ ହୋଇଥିବା ବେଳେ ସିବିଏସ୍‌ଇ ପରୀକ୍ଷା ସହ ଅନ୍ୟାନ୍ୟ ପରୀକ୍ଷାରେ ମଧ୍ୟ ବିଭ୍ରାଟ ସୃଷ୍ଟି ହୋଇଛି। ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାର ଉପରେ ବର୍ଷିଛି ବିଜୁ ଜନତା ଦଳ। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ବିଜେପି ସରକାର ଦେଶର ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ଅଭିଯୋଗ କରିଛନ୍ତି।

ସୁଲତା କହିଛନ୍ତି ଯେବାରମ୍ବାର ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଗଭୀର ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ପରିଶ୍ରମ କରି ପରୀକ୍ଷା ଦେଉଥିବା ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ୨୦୨୪ରେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେଲା ପରେ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଛି ରାଜ୍ୟରେ ପେପର ଲିକ୍ ହୋଇଥିବା ସ୍ୱୀକାର କରିଥିଲେ। ଚଳିତ ବର୍ଷ ନିଟ୍, ସିବିଏସ୍‌ଇ, ସିୟୁଟି ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ଗତି କରୁଛନ୍ତି। ମାତ୍ର କେନ୍ଦ୍ରଶିକ୍ଷାମନ୍ତ୍ରୀ ଏହି ପ୍ରସଙ୍ଗରେ ସନ୍ତୋଷଜନକ ଉତ୍ତର ଦେବାରେ ବିଫଳ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ସମ୍ପୃକ୍ତି ଚର୍ଚ୍ଚା ହେଉଛି। ବିଜୁ ନବୀନ ଇନ୍ସପିରେସନାଲ ଟ୍ରଷ୍ଟ ବିଷୟରେ ବିଭିନ୍ନ ସମୟରେ ଯେପରି ପ୍ରଶ୍ନ ଉଠିଥିଲା ଆମେ ସେଥିରେ ସ୍ୱଚ୍ଛତା ଦେଇଥିଲୁ, ସେହିପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ ତାଙ୍କ ପରିବାରର ସମ୍ପର୍କ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଶ୍ରୀମତୀ ଦେଓ କହିଛନ୍ତି।

ଲେନିନ୍ କହିଛନ୍ତି ଯେ ନିଟ୍, ସିବିଏସ୍‌ଇ ଓ ସିୟୁଇଟି ଭଳି ଜାତୀୟସ୍ତରର ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଘଟୁଥିବାରୁ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସକୁ ଗଭୀର ଆଘାତ ଦେଇଛି। ପେପର ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ର ସରକାର ଏବଂ ଶିକ୍ଷା ମନ୍ତ୍ରଣାଳୟ ନୈତିକ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ। ବିଭିନ୍ନ ଗଣମାଧ୍ୟମ ଓ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପରୀକ୍ଷା ପରିଚାଳନାରେ ଗୁରୁତର ବିଫଳତା ପରିଲକ୍ଷିତ ହୋଇଛି। ଏହି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରମନ୍ତ୍ରୀଙ୍କ ଝିଅ ଆମେରିକାର ମେଲୋରସରେ ଉଚ୍ଚଶିକ୍ଷା ଗ୍ରହଣ ସମୟରେ ଏଡୁଟେକ୍ ନିର୍ଦ୍ଦେଶକ ରାଧାକୃଷ୍ଣ ଜୟରମଣ ତାଙ୍କର ସ୍ଥାନୀୟ ଅଭିଭାବକ ଥିବା ଗଣମାଧ୍ୟମରେ ଚର୍ଚ୍ଚା ହେଉଛି, ଏହା ସତ୍ୟ କି ମିଥ୍ୟା ତାହା କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ୟକ। ସେହିପରି ସିବିଏସ୍‌ଇ ପରୀକ୍ଷାର ଖାତା ଦେଖା ପାଇଁ ଏଡୁଟେକ୍ ସଂସ୍ଥାକୁ କାମ ଦେବା ପାଇଁ ତିନି ତିନି ଥର ଟର୍ମ ଆଣ୍ଡ କଣ୍ଡିସନ ଶ୍ରୀ ପ୍ରଧାନ ବଦଳାଇଥିଲେ ନା ନାହିଁ, ତାହା ମଧ୍ୟ ସ୍ପଷ୍ଟ ହେବା ଆବଶ୍ୟକ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଏଲ୍‌ନିନୋ ମୁକାବିଲା ପାଇଁ ସରକାରଙ୍କ ବ୍ୟବସ୍ଥା କ'ଣ?

ଶ୍ୱେତପତ୍ର ପ୍ରକାଶ ପାଇଁ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨।୬(ସମିସ): ବିଗତ ୧୦ବର୍ଷ ହେଲା ଜଳବାୟୁ ପରିବର୍ତ୍ତନରେ କୃଷି ତଥା ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଅହେତୁକ ପ୍ରଭାବ ପଡ଼ିବା ଫଳରେ କେବଳ ଯେ ଚାଷୀକୁଳ ସର୍ବସ୍ୱାନ୍ତ ହେଉଛନ୍ତି ତା ନୁହେଁ, ଜନଜୀବନ ଉପରେ ଘୋର ପ୍ରଭାବ ମଧ୍ୟ ପଡ଼ୁଛି। ଅସହ୍ୟ ଗ୍ରୀଷ୍ମ ଯୋଗୁଁ ବହୁ ପ୍ରାଣହାନି ଘଟୁଛି। ନିକଟରେ ଭାରତୀୟ ପାଣିପାଗ ବିଭାଗ ଓ ବିଭିନ୍ନ ସ୍ତରରୁ ସୂଚନା ପ୍ରକାଶ ପାଉଛି ଯେ ଏଲ୍‌ନିନୋ ଯୋଗୁଁ ପୂର୍ବଭଳି ଆଉ ଚଳିତବର୍ଷ ସେପରି ମୌସୁମୀ ବର୍ଷା ହେବ ନାହିଁ। ଫଳସ୍ୱରୂପ, କୃଷି କ୍ଷେତ୍ରରେ ଏକ ସଙ୍କଟମୟ ପରିସ୍ଥିତି ସୃଷ୍ଟି ହେବ। ଯଦି ଏଭଳି ଭବିଷ୍ୟବାଣୀ ସତ୍ୟ ହୁଏ, ସେଥିପାଇଁ ସରକାରଙ୍କ ପକ୍ଷରୁ ଏହାର ପ୍ରତିକାର ପାଇଁ କିଭଳି ପଦକ୍ଷେପ ଗ୍ରହଣ କରାଯାଉଛି, ସେ ସମ୍ପର୍କରେ ସର୍ବସାଧାରଣରେ ସୂଚନା ପ୍ରଦାନ କରାଯିବା ଜରୁରୀ ଓ ଏହାର ପ୍ରତିକାର ପାଇଁ ଏକ ଦୀର୍ଘସ୍ଥାୟୀ ରୋଡମ୍ୟାପ ପ୍ରସ୍ତୁତି କରାଯିବା ଉଚିତ ବୋଲି ଅଖିଳ ଭାରତ କିଷାନ କଂଗ୍ରେସ କହିଛି। ମଙ୍ଗଳବାର ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ୍ ବାର୍ତ୍ତାରେ କହିଛନ୍ତି, ବର୍ତ୍ତମାନ ଡବଲ ଇଞ୍ଜିନ୍ ସରକାରରେ ଯେପରି ନିଜ ଦଳର ପତିଆରା ବୃଦ୍ଧି ପାଇଁ ରାଜନୀତି ପାଣିପାଗକୁ ଶତ ପ୍ରତିଶତ ପ୍ରାଧାନ୍ୟ ଦିଆଯାଉଛି, ସେହିପରି ରାଜ୍ୟର ଜୀବନ ଓ ଜୀବିକା ବଞ୍ଚିବା ପାଇଁ ଆଦୌ ସେପରି ବ୍ୟବସ୍ଥା କରାଯାଉନଥିବା ଜଣା ପଡ଼ୁଛି। ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରତିକାର ପାଇଁ ବ୍ୟାପକ ସଚେତନତା ଓ ଭିତ୍ତିଭୂମି ପ୍ରତିଷ୍ଠା ବାବଦରେ କୃଷି ବିଭାଗ ଓ ଅନ୍ୟ ବିଭାଗଗୁଡ଼ିକରେ ହଜାର ହଜାର କୋଟି ଟଙ୍କା ପଡ଼ି ରହିଥିବା ବେଳେ ଏହା ଖର୍ଚ୍ଚ କରାନଯାଇ ଅସାଧୁ ଉପାୟରେ ଅନେକ ସମୟରେ ଏହି ଟଙ୍କା ବ୍ୟୟ କରାଯାଉଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ବରିଷ୍ଠ ଅଧିକାରୀଙ୍କର ଏଥିପ୍ରତି ଆଦୌ ଚିନ୍ତା ନାହିଁ। ଯଦି ବାହାଘର ବେଳେ ବାଇଗଣ ରୁଆ ପରି ଏହି ଟଙ୍କା ବିନିଯୋଗ କରାଯାଏ, ଚାଷୀର ସ୍ୱାର୍ଥରେ ଏହା ଲାଗିବ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି।

ଚଳିତ ଖରିଫରେ ଧାନ, ଡାଲି ତୈଳବୀଜ ଓ ଅନ୍ୟାନ୍ୟ ଫସଲ ଉତ୍ପାଦନ ହ୍ରାସ ପାଇବ। ଏହାର ସିଧାସଳଖ ପ୍ରଭାବ ଖାଦ୍ୟ ସୁରକ୍ଷା, ମୂଲ୍ୟବୃଦ୍ଧି ଓ ଗ୍ରାମୀଣ ଅର୍ଥନୀତି ଉପରେ ପଡ଼ିବ। ମୌସୁମୀ ବର୍ଷା କମିବା ଓ ଡିଜେଲ ମୂଲ୍ୟ ବୃଦ୍ଧି କୃଷକମାନଙ୍କୁ ଦୁଇପଟୁ ଚାପ ଦେଲାଣି। ସେଥିପାଇଁ ଜଳ ସଞ୍ଚୟ ଓ ଜଳସେଚନ ପ୍ରଣାଳୀକୁ ସହଜ କରିବା ଏବଂ ପାଣିପାଗକୁ ଦୃଷ୍ଟିରେ ରଖି ସଅଳ କିସମ ଚାଷ ପାଇଁ ଚାଷୀଙ୍କୁ ବ୍ୟାପକ ସଚେତନତା କରାଇବା ଉଚିତ। ବିଶେଷକରି କୃଷି, ଉଦ୍ୟାନ, ମୃତ୍ତିକା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜଳସମ୍ପଦ ଓ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଓୟୁଏଟି ପକ୍ଷରୁ ଏଥିପ୍ରତି ଠୋସ୍ ପଦକ୍ଷେପ ଗ୍ରହଣ କରିବା ଉଚିତ। ଯଦି ସରକାର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଥିପାଇଁ ବାସ୍ତବ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ତେବେ ତାହାର ଏକ ପୂର୍ଣ୍ଣାଙ୍ଗ ଶ୍ୱେତପତ୍ର ସର୍ବସାଧାରଣରେ ପ୍ରକାଶ କରିବାକୁ କଂଗ୍ରେସ ପକ୍ଷରୁ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି। ଏଲ-ନିନୋ ପ୍ରଭାବରେ ବହୁ କିଛି ବରବାଦ୍ ହେବ। ପ୍ରାକୃତିକ ପରିସ୍ଥିତି ଓ ଅର୍ଥନୀତିକ ଚାପ ଦୁଇଟିକୁ ସମ୍ଭାଳିବା ପାଇଁ ଖୁବ୍ ଶୀଘ୍ର ସରକାର, କୃଷି ବିଶେଷଜ୍ଞ ଓ କୃଷି ତତ୍‌ସଲଗ୍ନ କୃଷି କର୍ମଚାରୀମାନଙ୍କୁ ଏକା ସାଥୀରେ ନେଇ ତ୍ୱରିତ ପଦକ୍ଷେପ ନେବାକୁ ମଧ୍ୟ ଦାବି କରିଛନ୍ତି।

ଇଞ୍ଜିନିୟରିଂ ଓ ଡାକ୍ତରୀ ଶିକ୍ଷାରେ ସଂରକ୍ଷଣ

ଭୁବନେଶ୍ୱର, ୨।୬(ସମିସ): ଚଳିତ ଶିକ୍ଷାବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ପରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ମିଳିବ। ପୂର୍ବରୁ ସଂରକ୍ଷଣ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ କ୍ୟାବିନେଟ୍ ଅନୁମୋଦନ ମିଳିଥିଲା।

ପ୍ରକାଶ ପାଇଲା ବିଜ୍ଞପ୍ତି

ଏବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଏ, ବିକମ୍, ବିଏସ୍‌ସି ପରି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି। ନୂତନ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଠାରୁ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କୁ ୨୨.୫ ପ୍ରତିଶତ, ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ କରାଯାଇଛି।

ଲଟେରି ମାଧ୍ୟମରେ ବିଦେଶୀ ମଦ ଦୋକାନ ଆବଣ୍ଟନ

୫୩ଟି ଦୋକାନ ପାଇଁ ୩୮୮ ଆବେଦନ

ବାରିପଦା, ୨।୬(ସମିସ)

ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ୨୦୨୬-୨୭ ବର୍ଷ ପାଇଁ ୭୨ଟି ଠିପି ବନ୍ଦ ବିଦେଶୀ ମଦ ଦୋକାନ ପ୍ରଦାନ ନିମନ୍ତେ ଆଜି ଲଟେରୀ ଉଠାଣ ଶେଷ ହୋଇଛି। ୫୩ଟି ଦୋକାନ ପାଇଁ ଏକାଧିକ ଆବେଦନ ହୋଇଥିବାରୁ ସେଗୁଡିକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କଡ଼ା ସୁରକ୍ଷା ମଧ୍ୟରେ ଲଟେରୀ ସମ୍ପନ୍ନ ହୋଇଛି। ମଙ୍ଗଳବାର ସକାଳ ୯ଟାରୁ ନିୟମ ମୁତାବକ ଏହି ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ୫୩ଟି ବିଦେଶୀ ମଦ ଦୋକାନ ପାଇଁ ଚଳିତ ବର୍ଷ ମୋଟ ୩୮୮ ଜଣ ଆବେଦନକାରୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ସହିତ ଲଟେରୀ ମାଧ୍ୟମରେ ଭାଗ୍ୟଶାଳୀ ବିଜେତାଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରୁ ବୈଶିଙ୍ଗା ଦୋକାନ ପାଇଁ ୨୯ ଜଣ ଆବେଦନ କରିଥିବାବେଳେ ବେତନଟୀ ପାଇଁ ୨୮ ଜଣ ଆବେଦନ କରି ଚର୍ଚ୍ଚାରେ ରହିଥିଲେ। ତେବେ ୩୮୮ ଜଣ ଆବେଦନକାରୀଙ୍କ ଅଣଫେରସ୍ତ ଜମାରାଶି (୩ ଲକ୍ଷ ଟଙ୍କା ଲେଖାଏଁ) ମୋଟ ୧୧ କୋଟି ୬୪ ଲକ୍ଷ ଟଙ୍କା ରାଜସ୍ୱ ସରକାରୀ ତହବିଲକୁ ଆସିଛି। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସମୟରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁର ଓ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଏହାର ପରିଚାଳନା କରିଛନ୍ତି।

ସୂଚନା ମୁତାବକ, ଆବେଦନ ବିଜ୍ଞପ୍ତି ପ୍ରକାଶ ପରେ ଆଗ୍ରହୀ ବ୍ୟକ୍ତି ୨୧ ତାରିଖ ଅପରାହ୍ନ ୫ଟା ମଧ୍ୟରେ ଅନଲାଇନ୍ ମାଧ୍ୟମରେ ଜାରି ନିୟମାବଳୀ ଅନୁସାରେ ଉଦ୍ଦିଷ୍ଟ ଫର୍ମ ଦ୍ୱାରା ଆବେଦନ କରିଥିଲେ। ପ୍ରତ୍ୟେକ ଦୋକାନ ପାଇଁ ଅଣଫେରସ୍ତ ଯୋଗ୍ୟ ଆବେଦନ ଫି ରୂପେ ୩ ଲକ୍ଷ ଟଙ୍କା ଅନଲାଇନ୍ ମାଧ୍ୟମରେ ଦେୟ କରିଥିଲେ। ମଦ ଦୋକାନ ସହର ଓ ଗ୍ରାମାଞ୍ଚଳରେ ପୂର୍ବରୁ ଉଭୟ ସ୍ଥାନ ରହିଛି। ପ୍ରତ୍ୟେକ ଦୋକାନ ପାଇଁ ମାସିକ ସର୍ବନିମ୍ନ ଅବକାରୀ ରାଜସ୍ୱ (ଏମଜିଇଆର) ମୂଲ୍ୟ ନିର୍ଦ୍ଧାରିତ ହୋଇଥିଲା। ଆବେଦନକାରୀଙ୍କ ବୟସ ୨୧ ବର୍ଷ ବା ତଦୁର୍ଦ୍ଧ ହୋଇଥିବା ସହିତ

- ବୈଶିଙ୍ଗା ଓ ବେତନଟୀ ପାଇଁ ସର୍ବାଧିକ ୨୯/୨୮ ଆବେଦନ
- ଅଣଫେରସ୍ତ ଜମାରାଶି ବାବଦରେ ୧୧.୬୪ କୋଟି ସଂଗ୍ରହ

କୌଣସି ଅଣଜାମିନଯୋଗ୍ୟ ଅପରାଧରେ ସେ ଦଣ୍ଡିତ ହୋଇନାହାନ୍ତି। ପ୍ରଥମେ ଯୋଗ୍ୟ ଆବେଦନକାରୀଙ୍କ ତାଲିକା ପ୍ରକାଶ ପାଇବା ପରେ ଲଟେରୀ ମାଧ୍ୟମରେ ପ୍ରାଥମିକ ବିଜୟୀଙ୍କ ଦସ୍ତାବିଜ ଯାଞ୍ଚ ହେବ ଓ ନିର୍ଦ୍ଧାରିତ ଅର୍ଥ ଜମା କରିବାକୁ ପଡ଼ିବ। ଲାଇସେନ୍ସ ୫ ବର୍ଷ ପାଇଁ ମିଳିବ।

ବାରିପଦା ସହରରୁ ବେଆଇନ ଜବରଦଖଲ ଉଚ୍ଛେଦ

୬.୮୦ ଏକର ସରକାରୀ ଜମି ମୁକ୍ତ

ବାରିପଦା, ୨।୬(ସମିସ): ବାରିପଦା ସହରର କରଡବସା ମୁସଲିମ ବସ୍ତି ମଙ୍ଗଳବାର ମାଟିରେ ମିଶିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବେଆଇନ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଦ୍ୱାରା ୫୪ ପରିବାର ବେଘର ହୋଇଛନ୍ତି। ଏଥିରେ ପ୍ରାୟ ୬.୮୦ ଏକର ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିଛି ପ୍ରଶାସନ। ଏହି ଜମି ମଧ୍ୟରେ କିଛି ଜଳାଶୟ କିସମର ଜମି ମଧ୍ୟ ରହିଥିଲା, ଯାହାକୁ କିଛି ଲୋକ ବେଆଇନ ଭାବେ ନିଜ ଅକ୍ତିଆରରେ ରଖିଥିଲେ। ଏହି ସରକାରୀ ଜମିକୁ ଖାଲି କରିବା ପାଇଁ ୫୪ ଜଣ ଘର ମାଲିକଙ୍କୁ ଗତ ନଭେମ୍ବର ଓ ଡିସେମ୍ବର ମାସରେ ନୋଟିସ କରାଯାଇଥିଲା। ଏହାପରେ ପୁନର୍ବାର ମେ ୧୫ ତାରିଖ ସୁଦ୍ଧା ଜମି ଖାଲି କରିବାକୁ ଶେଷ ସୁଯୋଗ ଦିଆଯାଇଥିଲା। ତଥାପି ଜମି ମୁକ୍ତ ନ ହେବାରୁ ନିର୍ଦ୍ଧାରିତ ସମୟ ସୀମା ପରେ ଆଜି ପ୍ରଶାସନିକ ଟିମ୍ ସେଠାରେ ପହଞ୍ଚି ଏହି ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଚ୍ଛେଦ କରାଯାଇଥିବା ଏହି ବିସ୍ତୀର୍ଣ୍ଣ ଜମିରେ ଆଗାମୀ ଦିନରେ ବାରିପଦା ପୌରପାଳିକା ଓ ସରକାରଙ୍କ ପକ୍ଷରୁ କନଭେନସନ ସେଣ୍ଟର

- ମାଟିରେ ମିଶିଲା ବସ୍ତିର ୫୪ ଘର
- ପ୍ରତିଷ୍ଠା ହେବ କନଭେନସନ ସେଣ୍ଟର ଓ ଅତିଥି ଗ୍ରାମ

ଓ ଅତିଥି ଗ୍ରାମ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ କରାଯିବ। ଏହି ଉଚ୍ଛେଦ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ହେଉଥିବା ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପୂର୍ବରୁ ଏକ ସର୍ଭେ କରାଯାଇଥିଲା। ପ୍ରାୟ ୧୫ ଜଣ ଯୋଗ୍ୟ ଭୂମିହୀନ ପରିବାର ଚିହ୍ନଟ କରାଯାଇଛି। ସେମାନଙ୍କୁ ବସନ୍ତପୁରରେ ଜମି ପ୍ରଦାନ କରାଯାଇ ଥଇଥାନ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ହୋଇସାରିଛି। ବାକି ସମସ୍ତ ଯୋଗ୍ୟ ପରିବାରଙ୍କୁ ସେଠାରେ ଉପଯୁକ୍ତ ଭାବେ ଥଇଥାନ କରାଯିବ ବୋଲି ତହସିଲଦାର ସପନ କୁମାର ସାହୁ ସୂଚନା ଦେଇଛନ୍ତି।

ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି

ରାଇରଙ୍ଗପୁର/କରଞ୍ଜିଆ, ୨।୬(ସମିସ): କରଞ୍ଜିଆ ଥାନା ଅନ୍ତର୍ଗତ ଦରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି ହୋଇଛି। ଏ ନେଇ ରାଜସ୍ୱ ନିରୀକ୍ଷକ ଦେବାଶିଷ ବେହେରା କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟ ବନ୍ଦ ଥିବାବେଳେ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରିଛନ୍ତି। କାର୍ଯ୍ୟାଳୟର ବିଭିନ୍ନ ସାମଗ୍ରୀ, ରାଜସ୍ୱ ଟଙ୍କା ଆଦି ଚୋରି କରିଛନ୍ତି। ପରଦିନ ସକାଳୁ କାର୍ଯ୍ୟାଳୟ ଖୋଲିବା ବେଳକୁ ଘଟଣା ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

ତାଲା ବନ୍ଦ ଘରୁ ଚୋରି

ରାଇରଙ୍ଗପୁର/ଯଶିପୁର, ୨।୬(ସମିସ): ଯଶିପୁର ଥାନା ଅଞ୍ଚଳରେ ତାଲା ବନ୍ଦ ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ମହାରଦା ପାଳସା ଗ୍ରାମର ବିଦ୍ୟାଧର ମହାନ୍ତ ଥାନାରେ ଅଭିଯୋଗ କରିଛନ୍ତି। ସେ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ତାଙ୍କ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି।

ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଠାକୁରମୁଣ୍ଡା, /ମହୁଲଡିହା, ୨।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ତରାମରା ପଞ୍ଚାୟତ ଅନ୍ତର୍ଗତ ତରାମରା ବାଙ୍କ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ କେନ୍ଦୁଜିଆଣି ପଞ୍ଚାୟତ ଛେରାଟାଙ୍ଗର ଗ୍ରାମର କଳା ଚାମ୍ପୁରୁ ହୋଙ୍କ ବଡ଼ ପୁଅ ଜାର୍ଗି ହୋ। ଜାର୍ଗି ହୋ ମାମୁଁ ଘର ମହୁଲଡିହା ଥାନା ଅଞ୍ଚଳର ଚିଆଁବେଡା ଗ୍ରାମକୁ ଯାଇ ସେଠାରୁ ବାଇକ ଯୋଗେ ନିଜ ଘରକୁ ଫେରୁଥିବାବେଳେ ତରାମରା ବାଙ୍କ ନିକଟରେ ଭାରସାମ୍ୟ ହରାଇଥିଲେ। ଫଳରେ ବାଇକଟି ରାସ୍ତା କଡ଼ରେ ଥିବା ଏକ ପଥରରେ ଜୋରରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଜାର୍ଗି ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ଅଟୋ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଠାକୁରମୁଣ୍ଡା ଥାନା ପୁଲିସ ପହଞ୍ଚି କରିଥିବାବେଳେ ବାଇକ୍‌କୁ ଜବତ କରିଥିଲା।

ଶିକାରୀ ଘରୁ ଦେଶୀ ବନ୍ଧୁକ ଓ ଗୁଳି ଜବତ

ରାଇରଙ୍ଗପୁର, ୨।୬(ସମିସ): ରରୁଆଁ ଥାନା ପୁଲିସ ପକ୍ଷରୁ ବନ୍ୟଜନ୍ତୁ ଶିକାର ନିମନ୍ତେ ବ୍ୟବହୃତ ଦେଶୀ ବନ୍ଧୁକ ସହ ଗୁଳି ଜବତ କରାଯାଇଛି। ଏଥିସହିତ ଶିକାରୀ ଜଣକୁ ଗିରଫ କରାଯାଇଛି। ଶିକାରୀ ଜଣକ ହେଲେ ରରୁଆଁ ଥାନା ଅନ୍ତର୍ଗତ କିଟିସାହି ଗ୍ରାମର ଜୟସିଂ ବାଇପାଇ(୩୫)। ରରୁଆଁ ଥାନା ପୁଲିସ ପକ୍ଷରୁ ଦିବାକାଳୀନ ପାଟ୍ରୋଲିଂ ଜାରି ଥିଲା। ଏ ସମୟରେ ଜଣେ ଶିକାରୀ ଘରେ ଦେଶୀ ବନ୍ଧୁକ ଓ ଗୁଳି ଥିବା ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଯାହାକୁ ନେଇ ପୁଲିସ ଟିମ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ଉ କରିଥିଲେ। ତାଙ୍କ ଘରକୁ ଦେଶୀ ବନ୍ଧୁକ ଓ ୬ଟି ଗୁଳି ଜବତ କରାଯାଇଛି। ସେ ବନ୍ୟଜନ୍ତୁ ଶିକାର ନିମନ୍ତେ ଏହାକୁ ବ୍ୟବହାର କରୁଥିବା ଜଣାପଡ଼ିଛି। ବନ୍ଧୁକ ନେଇ ସେ କୌଣସି କାଗଜପତ୍ର ପ୍ରଦାନ କରିପାରି ନ ଥିଲେ। ଶିକାରୀଙ୍କୁ ବନ୍ଧୁକ ଆତ୍ମସମର୍ପଣ କରିବା ପାଇଁ ବନ ବିଭାଗ ଓ ପୁଲିସ ପକ୍ଷରୁ ସମୟ ପ୍ରଦାନ କରାଯାଇଥିଲା। କିନ୍ତୁ ସେ ବନ୍ଧୁକ ପ୍ରଦାନ ନ କରି ଲୁଚାଇ ରଖିଥିଲେ। ଯାହାକୁ ନେଇ ପୁଲିସ ଶିକାରୀକୁ ଗିରଫ କରି ଆର୍ମ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ବଜ୍ରପାତରେ ୩ ଗୋରୁ ମୃତ

ବଡ଼ସାହି, ୨।୬(ସମିସ): ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପଞ୍ଚାୟତର ଜଗନ୍ନାଥ ଜେନାଙ୍କ ୨ଟି ଗାଈ ଓ ଗୋଟିଏ ବାଛୁରୀ ମଙ୍ଗଳବାର ଅପରାହ୍ନ ୧ଟା ୩୦ ମିନିଟ୍ ସମୟରେ ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। ଗୋରୁଗୁଡିକ ଗାଁ ସନ୍ନିକଟ ଗଙ୍ଗାହାର ନଦୀ କୂଳରେ ଚରୁଥିବାବେଳେ ଏପରି ଘଟଣା ହୋଇଥିବା ପ୍ରତ୍ୟକ୍ଷ୍ୟଦର୍ଶୀଙ୍କଠାରୁ ପ୍ରକାଶ। ଜଗନ୍ନାଥ ଏ ସଂକ୍ରାନ୍ତରେ ଦେଉଳିଆ

ରାଜସ୍ୱ ନିରୀକ୍ଷକ ଓ ପଶୁ ଓ ପ୍ରାଣୀ ସମ୍ପଦ ବିଭାଗକୁ ଅବଗତ କରିଥିବା ଜଣାଯାଇଛି। ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ କ୍ଷତିପୂରଣ ଦାବି ହୋଇଛି।

ରାଇରଙ୍ଗପୁର ପୁଲିସ ଜିଲ୍ଲାରେ ଏସ୍‌ପି ନିଯୁକ୍ତି ଦାବି

ରାଇରଙ୍ଗପୁର, ୨।୬(ସମିସ): ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ ପୂର୍ବରୁ ରାଇରଙ୍ଗପୁର ପୁଲିସ ଜିଲ୍ଲାରେ ଏସପି ନିଯୁକ୍ତି ନେଇ ଦାବି ହୋଇଛି। ରାମଦୋଳି ଯୁଥ ପାୱାର ଆସୋସିଏସନ ପକ୍ଷରୁ ଦାବି କରାଯାଇଛି। ଜୁନ ୧୯ ଓ ୨୦ରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଭଳି ଭିଭିଆଇପିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା, ଆଇନଶୃଙ୍ଖଳା, ପ୍ରଶାସନିକ ସମନ୍ୱୟ ପାଇଁ ରାଇରଙ୍ଗପୁର ପୁଲିସ ଜିଲ୍ଲା ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ନୂତନ ଏସପି ନିଯୁକ୍ତ କରିବା ଆବଶ୍ୟକତା ରହିଛି।

ବାରିପଦା-ଉଦଳା ରାସ୍ତା ଅବରୋଧ
ସଭାପତିଙ୍କ ସମେତ ୩ ଗିରଫ

ବାରିପଦା, ୧।୬(ସମିସ): ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବାରିପଦା-ଉଦଳା ୧୯ ନଂ ରାଜ୍ୟ ରାଜପଥରରେ ହରତାଳ କରାଯାଇଛି। ଏହି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବାରୁ ତୁରନ୍ତ ମରାମତି ଦାବିରେ ମୟୂରଭଞ୍ଜ (ପୂର୍ବ) ଜିଲ୍ଲା କିଷାନ କଂଗ୍ରେସ ବାରମ୍ବାର ଦାବି ପରେ ପ୍ରଶାସନ କର୍ଣ୍ଣପାତ ନକରିବାରୁ ମଙ୍ଗଳବାର ବାରିପଦା- ଉଦଳା ରାସ୍ତାର ପୋଡା ଅସ୍ତିଆ, ସାନକେରକୋ, ବାଲିଯୋଡ଼ା, ଖୁଣ୍ଟା, ଡୁକୁରା ଓ ଉଦଳା ଆଦି ୬ଟି ସ୍ଥାନରେ ୨୪ ଘଣ୍ଟିଆ ହରତାଳ ଡାକରା ଦିଆଯାଇଥିଲା। ମୟୂରଭଞ୍ଜ (ପୂର୍ବ) ଜିଲ୍ଲା କିଷାନ କଂଗ୍ରେସ ସଭାପତି ଦୀପକ ଦାଶଙ୍କ ନେତୃତ୍ୱରେ କର୍ମୀ ସକାଳ ୬ରୁ ହରତାଳ ଆରମ୍ଭ କରିଥିଲେ। ସକାଳୁଆ ଅଫିସ ପାଇଁ ଶତାଧିକ ଯାନବାହନ ଅଟକିଥିଲେ। ଏହି ହରତାଳ ବେଳେ ଜରୁରୀ ସେବା ଯୋଗାଉଥିବା ଯାନ ବ୍ୟତୀତ ଅନ୍ୟ ସମସ୍ତ ଯାନ ଅଟକିଥିଲା। ତେବେ ତେବେ ସକାଳ ୮ଟା ୩୦ ବେଳକୁ ବଡ଼ସାହି ପୁଲିସ ସଭାପତି ଶ୍ରୀ ଦାସଙ୍କ ସମେତ ୩ ଜଣଙ୍କୁ ସାନକେରକୋ ନିକଟରୁ ଗିରଫ କରି ନେବାରୁ ହରତାଳ ବନ୍ଦ ହୋଇଯାଇଥିଲା। ଗିରଫ ତିନିଜଣଙ୍କୁ ସନ୍ଧ୍ୟାରେ ଛାଡି ଦିଆଯାଇଛି। ପୁଲିସ ଦୁର୍ବ୍ୟବହାର କରିଥିବା ନେଇ ଶ୍ରୀ ଦାଶ ଗମ୍ଭୀର ଅଭିଯୋଗ ଆଣିଛନ୍ତି।

ବିଧାୟକଙ୍କୁ କିନ୍ନର ସଂଘର ଦାବିପତ୍ର

କମ୍ୟୁନିଟି ହଲ୍ ଓ ବାସଗୃହ ପ୍ରଦାନ କରାଯିବା ଦାବି

ବାରିପଦା, ୨।୬(ସମିସ): ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ରହୁଥିବା କିନ୍ନର ସମୁଦାୟର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ମୟୂରଭଞ୍ଜ ଟ୍ରାନ୍ସଜେଣ୍ଡର (କିନ୍ନର) ଆସୋସିଏସନ ପକ୍ଷରୁ ସ୍ଥାନୀୟ ବିଧାୟକ ପ୍ରକାଶ ସୋରେନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମୁଦାୟର ସାମାଜିକ ସୁରକ୍ଷା, ସ୍ଥାୟୀ ବାସଗୃହ ଓ ଏକ ସ୍ୱତନ୍ତ୍ର କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ଦାବି କରାଯାଇଛି। ରାଜ୍ୟ ଟ୍ରାନ୍ସଜେଣ୍ଡର ୱେଲଫେୟାର ବୋର୍ଡର ସଦସ୍ୟା ସୌମ୍ୟା ଦାସ ଓ ମୟୂରଭଞ୍ଜ ଟ୍ରାନ୍ସଜେଣ୍ଡର ଆସୋସିଏସନର ସଭାନେତ୍ରୀ ମନୀଷା ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାରିପଦା ବିଧାୟକଙ୍କୁ ସାକ୍ଷାତ କରିଥିଲେ। ସୌମ୍ୟଙ୍କ କହିବା ଅନୁଯାୟୀ ବୋର୍ଡର ସଦସ୍ୟା ହେବା ପରେ ମୟୂରଭଞ୍ଜ ଜିଲ୍ଲାକୁ ଏହା ତାଙ୍କର ପ୍ରଥମ ଗସ୍ତ। ବାରିପଦା ସହରରେ ରହୁଥିବା ଟ୍ରାନ୍ସଜେଣ୍ଡର ଆସୋସିଏସନର ସମସ୍ୟା ବାବଦରେ ବିସ୍ତୃତ ଆଲୋଚନା ହୋଇଛି। ସେମାନଙ୍କ ରହିବା ପାଇଁ ନିଜସ୍ୱ ଜାଗା କିମ୍ବା ଘର ନାହିଁ। ଏଥିସହିତ ସେମାନଙ୍କ ପାଇଁ ଏକ କମ୍ୟୁନିଟି ହଲ୍‌ର ଆବଶ୍ୟକତା ରହିଛି। ସେହିପରି ଜିଲ୍ଲା ସଂଘର ସଭାନେତ୍ରୀ ମନୀଷା ସାହୁ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୭ଟି ବ୍ଲକରୁ ଆଦିବାସୀ ସମ୍ପ୍ରଦାୟର ଟ୍ରାନ୍ସଜେଣ୍ଡର ପିଲାମାନେ ଏଠାରେ ରହୁଛନ୍ତି। ଦୀର୍ଘଦିନ ହେବ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇ ଭଡ଼ା ଘରେ ରହୁଛନ୍ତି। ସରକାରୀ ସ୍ତରରେ ମିଳୁଥିବା ମେଡିକାଲ ସୁବିଧା ଓ ବ୍ଲକ ମାଧ୍ୟମରେ ମିଳୁଥିବା ସୁବିଧା ସୁଯୋଗ ଯେପରି ସେମାନଙ୍କ ପାଖରେ ସଠିକ୍ ଭାବେ ପହଞ୍ଚିପାରିବ, ସେନେଇ ସେମାନେ ପ୍ରଶାସନ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଗାମୀ ଦିନରେ ଏହି ଦାବି ନେଇ ସେମାନେ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କୁ ମଧ୍ୟ ଜଣାଇବେ। କିନ୍ନର ସମୁଦାୟର ସମସ୍ୟାକୁ ଗମ୍ଭୀରତାର ସହ ଶୁଣିବା ପରେ ବାରିପଦା ବିଧାୟକ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଆଶ୍ୱାସନା ଦେଇଛନ୍ତି।

ନଳକୂପରୁ ପାଣି ସଂଗ୍ରହବେଳେ ଆକ୍ରମଣ

ଥାନାର ଦ୍ୱାରସ୍ଥ ହେଲେ ପରିବାର

କପ୍ତିପଦା, ୨।୬(ସମିସ): କପ୍ତିପଦା ବ୍ଲକ ଜଡ଼ିଦା ପଞ୍ଚାୟତ ନେଦାମ ଗ୍ରାମର ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ କରିବା ସହ ସରକାରୀ ନଳକୂପରୁ ପାନୀୟ ଜଳ ଆଣିବାବେଳେ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ନିମାଇ ମୁର୍ମୁଙ୍କ ପତ୍ନୀ ମୀନତି ମୁର୍ମୁ ତାଙ୍କ ପୁଅଝିଅଙ୍କ ସହିତ ଗ୍ରାମ ନଳକୂପରୁ ପାନୀୟ ଜଳ ଆଣିବାକୁ ଯାଇଥିଲେ। ଗ୍ରାମର କାହ୍ନୁ ମୁର୍ମୁ, କାର୍ମୀ ମୁର୍ମୁ, କାନ୍ଦିନୀ ମୁର୍ମୁ, ଅର୍ଜୁନ ମୁର୍ମୁ, ସାର ମୁର୍ମୁ, ସୋମବାରୀ ମୁର୍ମୁ, ଛିତା ମୁର୍ମୁ ମିଶି ସେମାନଙ୍କଠାରୁ ଗରା, ବାଲ୍‌ଟି, ମୋବାଇଲ, ସାଇକଲ ଛଡ଼ାଇନେବା ସହିତ ମାରପିଟ କରିଥିଲେ। ଏହି ଘଟଣାକୁ ନେଇ ଆଜି ନିମାଇଁ ନିଜ ପରିବାରର ସୁରକ୍ଷା ସହିତ ପାନୀୟ ଜଳ ପାଇଁ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉପଜିଲ୍ଲାପାଳ ସୁଶାନ୍ତ ବାରିକ ଏହି ଘଟଣାକୁ ଗୁରୁତର ସହ ନେଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କପ୍ତିପଦା ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ କପ୍ତିପଦା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ମେ ୧୦ ତାରିଖରେ ଗ୍ରାମର ମାଝି ହାଲାମ ନେଦାମ ଗ୍ରାମର ନିମାଇଁ ମୁର୍ମୁଙ୍କ ପରିବାରକୁ ସରକାରୀ ନଳକୂପରୁ ପାଣି ନେବା ପାଇଁ ବାରଣ କରିଥିଲେ। ମାତ୍ର ନିମାଇଁ ଉକ୍ତ ନଳକୂପରୁ ପାନୀୟ ଜଳ ବ୍ୟବହାର କରିଆସୁଥିଲେ। ପୁନର୍ବାର ମେ ୨୦ ତାରିଖରେ ନଳକୂପରୁ ପାନୀୟ ଜଳ ଆଣିବାକୁ ବାରଣ କରିବାରୁ ମେ

୩୦ ତାରିଖରେ କପ୍ତିପଦା ଥାନାରେ ଅଭିଯୋଗ କରିବା ପରେ ଜୁନ୍ ୧ ତାରିଖରେ ଥାନା ପକ୍ଷରୁ ଉଭୟ ପକ୍ଷଙ୍କୁ ଡାକି ଆପୋସ ଆଲୋଚନା କରାଯାଇ ଘଟଣାର ସମାଧାନ କରାଯାଇଥିଲା। ଥାନାରୁ ଆଲୋଚନା କରି ଫେରିବା ପରେ ମଧ୍ୟ କିଛି ସୁଫଳ ମିଳି ନ ଥିଲା।

ବିଦେଶକୁ ରପ୍ତାନୀ ହେଲା ଆମ୍ବ

ଲଣ୍ଡନକୁ ଗଲା କରଞ୍ଜିଆ ଓ ଯଶିପୁର ପ୍ରିମିୟମ ଆମ୍ରପଲ୍ଲି

ରାଇରଙ୍ଗପୁର/କରଞ୍ଜିଆ, ୨।୬(ସମିସ): ସୁଦୂର ଲଣ୍ଡନରେ ବି ମୟୂରଭଞ୍ଜ ଜିଲ୍ଲା ଆମ୍ବର ଅନେକ ଚାହିଦା ରହିଛି। ଯାହାକୁ ନେଇ କରଞ୍ଜିଆ ଓ ଯଶିପୁର ଅଞ୍ଚଳରୁ ପ୍ରିମିୟମ ଆମ୍ରପଲ୍ଲି ଆମ୍ବ ବିଦେଶକୁ ରପ୍ତାନୀ ହୋଇଛି। ବିଦେଶରେ ଓଡ଼ିଶା ଆମ୍ବ ଲୋକପ୍ରିୟତା ଲାଭ କରିଥିବାବେଳେ ଲଣ୍ଡନରେ ଓଡ଼ିଆ ଆମ୍ରପଲ୍ଲୀ ଆମ୍ବ ପରଷିବା ପାଇଁ ସାଢ଼େ ୯ କ୍ୱିଣ୍ଟାଲ ଆମ୍ରପଲ୍ଲୀ ଆମ୍ବ ଫ୍ଲାଇଟରେ ପଠାଯାଇଛି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ଯୋଜନା ଆଜି ସଫଳ ରୂପାୟନ ହେବାରେ ଲାଗିଛି। ଉକ୍ତ ଯୋଜନା କୃଷି କାର୍ଯ୍ୟ ଆରମ୍ଭ କରି ଆଜି ମହିଳା ଚାଷୀ ଲାଭବାନ ହେଉଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ସ୍ୱୟଂସମ୍ପୂର୍ଣ୍ଣ ୱିମେନ୍ ଫାର୍ମସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ର ମିଳିତ ସହଭାଗିତାରେ ଚାଷ ଆମ୍ବ ବିଦେଶ ପଠାଯାଇଛି। ଯଶିପୁର ଓ କରଞ୍ଜିଆରେ ରହୁଥିବା ମହିଳା ଚାଷୀଙ୍କ ସହାୟତାରେ ଆମ୍ବ ସଂଗ୍ରହ କରାଯାଇଥିଲା। ମହିଳା ତଥା ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସରକାରୀ ସ୍ତରରେ ଚାଷକୁ ପ୍ରାଧାନ୍ୟ ଦେଇ ୱିମେନ୍ ଫାର୍ମସ ପ୍ରଡ୍ୟୁସର କମ୍ପାନୀ ସହାୟତାରେ ବିଦେଶକୁ ଆମ୍ବ ରପ୍ତାନୀ କରାଯାଇଛି।



ଦେଶ ବିଦେଶରେ ଏହା ପୂର୍ବରୁ ଜିଲ୍ଲାରୁ ଆମ୍ବ ରପ୍ତାନି ହେଉଛି। ଏହା ଦ୍ୱାରା ଚାଷୀଙ୍କୁ ଉଚିତ୍ ଦାମ୍ ମଧ୍ୟ ମିଳିପାରୁଛି। ପ୍ରଥମ ବ୍ୟାଚ ଆମ୍ବ ଯାଇଥିବା ବେଳେ ଆଗକୁ ଆହୁରି ଆମ୍ବ ରପ୍ତାନୀ କରିବା ନେଇ ଯୋଜନା କରାଯାଇଥିବାର ସୂଚନା ମିଳିଛି।

ପୁରୁଣାପାଣି ଗ୍ରାମରେ ଚୋରି

ମୋରଡା, ୨।୬(ସମିସ): ମୋରଡ଼ା ଥାନା ତଥା ଚିତ୍ରଡା ଫାଣ୍ଡି ଅଧୀନ ପୁରୁଣାପାଣି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ପାନମଣି ମହାନ୍ତଙ୍କ ଲିଖିତ ଅଭିଯୋଗ ମୁତାବକ ସୋମବାର ରାତିରେ ସେ ଗରମ ପାଇଁ ବାହାରେ ଅଗଣାରେ ଶୋଇଥିବାବେଳେ ଘର ଭିତରେ ପୁଅର ପରିବାର ଶୋଇଥିଲେ। ଦୁଇଜଣ ଦୁର୍ବୃତ୍ତ ଘରେ ପଶି ଗଡ଼ରେଜ ଓ ବଡ଼ ବାକ୍ସ ଭାଙ୍ଗିବା ସମୟରେ ସେ ଶବ୍ଦ ଶୁଣି ଘର ଭିତରରେ ପ୍ରବେଶ କରିବା ବେଳକୁ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଧକ୍କା ଦେଇ ତଳେ ପକାଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରି ଲକ୍ଷାଧିକ ଟଙ୍କାର ସୁନା ରୁପା ଅଳଙ୍କାର ଚୋରି କରିନେଇଥିଲେ। ବାକ୍ସରେ ଥିବା ଦୁଇହଳ ସୁନା କାନଫୁଲ, ଦୁଇହଳ ରୁପା ପାଉଁଜି, ଦୁଇ ଯୋଡି ସୁନା ନାକଫୁଲ, ତିନୋଟି ନାକ ନାଥୁଣୀ ଓ ୧୨ହଜାର ଟଙ୍କା ଚୋରି କରିନେଇଥିଲେ। ସକାଳେ ସେ ଓ ତାଙ୍କ ସ୍ୱାମୀ ଚିତ୍ରଡା ଫାଣ୍ଡିକୁ ଅଭିଯୋଗ ଦେବାକୁ ଯାଇଥିବାବେଳେ ଫାଣ୍ଡି ଫାଟକ ବନ୍ଦ ଥିବାରୁ ସେ ଘରକୁ ଫେରିଥିଲେ। ପରେ ଫାଣ୍ଡିକୁ ଯାଇ ଅଭିଯୋଗ ପତ୍ର ଦେଇଥିବା ବଡ଼ପୁଅ ରାଜୀବ ପ୍ରକାଶ କରିଛନ୍ତି। ଅଭିଯୋଗ ପାଇ ଜଣେ କନେଷ୍ଟବଳ ଆସି ଛାନଭିନ କରିଥିବା ସେ କହିଛନ୍ତି। ଦୀର୍ଘ ଆଠ ଘଣ୍ଟା ବିତିଯାଇଥିଲେ ମଧ୍ୟ ତାଙ୍କୁ ଏଫଆଇଆର କପି କିମ୍ବା କୌଣସି ଡ଼ଗ ସ୍କ୍ୱାଡକୁ ଆଣି ପୁଲିସ ଛାନଭିନ କରିନଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚିତ୍ରଡା ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି। ସେ ଫୋନ ନମ୍ବର ଦେଇ ନ ଥିବାରୁ ଯୋଗାଯୋଗ ହୋଇପାରି ନ ଥିବା କହିଛନ୍ତି।

ପିଆର୍‌ଏମ୍‌କୁ ସମ୍ପୂର୍ଣ୍ଣ ସ୍ଥାନାନ୍ତରଣ ପାଇଁ ୧୫ ଦିନର ମହଲତ ଦେଲେ ସାନନ୍ଦ

ବାରିପଦା, ୨।୬(ସମିସ)

ସ୍ଥାନୀୟ ପିଆରଏମ ମେଡିକାଲ କଲେଜ ଓ ନୂତନ ହସ୍ପିଟାଲକୁ ତୁରନ୍ତ ସ୍ଥାନାନ୍ତରିତ କରି କାର୍ଯ୍ୟକ୍ଷମ କରିବା ଦାବିରେ ବିଜୁ ଜନତା ଦଳ, ବାରିପଦା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଏହି ପ୍ରସଙ୍ଗରେ ଦଳର ଦାବି ଓ ଜନସାଧାରଣଙ୍କ ଉଦ୍‌ବେଗ ସମ୍ପର୍କରେ ଅବଗତ କରାଇଥିଲେ। ସେ ୧୫ ଦିନ ମଧ୍ୟରେ ହସ୍ପିଟାଲକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ କରାଗଲେ ଗଣଆନ୍ଦୋଳନ ଆରମ୍ଭ ହେବ ବୋଲି ଚେତାବନୀ ଦେଇଛନ୍ତି।

ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଥିବା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱରେ ସ୍ଥାପନା କରାଯାଇଥିଲା।। ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୮୫ କୋଟି ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୪୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ୨୦୨୪ରେ ନୂତନ ହସ୍ପିଟାଲ ଭବନକୁ ଲୋକାର୍ପଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ଭାବେ ଜନସାଧାରଣଙ୍କ ସେବାରେ ନିୟୋଜିତ ହୋଇପାରିନାହିଁ। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ନିକଟରେ ନିଜର ମତ ରଖିବା ବେଳେ ଶ୍ରୀ ମାରାଣ୍ଡି କହିଥିଲେ ଯେ, ମେଡିକାଲ କଲେଜ ସଂଲଗ୍ନ ନୂତନ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଓ ଭିତ୍ତିଭୂମି ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଥିବା ସତ୍ତ୍ୱେ ଏହାକୁ କାର୍ଯ୍ୟକ୍ଷମ ନ କରାଯିବା ଜିଲ୍ଲାବାସୀଙ୍କ ସହ ଏକ ପ୍ରକାର ଅବହେଳା। ସେ ଆହୁରି କହିଥିଲେ, ହସ୍ପିଟାଲ କର୍ତ୍ତୃପକ୍ଷ ଗଣମାଧ୍ୟମରେ ରଙ୍ଗମରା କାମ ସରିଯାଇଛି, ମୁଖ୍ୟମନ୍ତ୍ରୀ ସମୟ ଦେଲେ ଉଦଘାଟନ ହୋଇ କାର୍ଯ୍ୟକ୍ଷମ ହେବ ବୋଲି ବୟାନ ଦେବା ଅତ୍ୟନ୍ତ ଦୁଃଖଦାୟକ। ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ କେବଳ ଉଦଘାଟନ ସମୟ ଅପେକ୍ଷାରେ ଅଟକାଇ ରଖିବା କୌଣସି ପ୍ରକାରେ ଗ୍ରହଣୀୟ ନୁହେଁ ବୋଲି ସେ ମତ ପ୍ରକାଶ କରିଥିଲେ। ଶ୍ରୀ ମାରାଣ୍ଡି କହିଛନ୍ତି, ମୟୂରଭଞ୍ଜ ଭଳି ଏକ ବୃହତ୍ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଉନ୍ନତ ଚିକିତ୍ସା ସୁବିଧାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ। କିନ୍ତୁ ବିଭିନ୍ନ ସମୟରେ ରୋଗୀଙ୍କୁ କଟକ, ଭୁବନେଶ୍ୱର ଓ ଅନ୍ୟାନ୍ୟ ବଡ଼ ହସ୍ପିଟାଲକୁ ରେଫର କରାଯାଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଏହି ମେଡିକାଲ କଲେଜକୁ 'ରେଫର୍ ହସ୍ପିଟାଲ୍' ବୋଲି କହିବାର ପ୍ରବଣତା ବଢ଼ିଛି। ଏଭଳି ଟ୍ୟାଗଲାଇନ ଏକ ମେଡିକାଲ କଲେଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ ବିଷୟ ବୋଲି ସେ କହିଛନ୍ତି। ଏ ଅବସରରେ ଶ୍ରୀ ମାରାଣ୍ଡି କ୍ଷୋଭ ପ୍ରକାଶ କରି କହିଥିଲେ, ମୟୂରଭଞ୍ଜବାସୀଙ୍କ ଧୈର୍ଯ୍ୟର ପରୀକ୍ଷା ବନ୍ଦ କରନ୍ତୁ। ନୂତନ ହସ୍ପିଟାଲକୁ ତୁରନ୍ତ ଖୋଲି ସାଧାରଣ ଲୋକଙ୍କ ସେବାରେ ନିୟୋଜିତ କରନ୍ତୁ, ନଚେତ୍ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ। ବିଜୁ ଜନତା ଦଳ ପକ୍ଷରୁ ଦାବି କରାଯାଇଛି ଯେ, ତୁରନ୍ତ ଆବଶ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ନୂତନ ହସ୍ପିଟାଲକୁ ସାଧାରଣ ଲୋକଙ୍କ ସେବା ପାଇଁ ଖୋଲାଯାଉ। ଅନ୍ୟଥା ଆଗାମୀ ୧୫ ଦିନ ମଧ୍ୟରେ ଦୃଶ୍ୟମାନ ପଦକ୍ଷେପ ଗ୍ରହଣ ନ କରାଗଲେ ବିଜେଡି ପକ୍ଷରୁ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, ଛାତ୍ର ସଭାପତି ସୁନୀଲ ନାୟକ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜୀବ ଜେନା, ପୂର୍ବତନ ଛାତ୍ର ସଭାପତି ଅଭୟ ସିଂ, ରାଜ୍ୟ ସାଧାରଣ ସମ୍ପାଦକ ଜିତ୍ ପଟ୍ଟନାୟକ, ବାରିପଦା ନିର୍ବାଚନମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ, ଯୁବ ନେତା ନନ୍ଦନ ଭଞ୍ଜ, ଛାତ୍ର ନେତା ବିଶ୍ୱଜିତ ପରିଛା, ଅମିତ ବୈଠା, ରାମଚନ୍ଦ୍ର ବିଶ୍ୱାଳ, ମନୀଷ ବେହେରା, ଶିବଶଙ୍କର ଦାସ, ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ

ରାଇରଙ୍ଗପୁର, ୨।୬(ସମିସ): ସାଇବର ଅପରାଧୀ ବ୍ୟାଙ୍କ ଆକାଉଣ୍ଟରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି। ଏ ନେଇ ଠକେଇର ଶିକାର ରରୁଆଁ ଥାନା ଅନ୍ତର୍ଗତ ଝୁମୁକାପାଳ ଅଞ୍ଚଳର ଖଗେଶ୍ୱର ବେହେରା ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଖିଚିଂ ଶାଖାରେ ଆକାଉଣ୍ଟ ରହିଛି। ଯାହାକୁ ନେଇ ଅନଲାଇନ ଟଙ୍କା ଲେଣଦେଣ ତାଙ୍କ ମୋବାଇଲରେ ଯୋନ ଆପ୍ଲିକେସନ ଲୋଡ୍ କରିଥିଲେ। ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ତାଙ୍କ ଅଜାଣତରେ ପର୍ଯ୍ୟାୟକ୍ରମେ ଟଙ୍କା ଉଠାଣ ହୋଇଥିଲା। ସେ ଯାଞ୍ଚ କରିବାରୁ ଆକାଉଣ୍ଟରୁ ଟଙ୍କା ଉଠାଣ ବାବଦରେ ଜାଣିବାକୁ ପାଇଥିଲେ। ଏହାପରେ ବ୍ୟାଙ୍କକୁ ଯାଇ ଆକାଉଣ୍ଟ ଫ୍ରିଜ କରିଥିଲେ। ସାଇବର ଅପରାଧି ପର୍ଯ୍ୟାୟକ୍ରମେ ମୋଟ ୧୦, ୬୫, ୦୩୫ ଟଙ୍କା ଠକି ନେଇ ଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ସାଇବର ସେଲରେ ଅଭିଯୋଗ କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆନନ୍ଦପୁର, ୨।୬ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଟୋଲଙ୍କପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟକର୍ମୀ ଉମାମଣୀ ପାଢ଼ୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବେଲବାହାଳୀ ସେକ୍ଟରଠାରେ ଅନୁଷ୍ଠିତ ଉତ୍ସବରେ ତାଙ୍କ ୨୫ ବର୍ଷର ନିରନ୍ତର ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ସୁମଧୁର ବ୍ୟବହାର ସହ ଗତ ୨୦୨୦ରେ କୋଭିଡ ଏବଂ ବନ୍ୟା, ବାତ୍ୟା ସମୟରେ ନିଜକୁ ନିୟୋଜିତ କରିଥିବାରୁ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ୩-୪ଟି ପଞ୍ଚାୟତର ଲୋକମାନଙ୍କ ସହ ସୁପରିଚିତ ଥିବା ସହ ୮ ହଜାର ଲୋକ ସଂଖ୍ୟା ବିଶିଷ୍ଟ ୨ଟି ପଞ୍ଚାୟତରେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ବିଦାୟକାଳୀନ ସଭାରେ ଡ଼. ଅଭିମନ୍ୟୁ ବେହେରାଙ୍କ ସମତେ ଶାରଦା ପ୍ରସନ୍ନ ନାୟକ, ଆଶୁତୋଷ ସାହୁ, କ୍ଷୀରୋଦ କୁମାର ସାହୁ, ଭଗବତୀ ସାହୁ, ରାଧାକାନ୍ତ ସାହୁ, ବନମାଳି ବେହେରା, ସତ୍ୟଜିତ ସାହୁ, ଅଞ୍ଜନା ମିଶ୍ର, ସରସ୍ୱତୀ ସାହୁ, ମୋନାଲିସା ସାମଲ, ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ରଥଯାତ୍ରା ପାଇଁ ଉପଖଣ୍ଡସ୍ତରୀୟ ପ୍ରସ୍ତୁତି

ଚମ୍ପୁଆ,୨।୬(ସମିସ): ଜୁଲାଇ ୧୬ ତାରିଖରେ ଚମ୍ପୁଆସ୍ଥିତ ଦଧିବାମନଜୀଉଙ୍କ ପବିତ୍ର ରଥଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସଭାଗୃହରେ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏସଡିପିଓ ରଶ୍ମିରଂଜନ ସାହୁ, ଚମ୍ପୁଆ ଥାନାଧିକାରୀ ସ୍ୱରୁପ ରଂଜନ ନାୟକ, ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଏସଡିଏମଓ ପ୍ରମୁଖ ଯୋଗ ଦେଇଥିବା ବେଳେ ସହକାରୀ ଜିଲ୍ଲାପାଳ, ଅଗ୍ନିଶମ ବିଭାଗ, ଏନଏସି, ଆରଏମସି, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ମନ୍ଦିର କମିଟି ଯୋଗ ଦେଇଥିଲେ। ଚଳିତ ବର୍ଷ ରଥର ନବୀକରଣ ବ୍ୟବସ୍ଥା, ମନ୍ଦିରର ପୁନରୁଦ୍ଧାର, ମନ୍ଦିର ପ୍ରାଙ୍ଗଣରେ ପେଭର ବ୍ଲକ ପକାଇବାର ବ୍ୟବସ୍ଥା, ମନ୍ଦିରର ଜବରଦଖଲ ହୋଇଥିବା ଜାଗାକୁ ମନ୍ଦିରକମିଟି ନିଜ ଅକ୍ତିଆରକୁ ଆଣି ନୂତନ ପାଚେରି ନିର୍ମାଣ କରିବା, ମନ୍ଦିର ପ୍ରାଙ୍ଗଣରେ ଚାନ୍ଦୁଆ ଓ ଆଲୋକ ସାଜସଜ୍ଜା, ଶାନ୍ତିଶୃଙ୍ଖଳା ବଜାୟ ରଖିବା, ପିଇବା ପାଣିର ବ୍ୟବସ୍ଥା, ପରିଷ୍କାର ପରିଛନ୍ନ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା, ଆର୍ଥିକ ଅନୁଦାନ, ରଥଯାତ୍ରା ଓ ବାହୁଡା ଯାତ୍ରା ଦିନ ଶ୍ରୀ ଶ୍ରୀ ଦଧିବାମନଜୀଉ ବିଜେ ଚମ୍ପୁଆଙ୍କର ମାମୁଘର ରୂପେ ଘୋଷିତ ହୋଇଥିବା ପଳଶା ଗ୍ରାମରୁ ଭାର ଆଣିବାର ବ୍ୟବସ୍ଥା, ପ୍ରତିଦିନ ଅନ୍ନ ଭୋଗର ବ୍ୟବସ୍ଥା, ରଥ ଟଣା, ସୁରକ୍ଷିତ ପ୍ରସାଦ ବ୍ୟବସ୍ଥା, ରଥ ଦଉଡି, କର୍ଡନ, ଟ୍ରାଫିକ ପରିଚାଳନା, ପୁଲିସ ସହାୟତା କେନ୍ଦ୍ର, ବୟସ୍କଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆଦି ଉପରେ ଆଲୋଚନା କରାଯାଇଥିଲା। ଶ୍ରୀ ପରିଡା ସମସ୍ତଙ୍କ ସହାୟତା କାମନା କରିଥିଲେ।

ଜିଲ୍ଲା ଖଣିଜ ପାଣ୍ଠି ଓ ଜାତୀୟ କୃଷି ଉଦ୍ୟାନ ଯୋଜନାରେ ଲୁଟ୍

୫୯ ଏକର ଜାଗାରେ ୨୬ ଲକ୍ଷ ଟଙ୍କାର ଆମ୍ବ ବଗିଚା ଉଭାନ

ଯୋଡ଼ା, ୨।୬(ସମିସ)

ଜିଲ୍ଲା ଖଣିଜ ପାଣ୍ଠି ଏବଂ ଜାତୀୟ କୃଷି ଉଦ୍ୟାନ ଯୋଜନାରେ ଯୋଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟରେ କରାଯାଇଥିବା ଆମ୍ବ ବଗିଚା ପ୍ରକଳ୍ପ ବର୍ତ୍ତମାନ ଉଭାନ ହୋଇଯାଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଫଳରେ ସରକାରୀ ଅର୍ଥର ସଠିକ୍ ବିନିଯୋଗ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ପ୍ରାୟ ୫୯ ଏକର ଜମିରେ ୨୬ ଲକ୍ଷ ଟଙ୍କା ବ୍ୟୟରେ ଯୋଡ଼ା ବ୍ଲକ ବିଭିନ୍ନ ପଞ୍ଚାୟତ ଯଥା ବେଲଦାଠାରେ ୧୮ ଏକର ଜାଗାରେ, ଦେଓଝରଠାରେ ୬ ଏକର ଜାଗାରେ, ପଳଶାଠାରେ ୮ ଏକର ଜାଗାରେ, ଗୁରୁବେଡାଠାରେ ୧୨ ଏକର ଜାଗାରେ, ମୁଟୁଡାଠାରେ ୧୫ ଏକର ଜାଗାରେ ୫୦ ଜଣ ହିତାଧିକାରୀଙ୍କ ନାଁରେ ଆମ୍ବ ବଗିଚା ସୃଷ୍ଟି କରିବା ପାଇଁ ମୂଲ୍ୟବାନ ଆମ୍ବ ଭାବେ ଆମ୍ରପାଲି, ମଲ୍ଲୀକା, ଦଶରୀ ପ୍ରଭୃତି ଲଗାଯାଇଥିଲା। ଏଥିରେ ୭୫ ପ୍ରତିଶତ ସରକାରୀ ସହାୟତା ଚାଷୀଙ୍କୁ ମିଳିଥିବା ବେଳେ ବାକି ୨୫ ପ୍ରତିଶତ ନିଜେ ଚାଷୀ ନିବେଶ କରିଥିଲେ। ଏଥିରେ ଜିଲ୍ଲା ଖଣିଜ ପାଣ୍ଠିରୁ ଅଧିକାଂଶ ଡ୍ରିପ ଇରିଗେସନ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ରାକ୍ଷଣବେକ୍ଷଣ ପାଇଁ ପାଣି, ସାର, ଔଷଧ ପ୍ରଭୃତିର ବ୍ୟବସ୍ଥା ଏହି ଯୋଜନା ମାଧ୍ୟମରେ ଦିଆଯାଇଥିଲା। ଚାରାଗୁଡିକୁ ସୁରକ୍ଷିତ ରଖିବା ନିମନ୍ତେ କଣ୍ଟାବାଡ ପାଇଁ ମଧ୍ୟ ସରକାର ତରଫରୁ ଯୋଗାଇ ଦିଆଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷଠାରୁ ଉକ୍ତ ବଗିଚା ଗୁଡିକରୁ ଆମ୍ବ ଆମଦାନୀ କରିବା ପାଇଁ ଲକ୍ଷ ଥିବାବେଳେ ଅଧିକାଂଶ ସ୍ଥାନରେ କାଁ ଭାଁ ଗଛ ବଞ୍ଚିଥିବାର ଦେଖିବାକୁ ମିଳିଛି। ଗାଈ ଛେଳି ଗଛ ଚରିଯିବା ସହ ପାଣିର ଅଭାବ ଯୋଗୁଁ ଅଧା ମରି ଯାଇଥିବା ବେଳେ ବାକିରେ ଧୂଳି ଧୂଆଁ ବାଜି ବଉଳଗୁଡିକ ଝଡି ପଡିଥିଲା। ଏହି ଉଦ୍ୟାନଗୁଡିକରେ ଚାରା ରୋପଣ ଏକ ଏନଜିଓ ମାଧ୍ୟମରେ କରାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ଉକ୍ତ ଏନଜିଓକୁ ଦିଆଯାଇଥିଲା। ଏହିସବୁ ଗଛ ୨୦୨୦-୨୧ ଆର୍ଥିକ ବର୍ଷରେ ଜାତୀୟ କୃଷି ଉଦ୍ୟାନ ଯୋଜନା ଅଧୀନରେ ଯୋଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏକର ଏକର ଜମିରେ ଆମ୍ବ ଚାରା ରୋପଣ କରାଯାଇଥିଲା। ଉଦ୍ଦେଶ୍ୟ ଥିଲା ପରିବେଶ ସୁରକ୍ଷା ସହ ସ୍ଥାନୀୟ ଲୋକଙ୍କ ଆୟ ବୃଦ୍ଧି କରିବା। ମାତ୍ର କିଛି ବର୍ଷ ମଧ୍ୟରେ ଅଧିକାଂଶ ବଗିଚାରେ ଲଗାଯାଇଥିବା ଆମ୍ବ ଗଛ ଶୁଖିଯାଇଥିବା ନଷ୍ଟ ହୋଇଯାଇଛି। ଅନେକ ସ୍ଥାନରେ ଗଛର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ। ଗଛର ରକ୍ଷଣାବେକ୍ଷଣ, ଜଳସେଚନ ଓ ନିୟମିତ ତଦାରଖର ଅଭାବ ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ତଦନ୍ତ ଦାବି

ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି ଯେ ସରକାରୀ ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ତାହାର ଫଳ ଜନସାଧାରଣ ପାଇପାରିଲେ ନାହିଁ। ପ୍ରକଳ୍ପର କାର୍ଯ୍ୟକାରିତା, ଚାରା ରୋପଣ ପରବର୍ତ୍ତୀ ରକ୍ଷଣାବେକ୍ଷଣ ଏବଂ ଖର୍ଚ୍ଚ ହୋଇଥିବା ଅର୍ଥର ସଠିକ୍ ଉପଯୋଗ ନେଇ ଏକ ସ୍ୱଚ୍ଛ ତଦନ୍ତ କରାଯିବାକୁ ଦାବି ଉଠିଛି।

ଏନେଇ ଉଦ୍ୟାନ ବିଭାଗ ଏବଂ ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ପ୍ରକଳ୍ପଗୁଡ଼ିକର ବାସ୍ତବ ସ୍ଥିତି ଯାଞ୍ଚ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର ଧରିବା ସହ ଏହାର ବିଧିବଦ୍ଧ ଭାବେ ଯାଞ୍ଚ କରିବାକୁ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କୁ ନିବେଦନ କରାଯାଇଛି।

ସାଇଁକୁଳ ମେଡିକାଲ ରୋଗୀଶଯ୍ୟାରେ କୁକୁର

ଆନନ୍ଦପୁର,୨।୬ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀଶଯ୍ୟାରେ କୁକୁର ଶୋଇବା ଦୃଶ୍ୟ ସରକାରୀ ସ୍ୱାସ୍ଥ୍ୟସେବାର ପରିଚାଳନା ଉପରେ ସିଧାସଳଖ ପ୍ରଶ୍ନ ଉଠାଇଛି। ଯେଉଁ ହସ୍ପିଟାଲ ବେଡ୍‌ରେ ରୋଗୀମାନେ ଚିକିତ୍ସା ପାଇବା କଥା, ସେହି ବେଡ୍‌ରେ ଆରାମରେ ଶୋଇଛନ୍ତି ବୁଲା କୁକୁର। ଏହି ଦୃଶ୍ୟ ଦେଖି ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସ୍ୱାସ୍ଥ୍ୟାବସ୍ଥା କେତେ ଦୁର୍ବଳ ତାହା ସହଜରେ ଅନୁମାନ କରାଯାଇପାରେ। ଏହା କେବଳ ଏକ ଅବହେଳାର ଘଟଣା ନୁହେଁ, ବରଂ ରୋଗୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ପ୍ରତି ହେଉଥିବା ଗୁରୁତର ଅବମାନନା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ହସ୍ପିଟାଲ ଭିତରକୁ କୁକୁର ପ୍ରବେଶ କଲା କିପରି ? ସୁରକ୍ଷା କର୍ମୀ କ'ଣ କରୁଥିଲେ? ହସ୍ପିଟାଲରେ ନିୟୋଜିତ କର୍ମଚାରୀ ଏବଂ ସୁରକ୍ଷାକର୍ମୀମାନେ କେଉଁଠି ଥିଲେ? ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଏହା ପ୍ରଥମ ବିବାଦ ନୁହେଁ। ପୂର୍ବରୁ ମଧ୍ୟ ହସ୍ପିଟାଲରେ ବିଭିନ୍ନ ଅବ୍ୟବସ୍ଥା ଓ ଅନିୟମିତତାକୁ ନେଇ ଅଭିଯୋଗ ଉଠିଥିଲା। ଏପରିକି କିଛି ଦିନ ପୂର୍ବରୁ ଡାକ୍ତର ଏବଂ ଡ୍ରେସର ମଦ୍ୟପାନ କରି କାର୍ଯ୍ୟ କରୁଥିବା ନେଇ ମଧ୍ୟ ଅଭିଯୋଗ ଚର୍ଚ୍ଚାକୁ ଆସିଥିଲା। ପ୍ରଶ୍ନ ଉଠୁଛି, ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ପାଇଁ ଦାୟୀ କିଏ? ମେଡିକାଲ୍ ଅଫିସର ଏବଂ ଉଚ୍ଚ ଅଧିକାରୀମାନେ କାହିଁକି ଏହା ଉପରେ ଦୃଷ୍ଟି ଦେଉନାହାନ୍ତି? ଏହାକୁ ନେଇ ଏବେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ସୁରକ୍ଷା କର୍ମୀଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ

କାଶିରାରେ ଓଡ଼ିଶା ସ୍ୱଚ୍ଛତା ଅଭିଯାନ

ଯୋଡ଼ା, ୨।୬(ସମିସ): ଜେଏସଡବ୍ଲୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗ ଏହାର ସାମାଜିକ ଦାୟିତ୍ୱ ଏବଂ ସ୍ୱଚ୍ଛ ଭାରତ ମିଶନ ଅଧୀନରେ କାଶିରା ଗ୍ରାମରେ ଏକ ବଡ଼ ସଫେଇ ଅଭିଯାନ କରିଥିଲା। ନାରାୟଣପୋଷି ଲୁହା ଏବଂ ମାଙ୍ଗାନିଜ୍ ଖଣିର ୧୦୦ ଜଣ କର୍ମଚାରୀଙ୍କ ଏକ ଉତ୍ସର୍ଗୀକୃତ ଦଳ କାଶିରା ଗ୍ରାମର ପରିଚ୍ଛନ୍ନତା ପୁନଃସ୍ଥାପନ ଏବଂ ପାରିପାର୍ଶ୍ୱିକ ଉନ୍ନତି ପାଇଁ ପ୍ରୟାସ କରିଥିଲା। ଜେଏସଡବ୍ଲୁ ଷ୍ଟିଲ୍‌ର ସଫେଇ ଦଳ କାଶିରା ଗ୍ରାମରେ ୧ କିଲୋମିଟର ରାସ୍ତା ସଫା କରିଥିଲା, ଯାହା ଯାତ୍ରୀ ଏବଂ ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରତିଦିନ ବ୍ୟବହୃତ ହେଉଥିଲା। ସ୍ଥାନୀୟ ଗ୍ରାମର ନେତାମାନେ ଜେଏସଡବ୍ଲୁ ଷ୍ଟିଲ୍ ଦଳକୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ଉନ୍ନତ ରାସ୍ତା ନାଗରିକ ଗର୍ବ ବୃଦ୍ଧି କରିଛି ଏବଂ ବାସିନ୍ଦାଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ବୃଦ୍ଧି କରିଛି। ସ୍ୱେଚ୍ଛାସେବକ ଏବଂ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାକୁ ସଫା ରଖିବା ପାଇଁ ଏକ ମିଳିତ ପ୍ରତିଶ୍ରୁତି ସହିତ ଅଭିଯାନ ଶେଷ ହୋଇଥିଲା। ଜେଏସଡବ୍ଲୁ ଷ୍ଟିଲ୍ ସମାନ ପ୍ରଭାବଶାଳୀ ସାମାଜିକ-

କଲ୍ୟାଣ ପଦକ୍ଷେପ ମାଧ୍ୟମରେ କାଶିରା ଏବଂ ଅନ୍ୟାନ୍ୟ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ପାଇଁ ନିରନ୍ତର ସମର୍ଥନ ପାଇଁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଥିଲା। ଜେଏସଡବ୍ଲୁ ଷ୍ଟିଲ୍ ଜୋର ଦେଇ କହିଛି ଯେ ଏହା ଗୋଟିଏ ଦିନର ସଫା ପ୍ରୟାସ ନୁହେଁ କିନ୍ତୁ ଏହା ଏହାର ଆଖପାଖ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ କମ୍ପାନୀର ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ଜନ୍ମଉତ୍ସବ

ଆନନ୍ଦପୁର, ୨।୬(ସମିସ): ଘସିପୁରା ବ୍ଲକ ଆଦିବାସୀ ସେଙ୍ଗେଲ ଅଭିଯାନର ସଂଯୋଜକ ବଳରାମ ଟୁଡୁଙ୍କ ନେତୃତ୍ୱରେ ଗୋହିରା ଗ୍ରାମପଞ୍ଚାୟତ ଯୁଗଳକେଶରପୁର ଗ୍ରାମରେ ଆଦିବାସୀ ସେଙ୍ଗେଲ ଅଭିଯାନର କାର୍ଯ୍ୟକର୍ତ୍ତାମାନେ ସେଙ୍ଗେଲର ରାଷ୍ଟ୍ରୀୟ ସଭାପତି ତଥା

ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ଜୟନ୍ତୀ ପାଳନ କରିଛନ୍ତି। ଆଦିବାସୀ ସମାଜରେ ସାଲଖାନ ମୁର୍ମୁ ଏକ ମହାନ ସାହସୀ ଉଚ୍ଚଶିକ୍ଷିତ ମହାପୁରୁଷ ଏବଂ ସମ୍ବିଧାନର ଜ୍ଞାତା ଅଟନ୍ତି। ସେ ଆଦିବାସୀଙ୍କର ଉନ୍ନତି ଏବଂ ବିକାଶ ପାଇଁ ସାରା ଜୀବନ ସଂଘର୍ଷ, ସଂଗ୍ରାମ କରୁଛନ୍ତି ଏବଂ ଆଦିବାସୀ ସମାଜ ପାଇଁ ଏବେବି ସମର୍ପିତ ଅଛନ୍ତି। ୧୯୮୦ରୁ ଆଦିବାସୀମାନଙ୍କର ହାସା (ଜଲ, ଜଙ୍ଗଲ, ଜମିନ), ଭାଷା (ସାନ୍ତାଳୀ, ହୋ, ମୁଣ୍ଡାରୀ, କୁଡୁଖ, ଖଡ଼ିଆ), ଜାତି, ଧର୍ମ, ମାନ ସମ୍ମାନ, ଇଜ୍ଜତ, ଆବାଦୀ ରୋଜଗାର, ଚାଷବାସ ଆଦିକୁ ବଞ୍ଚାଇବା ସହିତ ସମୃଦ୍ଧ କରିବା ପାଇଁ କାର୍ଯ୍ୟକରୁଛନ୍ତି । ହାଣ୍ଡିଆ ଭଳି ନିଶାଦ୍ରବ୍ୟକୁ ହଟାଇବା, ଡାହାଣୀ ନାମରେ ହତ୍ୟା, ଅନ୍ଧବିଶ୍ୱାସ, କୁପ୍ରଥା, ମନଇଚ୍ଛା ଜରିମାନା, ସାମାଜିକ ବହିଷ୍କାର, ଈର୍ଷା-ଦ୍ୱେଷ, ମାଝୀ ପାର୍ଗାନା ବ୍ୟବସ୍ଥାରେ ଜନତାନ୍ତ୍ରିକ ସୁଧାର ଆଦି କାର୍ଯ୍ୟ କରୁଛନ୍ତି। ସେଙ୍ଗେଲର ସମସ୍ତ କାର୍ଯ୍ୟକର୍ତ୍ତା ସାର୍ନା ଧର୍ମ କୋଡ, ସାନ୍ତାଳୀ ରାଜଭାଷା, ମାରାଂବୁରୁ, ଜାହେର ଆୟ, ମଡେକ ତୁରୁୟକ ଆଦି ଦେବଦେବୀଙ୍କର ସୁରକ୍ଷା ଏବଂ ସ୍ଥାପିତ କରିବା ପାଇଁ ଲଢେଇ କରିବେ ବୋଲି ଶପଥ ଗ୍ରହଣ କରିଛନ୍ତି। ବ୍ଲକ ମାଝୀ ପାର୍ଗାନା ମାଡ଼ଆ ସଭାପତି ଦାସମାତ ଟୁଡୁ, ଦାସରଥ ସୋରେନ, ରବିନ୍ଦ୍ର ସୋରେନ, ଅର୍ଜୁନ ଟୁଡୁ, ଗୋପୀ ମୁର୍ମୁ, ମଙ୍ଗଲ ଟୁଡୁ, ବାସନ୍ତୀ ଟୁଡୁ, ଶ୍ୟାମସୁନ୍ଦର ମୁର୍ମୁ, ବାସନ୍ତୀ ଟୁଡୁ, ସାରତୀ ଟୁଡୁ, ମଙ୍ଗଲ ମୁର୍ମୁ, ସୁଗି ମୁର୍ମୁ, ଧର୍ମା ଟୁଡୁ ଏବଂ ଅନେକ ସେଙ୍ଗେଲ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଓରାଳି-ଆପଣ୍ଡା ସୀମା ବିବାଦ ତୁଟିଲା

▶▶ ଛକକୁ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ କରାଯିବାକୁ ସହମତି

ହାଟଡ଼ିହୀ,୨।୬(ସମିସ): ଭଦ୍ରକ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର କେନ୍ଦୁଝର ଜିଲ୍ଲା ଓରାଳି ପଞ୍ଚାୟତର ଓରାଳି ଛକ ଓ ଭଦ୍ରକ ଜିଲ୍ଲା ବସନ୍ତିଆ ପଞ୍ଚାୟତର ଆପଣ୍ଡା ଛକକୁ ନେଇ ଦୁଇ ଜିଲ୍ଲାର ଗ୍ରାମବାସୀ ମଧ୍ୟରେ ସୀମା ବିବାଦ ଲାଗି ରହିଥିଲା। ତେବେ ଦୁଇ ଜିଲାର ପ୍ରଶାସନିକ ଅଧିକାରୀଙ୍କ ଉଦ୍ୟମ ଯୋଗୁଁ ଏହି ବିବାଦ ତୁଟିଛି। ଏ ସଂକ୍ରାନ୍ତ ଅନୁଷ୍ଠିତ ବୈଠରେ ଛକଟିକୁ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ କରାଯିବାକୁ ସହମତି ହୋଇଛି। ସୂଚନାଥାଉ କି, ପୂର୍ବରୁ ସେହି ଛକକୁ ଓରାଳି ଛକ ନାମରେ ନାମିତ କରାଯାଇ ଓରାଳି ପଞ୍ଚାୟତ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଇଛି। ଏହି ବୈଠକରେ ଜିଲ୍ଲାପାଳଙ୍କ ପ୍ରତିନିଧି ଭାବେ ହାଟଡ଼ିହୀ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ଭଦ୍ରକ ଜିଲ୍ଲାପାଳଙ୍କ ବୈଠକରେ ଯୋଗ ଦେଇଥିଲେ। ଏଥିରେ ଆପଣ୍ଡା-ଓରାଳି ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ଯୋଗଦେବା ସହିତ ଭଦ୍ରକ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ବନ୍ତ ବ୍ଲକ ଚେୟାରମ୍ୟାନ ମନୋରଞ୍ଜନ ଘଡ଼େଇ, ବନ୍ତ ବିଡିଓ ସୀତାକାନ୍ତ ରାଉତ, ବସନ୍ତିଆ ପଞ୍ଚାୟତର ସରପଞ୍ଚ ଅଶୋକ ସାହୁ, ଓରାଳି ସରପଞ୍ଚ ହରିଶ୍ଚନ୍ଦ୍ର ଜେନାଙ୍କ ସମେତ ଅନେକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଏହି ବସଷ୍ଟାଣ୍ଡକୁ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ନାମିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ତେବେ ଏହାକୁ ନେଇ କେନ୍ଦୁଝର ଜିଲ୍ଲାପାଳଙ୍କ ପ୍ରତିନିଧି ଭାବେ ଯାଇଥିବା ହାଟଡିହୀ ବିଡ଼ିଓ ଶ୍ରୀ ପରିଡ଼ାଙ୍କୁ ପଚାରିବାରୁ, ସେଠାରେ ଭଦ୍ରକ ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ବନ୍ତ ବ୍ଲକ ବିଡିଓ ଯୋଗ ଦେଇଥିବା ବେଳେ ଓରାଳି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଦୁଇ ଗ୍ରାମର ଗ୍ରାମବାସୀ ଯୋଗ ଦେଇଥିଲେ। ଦୁଇ ପକ୍ଷ ଓ ଦୁଇ ଜିଲ୍ଲାର ପ୍ରଶାସନଙ୍କ ଆଲୋଚନା ପରେ ବିବାଦ ତୁଟିଥିଲା। ଏହି ଛକକୁ ସ୍ୱାଧୀନତା ସଂଗ୍ରାମୀ ଛକ କରାଯିବାକୁ ଦୁଇ ପକ୍ଷଙ୍କ ମଧ୍ୟରେ ସହମତି ହୋଇଛି। ଖୁବ ଶୀଘ୍ର ଭଦ୍ରକ ଜିଲ୍ଲପାଳ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାଧୀନତା ସଂଗ୍ରାମୀ ଛକ ଘୋଷଣା କରାଯିବା ସହିତ ବନ୍ଦଥିବା ବିଶ୍ରାମାଗାରକୁ ଖୋଲାଯିବ ବୋଲି କୁହାଯାଇଛି।

ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର,୨।୬(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କଣ୍ଟାକୋଳି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର ସେଠୀ ଓ ବ୍ଲକ ସହକାରୀ ଶିକ୍ଷାଧିକାରୀ ନିରଞ୍ଜନ ନାୟକଙ୍କୁ ରୁଗୁଡି କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉଭୟ କର୍ମଚାରୀଙ୍କ ଦୀର୍ଘ ବର୍ଷର ନିଷ୍ଠା, ସମର୍ପଣ ଓ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ସହ ଆଗାମୀ କର୍ମମୟ ଜୀବନ ଭଲରେ କଟିବା ପାଇଁ ସମସ୍ତେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉମାକାନ୍ତ ନାୟକ, ରୁଗୁଡି ଆଞ୍ଚଳିକ ସାଧାନ କେନ୍ଦ୍ରର ସଂଯୋଜକ ଭତୃହରି ଦେହୁରୀ, କୁଣ୍ଡେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଇଲକ୍ୟନାଥ ରାଉତରାୟ ସମେତ ସମସ୍ତ ସହକାରୀ ଓ ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

ବଜ୍ରପାତରେ ବଳଦ ମୃତ

ଆନନ୍ଦପୁର, ୨।୬ (ସମିସ): ମଧ୍ୟାହ୍ନରେ ବଜ୍ରପାତ ହୋଇ ଗୋଟିଏ ବଳଦର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଏକ ବଳଦ ଗୁରୁତର ଆହତ ହୋଇଛି। ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ମାର୍ଶାପାଳ ଗାଁର ନାରାୟଣ ଟୁଡୁଙ୍କ ଦୁଇଟି ବଳଦ ଏକାଠି ପଡିଆରେ ଚରୁଥିବା ସମୟରେ ହଠାତ୍ ବଜ୍ରାପାତ ହେବାରୁ ଗୋଟିଏ ବଳଦର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କାଳବୈଶାଖୀ ପ୍ରଭାବରେ ଆଜି ମଧ୍ୟାହ୍ନରେ ସମଗ୍ର ଆନନ୍ଦପୁର ଉପଖଣ୍ଡରେ ଅନେକ ସମୟ ଧରି ବିଭିନ୍ନ ସ୍ଥାନରେ ବଜ୍ରପାତ ହୋଇଥିଲା।

ଚିନ୍ଦରା ପୋଖରୀରୁ ବେଆଇନ୍ ମାଟି ଚାଲାଣ ଅଭିଯୋଗ

ହାଟଡ଼ିହୀ,୨।୬(ସମିସ)

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ବଞ୍ଚୋ ମୌଜା ଅନ୍ତର୍ଗତ ଚିନ୍ଦରା ପୋଖରୀରୁ ଜେସିବି ଓ ଟ୍ରାକ୍ଟର ଯୋଗେ ଶତାଧିକ ଟ୍ରିପ୍ ମାଟି ଚୋରା ଚାଲାଣ ହୋଇଥିବା ଅଭିଯୋଗକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣା ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ ସଫେଇ ଏବେ ନୂଆ ବିବାଦ ସୃଷ୍ଟି କରିଥିବା କୁହାଯାଉଛି। ସରପଞ୍ଚଙ୍କ ଦାବି ଅନୁସାରେ, ପୋଖରୀଟି ପଦ୍ମନାଡ଼ ସଫା ପାଇଁ ନିଲାମ ଦିଆଯାଇଥିଲା। ନିଲାମଧାରୀ ମାଛ ଚାଷ କରିପାରୁ ନଥିବାରୁ ଲିଖିତ ଭାବେ ଜଣାଇବା ପରେ ନିଜସ୍ୱ ଅର୍ଥରେ ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଉଥିବା ସେ କହିଛନ୍ତି। କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୋଖରୀରେ ପାଣି କିମ୍ବା ପଦ୍ମନାଡ଼ ଥିବାର କୌଣସି ଚିହ୍ନ ନଥିବାବେଳେ ପଦ୍ମନାଡ଼ ସଫା ନାଁରେ ମେସିନ୍ ଲଗାଇ ମାଟି ଖୋଳି ବିକ୍ରି କରାଯାଇଛି। ଅଭିଯୋଗ ଅନୁଯାୟୀ, ଦିନ ଦ୍ୱିପ୍ରହରେ ଜେସିବି ସହାୟତାରେ ପୋଖରୀରୁ ମାଟି ଉଠାଇ ଟ୍ରାକ୍ଟର ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଇଛି। ଏହାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି। ପୋଖରୀର ନିଲାମ କେତେ ଟଙ୍କାରେ ହୋଇଥିଲା, ତାହାର ରସିଦ ନମ୍ବର କଣ ଏବଂ ସେହି ଟଙ୍କା ପଞ୍ଚାୟତର ରାଜସ୍ୱ ଖାତାରେ ଦର୍ଶାଯାଇଛି କି ନାହିଁ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଉଛି।

ସେହିପରି, ପୋଖରୀରୁ ମାଟି ଉଠାଇବା ପାଇଁ ତହସିଲ କାର୍ଯ୍ୟାଳୟ କିମ୍ବା ସମ୍ପୃକ୍ତ ବିଭାଗର ଅନୁମତି ନିଆଯାଇଥିଲା କି ନାହିଁ, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ପଦ୍ମନାଡ଼ ସଫା ପାଇଁ ଜେସିବି ଓ ଟ୍ରାକ୍ଟରର ଆବଶ୍ୟକତା କାହିଁକି ପଡ଼ିଲା, ଖୋଳାଯାଇଥିବା ମାଟି କେଉଁଠି ଗଲା ଏବଂ ପୋଖରୀ ଖନନ ପାଇଁ କେଉଁ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇଥିଲା, ତାହାର ଉତ୍ତର ଦାବି କରିଛନ୍ତି ଅଞ୍ଚଳବାସୀ। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ପ୍ରଶାସନର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

ପୋଖରୀ ସଫା ନାଁରେ ମାଟି ବିକ୍ରି !

ଏନ୍‌ସିସି ତାଲିମ୍ ଶିବିର ଆରମ୍ଭ

କେନ୍ଦୁଝର, ୨।୬(ସମିସ): ଏନ୍‌ସିସି କ୍ୟାମ୍ପ-୨ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି। ଶିବିରର ଦ୍ୱିତୀୟ ଦିନରେ ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି କେନ୍ଦୁଝର କମାଣ୍ଡିଙ୍ଗ ଅଫିସର କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ ଉଦଘାଟନୀ ସମାରୋହରେ କ୍ୟାଡେଟ୍‌ଙ୍କୁ ଶୃଙ୍ଖଳା, କଠିନ ପରିଶ୍ରମ ଏବଂ ସମର୍ପଣ ସହିତ ମାତୃଭୂମିର ସେବା ପାଇଁ ପ୍ରୟାସ କରିବାକୁ ଉପଦେଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣଲ ମୟୂର ଘାଡଗେ ଏବଂ ସୁବେଦାର ମେଜର ମହମ୍ମଦ ଶାହିଦ ଭଲ ଚରିତ୍ରବାନ ମଣିଷ ହେବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରୁ ପ୍ରାୟ ୬୦୦ ଜଣ କ୍ୟାଡେଟ୍ ପ୍ରଶିକ୍ଷଣ ନେଉଛନ୍ତି। କ୍ୟାମ୍ପର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଆର୍‌ଡିସି, ଆଇଡିଏସ୍ଏସ୍‌ସି, ଟିଏସ୍‌ସି ୨୦୨୬-୨୭ ପାଇଁ ସକ୍ଷମ କ୍ୟାଡେଟ ଚୟନ କରିବା। ଏହାସହ ଡ୍ରିଲ୍, ଅସ୍ତ୍ର ପ୍ରଶିକ୍ଷଣ, ମାନଚିତ୍ର ପଢ଼ା, ସ୍ୱାସ୍ଥ୍ୟ ଓ ପରିଷ୍କାର, ଡ୍ରୋନ୍ ପ୍ରଶିକ୍ଷଣ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ପ୍ରାଥମିକ ଚିକିତ୍ସା, ଜାତୀୟ ସଂହତି ଉପରେ କ୍ୟାଡେଟମାନଙ୍କ ପାଇଁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି। ଫୁଟବଲ୍, ଭଲିବଲ୍ ଭଳି କ୍ରୀଡା ପ୍ରତିଯୋଗିତା ସହ ଏକକ ସଙ୍ଗୀତ ଓ ଏକକ ନୃତ୍ୟ, ଦଳଗତ ନୃତ୍ୟ ଭଳି ସାଂସ୍କୃତିକ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ। ଲେଫ୍ଟନାଣ୍ଟ ଦୀପକ କୁମାର ଗିରି, ଉମାକାନ୍ତ ବେହେରା, ଦିଗାମ୍ବର ରାଉତ, ନିହାର ରଞ୍ଜନ ମହାନ୍ତ, ଅରୁଣ କୁମାର ଜେନା, ଚିଫ ଅଫିସର୍ ମାନସ ରଞ୍ଜନ ପ୍ରଧାନ, ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାତ୍ର, ସେକେଣ୍ଡ ଅଫିସର୍ ବିଜୟ କୁମାର ବେହେରା ଏବଂ ୧୮ ଜଣ ପିଆଇ ଷ୍ଟାଫ୍‌ଙ୍କ ଦ୍ୱାରା କ୍ୟାମ୍ପ ପରିଚାଳିତ ହେଉଛି।

ସକାଳ
THE SAKALA

ସମ୍ପାଦକୀୟ

ମୁଁ ଯେଉଁ 'ୱେବ୍ ଦୁନିଆ' ର ପରିକଳ୍ପନା କରିଥିଲି, ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏବେ ମଧ୍ୟ ଆମର ଭବିଷ୍ୟତ ଆମର ଅତୀତ ଅପେକ୍ଷା ବୃହଦାକାର ରୂପେ ଉଭା ହୋଇ ରହିଛି।

- ଟିମ୍ ବର୍ଣର୍ସ ଲୀ

ମୂଲ୍ୟାଙ୍କନର ହନୁକରଣ

ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଜନିତ ବିବାଦର ଅବସାନ ଘଟି ନଥିବା ବେଳେ ସିବିଏସ୍ଇ(କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) ଅଧୀନରେ ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଖାତା ମୂଲ୍ୟାୟନ ବିଭ୍ରାଟ ଦେଶରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସାମଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଘୂଣ ଖାଇ ଯାଇଥିବା ଅଭିଯୋଗ ମଧ୍ୟ ହେଉଛି। ଏଥିସହିତ କୋଟିକୋଟି ଭାରତୀୟ ଶିକ୍ଷାର୍ଥୀଙ୍କ ଭାଗ୍ୟ ଓ ଭବିଷ୍ୟତକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ସମୟୋପଯୋଗୀ ବିକାଶ ଆଳରେ ଗତ କିଛିବର୍ଷ ଧରି ଦେଶର ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଅପରିଣାମଦର୍ଶୀ ପରୀକ୍ଷା ନିରୀକ୍ଷାର ନକାରାତ୍ମକ ପରିଣାମ ଏବେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଭୋଗୁଛନ୍ତି। କେଉଁଠି ପାଠ୍ୟକ୍ରମରେ ବ୍ୟାପକ ଓ ଅନାବଶ୍ୟକ ପରିବର୍ତ୍ତନ କରାଯାଉଛି ତ କେତେବେଳେ ପରୀକ୍ଷାରେ ଅବାନ୍ତର ବ୍ୟବସ୍ଥାମାନ ଖଞ୍ଜା ଯାଉଛି। ଏହାର ସଦ୍ୟତମ ଉଦାହରଣ ରୂପେ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନକୁ ନିଆଯାଇପାରେ।

ଚଳିତ ବର୍ଷ ଦ୍ୱାଦଶ ପରୀକ୍ଷା ଖାତା ମୂଲ୍ୟାୟନକୁ ଅନ୍‌ସ୍କ୍ରିନ୍ ମାର୍କିଂ (ଓଏସ୍ଏମ୍) କରିଦିଆଗଲା। ଏହି ପଦ୍ଧତିରେ ପରୀକ୍ଷା ଖାତାଗୁଡ଼ିକୁ ସ୍କାନ୍ କରି କମ୍ପ୍ୟୁଟରରେ ଅପ୍‌ଲୋଡ୍ କରାଯାଏ। ପରୀକ୍ଷକମାନେ ଉତ୍ତରଖାତାଗୁଡ଼ିକୁ ଆଉ ପ୍ରତ୍ୟକ୍ଷ ନ ପଢ଼ି କମ୍ପ୍ୟୁଟର ସ୍କ୍ରିନ୍‌ରେ ପଢ଼ି ମୂଲ୍ୟାୟନ କରନ୍ତି। ଏହାଦ୍ୱାରା ମୂଲ୍ୟାୟନ ସମୟ ତ ସଞ୍ଚିତ ହେଲା ନାହିଁ, ଅଧିକନ୍ତୁ ଡିଜିଟାଲ୍ କ୍ଷେତ୍ରରେ ଭାରତର ଅପାରଗତା ଓ ତ୍ରୁଟି ପୁଣି ଥରେ ପଦାକୁ ଆସିଲା। ଜଣେ ପରୀକ୍ଷାର୍ଥୀଙ୍କ ଉତ୍ତରଖାତାର କିଛି ଫର୍ଦ୍ଦ ଆଉ ଜଣେ ପରୀକ୍ଷାର୍ଥୀଙ୍କ ଖାତାରେ ଯୋଡ଼ି ହୋଇଗଲା ଏବଂ କେତେଜଣ ପରୀକ୍ଷାର୍ଥୀଙ୍କ ଉତ୍ତରଖାତାରୁ କିଛି ପୃଷ୍ଠା କମ୍ପ୍ୟୁଟର ସ୍କ୍ରିନ୍‌ରେ ଆଦୌ ନଥିଲା। ପୁଣି ଅନେକ ପରୀକ୍ଷା ଖାତାର ପୃଷ୍ଠାଗୁଡ଼ିକ କମ୍ପ୍ୟୁଟର ସ୍କ୍ରିନ୍‌ରେ ଏତେ ଅସ୍ପଷ୍ଟ ଓ ଝାପ୍‌ସା ଥିଲା ଯେ ପଢ଼ିବା ସମ୍ଭବ ହେଉ ନଥିଲା। ସେହି ଅନୁଯାୟୀ ମୂଲ୍ୟାୟଙ୍କରେ ମଧ୍ୟ ବିଭ୍ରାଟ ସୃଷ୍ଟି ହେଲା। କେତେକ ପରୀକ୍ଷାର୍ଥୀଙ୍କ ନମ୍ବର ଅବିଶ୍ୱସନୀୟ ଭାବେ ହ୍ରାସ ପାଇଲା। ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପରୀକ୍ଷା ଖାତା ଦେଖିବାର ସୁଯୋଗ ମିଳିବା ପରେ ସେମାନେ ଓଏସ୍ଏମ୍‌ର ଏହି ବିଭ୍ରାଟ ବିଷୟରେ ଅଭିଯୋଗ କଲେ। ଅଭିଯୋଗ ଗୁରୁତର, ବିବାଦ ତୀବ୍ର ଓ ତ୍ରୁଟି ପ୍ରମାଣିତ ହେବା ପରେ କର୍ତ୍ତୃପକ୍ଷଙ୍କ ପାଖରେ ସଫେଇ ଦେବା ପାଇଁ ଆଉ ରାସ୍ତା ନଥିଲା। ଏବେ ପୁଣି ଥରେ ଖାତାଗୁଡ଼ିକୁ ସ୍କାନିଂ କରି ପୁନଃମୂଲ୍ୟାୟନ ହେବା ଆରମ୍ଭ ହୋଇଛି। ଏଥିରେ ସାମଗ୍ରିକ ଭାବେ କାହାର ଲାଭ ବା କ୍ଷତି ହେଲା ତାହାର ଉଲ୍ଲେଖ ଅନାବଶ୍ୟକ। ପରୀକ୍ଷକମାନେ ଦୁଇଦୁଇ ଥର ଖାତା ଦେଖିବାକୁ ପଡ଼ିଲା ଏବଂ ଅର୍ଥ ଓ ସମୟ ଅପଚୟ ଅଧିକ ହେବା କେବଳ ସାର ହେଲା।

ସମ୍ପୂର୍ଣ୍ଣ ପୂର୍ବପ୍ରସ୍ତୁତି ବିନା ଯୁଦ୍ଧକୁ ଡେଇଁପଡ଼ିଲେ ଯାହା ଅବସ୍ଥା ହୁଏ ତାହା ହିଁ ଭାରତରେ ଓଏସ୍ଏମ୍‌ରେ ହୋଇଛି। କେତେକ ବିକଶିତ ଦେଶରେ ଏଭଳି ବ୍ୟବସ୍ଥା ପ୍ରଚଳିତ ଥିବାରୁ ଭାରତର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟ ତାହାକୁ ଅନୁକରଣ କରିବାରେ କିଛି ଅବାସ୍ତବତା ନାହିଁ। କିନ୍ତୁ ପର୍ଯ୍ୟାପ୍ତ ଭିତ୍ତିଭୂମି ବିନା କୌଣସି ଉନ୍ନତ ବ୍ୟବସ୍ଥାର ଅନୁକରଣ ତାହାକୁ ହନୁକରଣରେ ରୂପାନ୍ତରିତ କରିଦିଏ, ଯାହାର ସଦ୍ୟ ଉଦାହରଣ କେବଳ ଦେଖିବାକୁ ମିଳିଛି। ୨୦୧୪ରେ ଏଭଳି ପ୍ରୟାସ କରି ସିବିଏସ୍ଇ ବିଫଳ ହେବା ପରେ ଆଉ ସେ ସମ୍ପର୍କରେ ଅଧିକ ପରୀକ୍ଷା ନିରୀକ୍ଷା କରିବାର ଆବଶ୍ୟକତା ଥିବା ବୋଧହୁଏ ମନେ କଲା ନାହିଁ। ସିଧାସଳଖ ଦ୍ୱାଦଶ ବାର୍ଷିକ ପରୀକ୍ଷା ଖାତା ମୂଲ୍ୟାଙ୍କନ ପାଇଁ ଓଏସ୍ଏମ୍‌କୁ ଆପଣେଇ ନେଲା। ନିଜ ନାମ ପରିବର୍ତ୍ତନ କରିଥିବା ଏକ ବିବାଦୀୟ ସଂସ୍ଥାକୁ ଓଏସ୍ଏମ୍ ଦାୟିତ୍ୱ ଦିଆଯିବା ପଛରେ ସରକାରୀ ହାତ ଥିବା ନେଇ ଯେଉଁ ଅଭିଯୋଗ ହେଉଛି ତାହାର ପ୍ରମାଣ ଆମ ପାଖରେ ନାହିଁ। କିନ୍ତୁ ଏଭଳି ସମ୍ବେଦନଶୀଳ କ୍ଷେତ୍ରରେ ଅଧିକ ପରୀକ୍ଷା ନିରୀକ୍ଷା ବିନା କୌଣସି ପ୍ରୟୋଗ ଯେ ଅବାଞ୍ଛିତ - ଏହି ଶିକ୍ଷାକୁ କର୍ତ୍ତୃପକ୍ଷ ଓ ମନ୍ତ୍ରଣାଳୟ କେତେ ମନେ ରଖିବେ ତାହା ସେମାନଙ୍କ ଉପରେ ନିର୍ଭର କରେ।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଓଏସ୍ଏମ୍‌ରେ ଉତ୍ତରଖାତାଗୁଡ଼ିକୁ ସ୍କାନ କରିବା ଲାଗି ସିଲେଇ ଖୋଲିବାକୁ ପଡ଼େ। ୧୭ ଲକ୍ଷ ପରୀକ୍ଷାର୍ଥୀଙ୍କ ୯୮ ଲକ୍ଷ ଉତ୍ତରଖାତାର ୪୦ କୋଟି ପୃଷ୍ଠା ସ୍କାନିଂ କରିବା ସହଜସାଧ୍ୟ ବ୍ୟାପାର ନୁହେଁ। ଏହା ସମ୍ପୂର୍ଣ୍ଣ ରୂପେ ମାନବୀକୃତ ହୋଇଥିବାରୁ ଉତ୍ତରଖାତାର ପୃଷ୍ଠା ଓଲଟପାଲଟ କିମ୍ବା ହଜିଯିବାର ଆଶଙ୍କା ଅଧିକ। ପରୀକ୍ଷକଙ୍କ ଉପରେ ସତର୍କ ଦୃଷ୍ଟି ରଖିବା, ମୂଲ୍ୟାୟନକୁ ଅଧିକ ଉତ୍ତରଦାୟୀ କରିବା, ଆଞ୍ଚଳିକ ତାରତମ୍ୟ ହ୍ରାସ କରିବା ଏବଂ ମୋଟ ନମ୍ବର ମିଶାଣକୁ ତ୍ୱରାନ୍ୱିତ କରିବାରେ ଓଏସ୍ଏମ୍ ସହାୟକ ହେବ ବୋଲି କର୍ତ୍ତୃପକ୍ଷ କରୁଥିବା ଯୁକ୍ତି ଯେ ନିତାନ୍ତ ଅବାନ୍ତର ଥିଲା ତାହା ଏବେ ପ୍ରମାଣିତ ହୋଇଗଲା। ଚୂଡ଼ାନ୍ତ ମୂଲ୍ୟାୟନ ପୂର୍ବରୁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସରକାରୀ ଓ ଘରୋଇ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ନେଇ ଯେଉଁ ସ୍ୱଳ୍ପଅବଧି ବିଶିଷ୍ଟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା ସେଥିରେ ଓଏସ୍ଏମ୍ ପଦ୍ଧତି ଅନୁପଯୋଗୀ ଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତକୁ ଅଣଦେଖା କରି କର୍ତ୍ତୃପକ୍ଷ ଚୂଡ଼ାନ୍ତ ପ୍ରୟୋଗ ପାଇଁ ପ୍ରସ୍ତୁତ ହୋଇଗଲେ। କର୍ତ୍ତୃପକ୍ଷ ଅନ୍ତତଃ ଆଉ କିଛିଦିନ ସମୟ ନେଇଥିଲେ ଆଜି ଏଭଳି ବିବାଦୀୟ ସ୍ଥିତି ସୃଷ୍ଟି ହୋଇ ନଥା'ନ୍ତା।

ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଅନଭିଜ୍ଞତା ଓ ତଦାରଖର ଅଭାବ ଥିବା ବିଦେଶର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆଉ କିଛି ବିଶେଷଜ୍ଞ ବୈଷୟିକ ତ୍ରୁଟି ଦିଗକୁ ଇଙ୍ଗିତ କରିଛନ୍ତି। ତିନିଘଣ୍ଟା ଅବଧି ବିଶିଷ୍ଟ ପରୀକ୍ଷାର ଆରମ୍ଭରେ ଜଣେ ଛାତ୍ର କିମ୍ବା ଛାତ୍ରୀର ହସ୍ତାକ୍ଷରର ରୂପ ଓ ମାନ ଯାହା ଥାଏ ପରୀକ୍ଷା ଶେଷ ସମୟରେ ସେଥିରେ ଅନେକ ପରିବର୍ତ୍ତନ ହୋଇଯାଏ। ସେହିପରି ଗଣିତ, ପଦାର୍ଥ ବିଜ୍ଞାନ ଆଦି ବିଷୟରେ ଉତ୍ତରଖାତାଗୁଡ଼ିକ ପେନ୍‌ସିଲ୍ ଚିତ୍ର ଓ ଅଙ୍କନ ସମ୍ବଳିତ ଥାଏ। ବୈଷୟିକ ଜ୍ଞାନକୌଶଳ ଓ ଉପକରଣ ଅତ୍ୟାଧୁନିକ ଓ ଉନ୍ନତ ନ ହେଲେ ତାହା ଅବିକଳ କମ୍ପ୍ୟୁଟର ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇପାରେ ନାହିଁ। ଏହାଛଡ଼ା ଘରୋଇ ବିଦ୍ୟାଳୟ ତୁଳନାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ସୁବିଧା ଏତେ ବିକଶିତ ଓ ଉନ୍ନତ ନଥିବାରୁ ଅପ୍‌ଲୋଡ୍ ବେଳେ ବିଭ୍ରାଟ ଓ ତାରତମ୍ୟ ସୃଷ୍ଟି ହେବାର ଆଶଙ୍କା ଅଧିକ। ଓଏସ୍ଏମ୍ କାର୍ଯ୍ୟକାରୀ ପୂର୍ବରୁ କର୍ତ୍ତୃପକ୍ଷ ଏହି ଦିଗଗୁଡ଼ିକୁ ଧ୍ୟାନ ଦେଇଥିଲେ ମୂଲ୍ୟାଙ୍କନ କସରତ ପୁଣି ଦୋହରାଇବାକୁ ପଡ଼ି ନଥା'ନ୍ତା କି ଦେଶବିଦେଶରେ ଭାରତର ଭାବମୂର୍ତ୍ତି ନିନ୍ଦିତ ହୋଇ ନ ଥା'ନ୍ତା।

ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟା ଅପରିହାର୍ଯ୍ୟ। କିନ୍ତୁ ଏହା ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ ସମ୍ପାଦନ କରୁଥିବାରୁ ମାନବୀକୃତ ଦକ୍ଷତା ଓ ସୃଜନଶୀଳତାର ସ୍ଥାନ ନେଇପାରିବ ନାହିଁ। ତେଣୁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ସ୍ଥାନ-କାଳ-ପାତ୍ର ଆଦିକୁ ଦୃଷ୍ଟିରେ ରଖି କରିବା ବିଧେୟ। ବିଶେଷକରି ଚିକିତ୍ସା ଓ ପରୀକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା ଆଦୌ ଗ୍ରହଣୀୟ ନୁହେଁ। ଏ ଦିଗରେ ଆମେ ଅଧିକ ବିକଶିତ ହୋଇ ନଥିବାରୁ ଅନ୍ୟକୁ ଅନୁକରଣ କେବଳ ହନୁକରଣ ହେବା ସାର ହେବ, ଯାହା ଏବେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମୂଲ୍ୟାଙ୍କନରେ ହୋଇଛି। ●

ଯୁବଶକ୍ତି: ସମ୍ଭାବନା ନା ଅପଚୟ?

ପ୍ରକାଶ ମିଶ୍ର

ଭାରତ ଏକ ଯୁବ ଦେଶ ବୋଲି ଆମେ ଗର୍ବ କରୁଛୁ। କିନ୍ତୁ ଏହି ଗର୍ବ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ଯୁବସମାଜ ସଚେତନ, କୁଶଳୀ ଓ ଦିଗଦର୍ଶନ ପାଇ ଠିକ୍ ବାଟରେ ଚାଲନ୍ତି। ନହେଲେ ଏହି ଯୁବପିଢ଼ି ସୁଯୋଗ ନୁହେଁ, ବରଂ ସମସ୍ୟାରେ ପରିଣତ ହେବାର ଆଶଙ୍କା ରହିଥାଏ। ଆଜିର ପରିପ୍ରେକ୍ଷୀରେ ପ୍ରଶ୍ନ ହେଉଛି ଆମେ ଏହି ଯୁବଶକ୍ତିକୁ ଠିକ୍ ବାଟରେ ନେବା ପାଇଁ ସଠିକ୍ ଦିଗଦର୍ଶନ ଦେଉଛୁ ନା ତାହାକୁ ଅପଚୟ କରୁଛୁ?

ଆଜିର ଶିକ୍ଷାର ଚିତ୍ର ଏକ ବିରୋଧାଭାସ। ହାତରେ ଡିଗ୍ରୀ, କିନ୍ତୁ ମନରେ ଅନିଶ୍ଚିତତା। ଶିକ୍ଷା ବଢ଼ିଛି, କିନ୍ତୁ ଜୀବନର ସ୍ଥିରତା ବଢ଼ିନାହିଁ। ସାଧାରଣ ଶିକ୍ଷିତ ଯୁବକ ଓ ଯୁବତୀ ଆଜି ନିରାଶ ଓ ଭୟଭୀତ। ବାସ୍ତବ ଜୀବନରେ ପିଲାମାନଙ୍କୁ ଯେଉଁ କର୍ମକୌଶଳ ଦରକାର, ଯଥା ସମସ୍ୟା ସମାଧାନ କରିବା, ସମ୍ପର୍କ ଗଢ଼ିବା, ଦାୟିତ୍ୱ ନେବା ଇତ୍ୟାଦି, ସେଥିରେ ପାରମ୍ପରିକ ଶିକ୍ଷାର ଭୂମିକା ଅତ୍ୟନ୍ତ ସୀମିତ। ଆଜିର ଶିକ୍ଷା ଆମକୁ ଚାକିରି ପାଇଁ ପ୍ରସ୍ତୁତ କରୁଛି, କିନ୍ତୁ ଜୀବନ ପାଇଁ ନୁହେଁ। ଗ୍ରାମୀଣ ଅଞ୍ଚଳର ଚିତ୍ର ଆହୁରି ଚିନ୍ତାଜନକ। ମାତ୍ର ୫% ରୁ ୧୦% ପିଲା ଭଲ ପାଠ ପଢ଼ି ସହରର ପିଲାଙ୍କ ସହିତ ପ୍ରତିଯୋଗିତା କରିପାରୁଛନ୍ତି। ଏହି ନିରାଶାକୁ କିଛି ରାଜନୈତିକ ଶକ୍ତି ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି। ଏମାନଙ୍କୁ 'କର୍ମୀ' ବୋଲି ନାମିତ କରାଯାଉଛି। ଏଥିରେ ସାମାନ୍ୟ କିଛି 'କର୍ମୀ' କିଛି ଫାଇଦା ପାଉଥିବା ବେଳେ ଅଧିକାଂଶ ବେକାର ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। କିନ୍ତୁ ଦୁଃଖର କଥା ଏମାନଙ୍କର ଭବିଷ୍ୟତ ବୋଲି କିଛି ନାହିଁ। ଅନେକ ସମୟରେ ରାଜନୀତିରେ ଏମାନଙ୍କୁ ଭୁଲ ଭାବରେ ବ୍ୟବହାର କରାଯାଉଛି।

ସରକାର ଏକ ପଟେ ନିଜକୁ ଯୁବମାନଙ୍କର ସରକାର ବୋଲି ପ୍ରଚାର କରୁଥିବା ବେଳେ ଅନ୍ୟ ପଟେ ଲଗାତାର ନୂତନ ମଦ ଦୋକାନକୁ ମଞ୍ଜୁରୀ ଦେଉଛନ୍ତି। ଏକ ପଟେ ବେରୋଜଗାରୀ ଓ ସକାରାତ୍ମକ କାର୍ଯ୍ୟର ଅଭାବ, ଅନ୍ୟ ପଟେ ସହଜରେ ମିଳୁଥିବା ନିଶାଦ୍ରବ୍ୟ ନିରାଶ ଯୁବପିଢ଼ିକୁ ଧୀରେ ଧୀରେ ବିପଥଗାମୀ କରୁଛି। ଏହା କେବଳ ବ୍ୟକ୍ତିଗତ ଭବିଷ୍ୟତକୁ ନୁହେଁ, ଦେଶର ଭବିଷ୍ୟତକୁ ମଧ୍ୟ ସଙ୍କଟରେ ପକାଉଛି। ସେହିଭଳି ଚରିତ୍ର ଗଢ଼ଣରେ ଖେଳକୁଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦଳୀୟ କାର୍ଯ୍ୟଦକ୍ଷତା ବିକାଶ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ, ଯାହା ଏକାଠି କାମ କରିବା ଓ ପରସ୍ପର ସହଯୋଗରେ ସାଧାରଣ ଲକ୍ଷ୍ୟ ହାସଲ କରିବାରେ ସଫଳ ହେବା ପାଇଁ ଶିକ୍ଷା ଦିଏ। ଦଳୀୟ ଖେଳରେ ଜଣେ ଖେଳାଳି ଅନ୍ୟ ଖେଳାଳିଙ୍କ ଉପରେ ନିର୍ଭର କରିବା, ଦାୟିତ୍ୱ ନେବା, ବିରୋଧ ସମାଧାନ କରିବା ଓ ସଫଳତା-ବିଫଳତାକୁ ଏକାଠି ଅନୁଭବ କରିବା ଶିଖେ। ଖେଳ ଆମକୁ ଶିଖାଏ ଅନୁଶାସନ, ଦଳୀୟ କାର୍ଯ୍ୟ, ହାର ପରେ ପୁନଃ ଉଠିବାର ସାହସ ଓ ଶେଷ ପର୍ଯ୍ୟନ୍ତ ଲଢ଼ିବାର ମନୋଭାବ। ଏହି ଗୁଣଗୁଡ଼ିକ ଜୀବନର ସଫଳତାର ଭିତ୍ତି। କିନ୍ତୁ ଦୁଃଖର କଥା ଅଧିକାଂଶ ଅଭିଭାବକ ପିଲାଙ୍କୁ କେବଳ ପରୀକ୍ଷାରେ ଅଧିକ ନମ୍ବର ପାଇବାକୁ ଚାପ ଦେଉଛନ୍ତି। ଫଳରେ ପିଲା ଶିଶୁ ଅବସ୍ଥାରୁ ଯୁବା ହେବା ପର୍ଯ୍ୟନ୍ତ ପୁସ୍ତକ, ପାଠ ଓ ମୋବାଇଲ୍ ଛଡ଼ା ଅନ୍ୟ କିଛି ଜାଣିପାରୁନାହିଁ। ଏହାର ପରିଣାମରେ ନା ଶରୀର ସୁସ୍ଥ ରହୁଛି, ନା ମନ। ପାଠ ସହିତ ଭଲ ଖେଳି ରାଜ୍ୟ ଓ ଜାତୀୟସ୍ତରର ପ୍ରମାଣପତ୍ର ହାସଲ କଲେ ଏହା ଭବିଷ୍ୟତରେ ବହୁତ ସାହାଯ୍ୟକାରୀ ହୋଇପାରେ - ଏହି ଚିନ୍ତାଧାରା ଓ ସଚେତନତା ଆମ ସମାଜରେ ଅଭାବ ଅଛି।

ଓଡ଼ିଶାରେ ପର୍ଯ୍ୟାପ୍ତ ଶିଳ୍ପାନୁଷ୍ଠାନ ନଥିବାରୁ ଯୁବପିଢ଼ି ବାହାର ରାଜ୍ୟକୁ ପଳାୟନ କରୁଛନ୍ତି। ଅଶିକ୍ଷିତମାନେ ଦାଦନ ଶ୍ରମିକ ଭାବେ ଏବଂ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତମାନେ ଛୋଟ ଚାକିରିରେ ଖଟୁଛନ୍ତି। ସେମାନେ କେମିତି ପରିବେଶ ଓ ପରିସ୍ଥିତିରେ ଜୀବନଯାପନକରୁଛନ୍ତି, ତାହା ଆଖିରେ ନ ଦେଖିଲେ ବୁଝିପାରିବା କଷ୍ଟକର। ପୁଣି କାମ ପାଇଁ ଆବଶ୍ୟକ ଦକ୍ଷତା ନଥିବାରୁ ପିଲାମାନଙ୍କର ଠିକ୍ ଭାବରେ କର୍ମସଂସ୍ଥାନ ହୋଇପାରୁନାହିଁ। ଯାହା ପଢ଼ାଯାଉଛି ଓ ଚାକିରିର ଆବଶ୍ୟକତା ମଧ୍ୟରେ ଅନେକ ଅନ୍ତର ରହିଛି। ଯେଉଁ ଚାକିରି ମିଳୁଛି, ସେଥିରେ ଦରମା ଅତ୍ୟନ୍ତ କମ୍। ଜଣେ ଇଞ୍ଜିନିୟର କିମ୍ବା ଏମ୍‌ବିଏ ପଢ଼ିଥିବା ପିଲା ଜଣେ ଶ୍ରମିକର ମାସିକ ଆୟଠାରୁ ମଧ୍ୟ କମ୍ ଦରମା ପାଉଛନ୍ତି ଏବଂ ବେଳେବେଳେ ମାଲିକମାନଙ୍କ ଦୁର୍ବ୍ୟବହାରର ସମ୍ମୁଖୀନ ହେଉଛନ୍ତି। ତେଣୁ ଆର୍ଥିକ ଅନଟନ ଓ ସମ୍ମାନହାନି ଯୋଗୁଁ ଯୁବସମାଜ ମାନସିକ ଚାପରେ ରହୁଛନ୍ତି। ଯେହେତୁ କମ୍ପାନୀ ସଂଖ୍ୟା ବହୁତ କମ୍, ପିଲାମାନେ ଯେଉଁଠି କିଛି ମିଳୁଛି ସେଠି ବର୍ଷ ବର୍ଷ ପଡ଼ି ରହୁଛନ୍ତି। ଯଦି ପ୍ରତିବାଦ କରନ୍ତି, ତେବେ ଗୋଟିଏ ଦିନରେ ମଧ୍ୟ ଚାକିରିରୁ ବାହାର କରିଦେବାର ଧମକ ମିଳୁଛି।

ଆଜି ଯେପରି ଯୁବପିଢ଼ି ଆଇପିଏଲ୍ ଓ ଟି-୨୦ ମ୍ୟାଚ୍‌କୁ ନେଇ ଅତ୍ୟଧିକ ଆସକ୍ତ ହେଉଛନ୍ତି, ସେଥିରେ ଚିନ୍ତାର କାରଣ ରହିଛି। ପୃଥିବୀର ପ୍ରାୟ ୧୯୫ଟି ଦେଶରୁ ମାତ୍ର ୧୫/୨୦ଟି ଦେଶରେ କ୍ରିକେଟ୍ ଖେଳାଯାଏ। ବିକଶିତ ଦେଶମାନେ କ୍ରିକେଟ୍ ଆସକ୍ତ ନୁହନ୍ତି। ଏଠାରେ ପ୍ରଶ୍ନ କ୍ରିକେଟର ନୁହେଁ, ସମୟର ସଠିକ ବ୍ୟବହାରର। ଯେଉଁମାନେ ଖେଳୁଛନ୍ତି, ସେମାନେ ପରିଶ୍ରମ ଦ୍ୱାରା ସଫଳତା ପାଉଛନ୍ତି ଏବଂ ଅସୀମ ଆର୍ଥିକ ସଫଳତା ଲାଭ କରୁଛନ୍ତି। କିନ୍ତୁ ଲକ୍ଷଲକ୍ଷ ଯୁବକ କେବଳ ଦର୍ଶକ ହୋଇ ନିଜ ସମୟ ଓ ଶକ୍ତି ନଷ୍ଟ କରୁଛନ୍ତି। ଯଦି ଖେଳ ଆମକୁ ଶାରୀରିକ ଓ ମାନସିକ ଭାବେ ସଶକ୍ତ କରେ, ସେହି ଖେଳ ଉପକାରୀ; କିନ୍ତୁ ଯଦି ତାହା କେବଳ ଆସକ୍ତି ହୋଇଯାଏ, ତେବେ ସେହିଥିରେ ଯୁବଶକ୍ତିର ଅପଚୟ ହେବା ସ୍ୱାଭାବିକ। ସେହିପରି ଧର୍ମ ଆମକୁ କର୍ମମୁଖୀ କରିବା ଉଚିତ୍, କିନ୍ତୁ ଯଦି ଏହା ଆମକୁ କର୍ମରୁ ଦୂରେଇ ନେଇଯାଏ, ତେବେ ଏହାର ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିଯାଏ। ଆମେ ସମସ୍ତେ ଜାଣୁଛୁ ଗୀତା, ଭାଗବତ ଓ ବେଦ ଅସୀମ ଜ୍ଞାନର ଗଣ୍ଡାଘର। କିନ୍ତୁ ପ୍ରଶ୍ନ ହେଉଛି ଏହି ଜ୍ଞାନ ଆମ ଜୀବନରେ କେତେ ପରିବର୍ତ୍ତନ ଆଣୁଛି? ବୟସ୍କ ଲୋକମାନେ ଯୁବପିଢ଼ିକୁ ବିଭିନ୍ନ ଧାର୍ମିକ କାର୍ଯ୍ୟ, ହୋମ, ଯଜ୍ଞ, ପୂଜା, କୀର୍ତ୍ତନ ଇତ୍ୟାଦିରେ ବ୍ୟସ୍ତ ରଖୁଛନ୍ତି। ଏଥିରେ ଆଧ୍ୟାତ୍ମିକ ଉପଲବ୍ଧି କମ୍ ଏବଂ ଖାଇବା-ପିଇବା ଓ ଆମୋଦ-ପ୍ରମୋଦରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଆସ୍ଥା ଆମ ସଂସ୍କୃତିର ଅଂଶ। କିନ୍ତୁ ସମୟର ସଠିକ ବ୍ୟବହାର ମଧ୍ୟ ଆବଶ୍ୟକ। ଯେତେବେଳେ ଯୁବପିଢ଼ି କଠିନ ପରିଶ୍ରମ କରି ନିଜକୁ ପ୍ରତିଷ୍ଠା କରିବା ଦରକାର ସେତେବେଳେ ଏସବୁ କାର୍ଯ୍ୟ ସେଥିରେ ବାଧା ସୃଷ୍ଟି କରୁଛି।

ଆଜିର ଯୁବ ସମାଜ ପାଖରେ ସମୟ ଅଛି, ଶକ୍ତି ଅଛି, କିନ୍ତୁ ଦିଗ ନାହିଁ। ସ୍ମାର୍ଟଫୋନ୍ ଜ୍ଞାନର ଭଣ୍ଡାର, କିନ୍ତୁ ଏହାର ବ୍ୟବହାର ଅଧିକାଂଶ ସମୟରେ ମନୋରଞ୍ଜନରେ ସୀମିତ ରହିଯାଉଛି। ସର୍ଭେରୁ ଜଣାପଡ଼ିଛି ଯେ କେବଳ ୨୦% ଲୋକ ସ୍ମାର୍ଟଫୋନକୁ ଜ୍ଞାନ ଆହରଣ ପାଇଁ ବ୍ୟବହାର କରୁଛନ୍ତି। ଏହାର ପରିଣାମ ଯୁବଶକ୍ତି ଓ ସମୟର ଅପଚୟ। ଠିକ୍ ଭାବରେ ଦିଗଦର୍ଶନ ମିଳିଲେ ନିଜର ଏବଂ ଦେଶର ଭବିଷ୍ୟତ ଗଢ଼ିବାରେ ଏହି ଶକ୍ତିର ସଦୁପଯୋଗ ହୋଇପାରେ। ଆଉ ଏକ ପରିତାପର ବିଷୟ ହେଉଛି ଯୁବମାନଙ୍କର କୃଷି ପ୍ରତି ଅନାଗ୍ରହ। କେତେକ ମୁଷ୍ଟିମେୟ ଯୁବକ ଓ ଅଶିକ୍ଷିତ କିମ୍ବା ଅର୍ଦ୍ଧଶିକ୍ଷିତ ପିଲାମାନଙ୍କୁ ଛାଡ଼ିଦେଲେ କେହି କୃଷି କରିବାକୁ ଚାହୁନାହାନ୍ତି। ସହଜ ଭାବେ ଓ ଅଳ୍ପ ପରିଶ୍ରମରେ ରୋଜଗାର କରିବାରେ ସମସ୍ତଙ୍କ ଧ୍ୟାନ। ମାଗଣା ଚାଉଳ ମଧ୍ୟ ଏହାକୁ ଇନ୍ଧନ ଯୋଗାଉଛି। ବିଲରେ ଚାଷ କାମ କରିବାକୁ ଗୋଟିଏ ନିମ୍ନ ଧରଣର କାମ ବୋଲି ଧରାଯାଉଛି। ଚାଷ ଗୋଟିଏ ଏମିତି ବୃତ୍ତି, ଯେଉଁଥିରେ ଶାରୀରିକ ପରିଶ୍ରମ ଦ୍ୱାରା ଚାଷୀ ସୁସ୍ଥ ରହେ, ମାଟି ସହିତ ମାଟି ହୋଇ କାମ କରିବା ଦ୍ୱାରା ମାଟି ପ୍ରତି (ଦେଶ ପ୍ରତି) ଭଲପାଇବା ସୃଷ୍ଟି ହୁଏ। ମାଟିଠାରୁ ଦୂରେଇ ଯିବାରେ ମାଟିକୁ (ଦେଶକୁ) ବିକିବାରେ ମନରେ ଦ୍ୱିଧା ଆସେ ନାହିଁ। ଚାଷରେ ଲାଭ କମ୍ ହୋଇପାରେ, ଅନିଶ୍ଚିତତା ଥାଇପାରେ, କିନ୍ତୁ ମଞ୍ଜି ପକାଇବାଠାରୁ ଫସଲ କାଟିବା ପର୍ଯ୍ୟନ୍ତ ସବୁଦିନ ମନକୁ ଆନନ୍ଦ ଦେଇଥାଏ। ସର୍ବୋପରି ଚାଷୀର ସମୟ ଗଠନମୂଳକ କାମରେ ବ୍ୟୟ ହୁଏ। ଚାଷୀ କେବେ କ୍ଳାନ୍ତ କିମ୍ବା ବିରକ୍ତ ହୁଏନି କିମ୍ବା ଅତ୍ୟଧିକ ଲାଭ ପାଇଁ ଆସକ୍ତ ହୁଏନି, ଯାହା ପାଇଁ ସହରବାସୀଙ୍କ ତୁଳନାରେ ସେ ଅଧିକ ଶାନ୍ତିରେ ରୁହେ। କିନ୍ତୁ ମାଗଣା ଚାଉଳ ଯୁବ ପିଢ଼ିକୁ ମାନଙ୍କୁ ଚାଷଠାରୁ ଧୀରେ ଧୀରେ ଦୂରେଇ ନେଉଛି।

ତେଣୁ ଆମର କର୍ତ୍ତବ୍ୟ ସ୍ପଷ୍ଟ ଶିକ୍ଷାକୁ ଜୀବନ ସହିତ ଯୋଡ଼ିବା, ମାର୍କ ଠାରୁ ମାନବତାକୁ ଅଧିକ ମୂଲ୍ୟ ଦେବା, ଖେଳକୁ ଶିକ୍ଷାର ଅଂଶ କରିବା ଏବଂ ଯୁବଗୋଷ୍ଠୀକୁ ସଠିକ୍ ଦିଗଦର୍ଶନ ଦେବା। ଯୁବଶକ୍ତି ଏକ ଅସୀମ ସମ୍ଭାବନା। କିନ୍ତୁ ସେହି ସମ୍ଭାବନାକୁ ବାସ୍ତବ ଶକ୍ତିରେ ପରିଣତ କରିବା ପାଇଁ ଦିଗ, ସମନ୍ୱୟ ଓ ସଚେତନତା ଅତ୍ୟାବଶ୍ୟକ। ●

ଦାଣ୍ଡମୁକୁନ୍ଦପୁର(ପୁରୀ)
ମୋ: ୮୦୭୪୮ ୯୩୭୭୮

ଚାକିରି: ଜୀବିକା ବନାମ ଜନସେବା!

ବୈଷ୍ଣବ ମେହେର

ଗତ ମାସରେ ଆମ ରାଜ୍ୟ ସରକାରଙ୍କ ତରଫରୁ ସାତଟି ବିଭାଗରେ ୪୬୨୩ ଜଣଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନିଯୁକ୍ତି ମେଳା ମାଧ୍ୟମରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସମୟରେ ଆମ ମୁଖ୍ୟମନ୍ତ୍ରୀ ସରକାରୀ ଚାକିରି କେବଳ ଏକ ଜୀବିକା ନୁହେଁ, ଏହା ଜନସାଧାରଣଙ୍କ ସେବା କରିବାର ଏକ ଅନନ୍ୟ ସୁଯୋଗ ବୋଲି କହି ନବନିଯୁକ୍ତଙ୍କୁ ସାଧାରଣ ଲୋକାଭିମୁଖୀ କରିବାର ପ୍ରୟାସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଶାଭରା ଉତ୍ତମ ପରାମର୍ଶ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। କଥା ହେଉଛି ଆମ ରାଜ୍ୟରେ ଜଣେ ସରକାରୀ ଚାକିରିଆ କେତେ ଦୂର ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ବୋଲି ଆଶା କରାଯାଇପାରିବ? ତା'କୁ ମିଳୁଥିବା ଦରମା ତା'ର ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହୁଏ କି! ଯଦି ସାମ୍ପ୍ରତିକ ସମୟ ସହ ଖାପଖୁଆଇ ଚଳିବା ଭଳି ଦରମା ଜଣେ ପାଉନାହିଁ ତେବେ ତା'କୁ ଦିଆଯାଇଥିବା ଦାୟିତ୍ୱକୁ ସେ ଜନସେବାରେ ଲଗାଇବ ବୋଲି ଆଶା କରିବା କେତେ ଦୂର ଯଥାର୍ଥ?

ଗତ କିଛିବର୍ଷ ହେଲା ପ୍ରାୟ ନିଯୁକ୍ତି ଠିକାରେ ଚାଲିଛି, ଠିକ ସମୟରେ ପଦୋନ୍ନତି ହେଉନାହିଁ, ପେନସନ ନାହିଁ କି ଅନ୍ୟ କୌଣସି ନିର୍ଭରଯୋଗ୍ୟ ଭବିଷ୍ୟନିଧି ବା ସୁବିଧା ସୁଯୋଗର ବ୍ୟବସ୍ଥା ମଧ୍ୟ ନାହିଁ। ଏପରି ସ୍ଥଳେ ସରକାରୀ ଚାକିରିଆମାନେ ନିଜ ଦାୟିତ୍ୱକୁ ସମାଜ ସେବା ଭାବୁଥିବେ ବୋଲି ବିଶ୍ୱାସ ହେଉନାହିଁ। ଅନେକ ପରିବାର ଅଛନ୍ତି, ଯେଉଁଠି ପିତାମାତାମାନେ ନିଜ ଜୀବନର କଷ୍ଟଉପାର୍ଜିତ ଲକ୍ଷାଧିକ ଅର୍ଥକୁ ନିଜ ପୁଅଝିଅଙ୍କ କ୍ୟାରିଅର ତିଆରିରେ ଖର୍ଚ୍ଚ କରିଦିଅନ୍ତି। ସେମାନଙ୍କ ଆଶା ସେମାନଙ୍କ ପୁଅଝିଅ ସରକାରୀ ଚାକିରି କଲା ପରେ ସେମାନଙ୍କ ସ୍ଥିତି ସୁଧୁରିଯିବ। ଏହି ଆଶାରେ ଅନେକ ପିତାମାତା ଧାରକରଜରେ ମଧ୍ୟ ବୁଡ଼ି ଯାନ୍ତି। ଆଶା ଅନୁରୂପ ଦରମା ଯଦି ନମିଳେ କିମ୍ବା ଚାକିରି ପରେ ଭବିଷ୍ୟତର ଆର୍ଥିକ ସୁରକ୍ଷା କିଛି ନରହେ, ତେବେ ସେମାନେ ନିରାଶ ହେବା ସ୍ୱାଭାବିକ।

ଦ୍ୱିତୀୟତଃ ଦୁର୍ଭାଗ୍ୟବଶତଃ ପରିବାରର କେହି ଯଦି କୌଣସି ଦୁରାରୋଗ୍ୟରେ ପୀଡ଼ିତ ହୁଅନ୍ତି ତେବେ କଥା ସରିଲା। ସବୁତକ ଦରମା ସେଠି ଶେଷ ହେବା ସହ ଧାରକରଜ ହେବା ଥୟ। ଏତଦବ୍ୟତୀତ ପରିବାରରେ ଭାଇଭଉଣୀ ପୁଅଝିଅ ଆଦିଙ୍କ ବିବାହ ବ୍ରତ ଆଦି ଖର୍ଚ୍ଚ ଚାକିରି ଉପରେ ହିଁ ପ୍ରାୟ ନିର୍ଭର କରେ। ବର୍ତ୍ତମାନର ସାମାଜିକ ରୀତିନୀତି ଅନୁଯାୟୀ ଏସବୁ ତୁଲାଇବା ବେଳକୁ ବର୍ତ୍ତମାନର ଦରମା ପଇସା ଯେ ସମୁଦ୍ରକୁ ଶଙ୍ଖେ ଏକଥା ଅନୁଭବୀ ହିଁ ଜାଣିପାରେ। ଏପରିସ୍ଥଳେ ଜଣେ ଚାକିରିଜୀବୀ ନିଜ ପଦବୀକୁ ଜନସେବା ଭାବେ ଗ୍ରହଣ କରନ୍ତୁ କହିବା କେବଳ ସଭାମଞ୍ଚର ଶୋଭା ପାଇଁ ଉଦ୍ଦିଷ୍ଟ ଶବ୍ଦ ବୋଲି ବୁଝିବାକୁ ହେବ। ବାସ୍ତବରେ ଯଦି ଆମେ ସେୟା ଚାହୁଁ ତେବେ ପ୍ରତି ଚାକିରିଆଙ୍କୁ ଉଚିତ ସମ୍ମାନର ସହ ବଞ୍ଚିବାର ଅଧିକାରକୁ ପ୍ରାଥମିକତା ଦେବା ଜରୁରୀ। ନହେଲେ ପୁରୁଣାଧାରାକୁ ଅନୁସରଣ କରି ଆଉ କିଛି ମାସ ପରେ ଏହି ନବନିଯୁକ୍ତ ଚାକିରିଆମାନେ ମଧ୍ୟ ରାଜଧାନୀ ରାଜରାସ୍ତାରେ ଦରମା ବୃଦ୍ଧି, ପେନସନ, ସ୍ୱାସ୍ଥ୍ୟବୀମା ଆଦି ଦାବି ନେଇ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିବା ବଡ଼ କଥା ନୁହଁ। ଅପରପକ୍ଷେ କହିବା ବାହୁଲ୍ୟ ଯେ ଯେଉଁମାନେ ସମାଜସେବାକୁ ମାଧ୍ୟମ କରି ଜନପ୍ରତିନିଧି ସାଜିଛନ୍ତି, ସେମାନେ ମୋଟାଅଙ୍କର ଦରମା ଦାବି କରୁଥିବା ସମସ୍ତେ ଜାଣନ୍ତି। ନିକଟ ଅତୀତରେ ଆମ ବିଧାନସଭାର ବିଧାୟକ ମନ୍ତ୍ରୀଙ୍କ ଯଥେଷ୍ଟ ଦରମା ସହ ପର୍ଯ୍ୟାପ୍ତ ଆନୁସଙ୍ଗିକ ସରକାରୀ ସୁବିଧା ସୁଯୋଗ ପ୍ରଦାନକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଦିନଥିଲା ମଣିଷ ବଞ୍ଚିବା ପାଇଁ ମୁଖ୍ୟତଃ ପେଟପୂରା ଖାଦ୍ୟ, ଶରୀର ପାଇଁ ଖଣ୍ଡିଏ ବସ୍ତ୍ର ଓ ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ଭଳି ତିନୋଟି ମୌଳିକ ଆବଶ୍ୟକତା ଉପରେ ନିର୍ଭର କରୁଥିଲା। ଏଥିନିମନ୍ତେ ସାମାନ୍ୟ ଉପାର୍ଜନ ହିଁ ତା' ପାଇଁ ଯଥେଷ୍ଟ ଥିଲା। କିନ୍ତୁ ଧୀରେଧୀରେ ଯୁଗ ବଦଳିବା ସହ ବ୍ୟକ୍ତିର ଆବଶ୍ୟକତା ବଢ଼ି ଚାଲିଲା ଏବଂ ସଂପ୍ରତି ତାହା ଆକାଶଛୁଆଁ ହେଲାଣି। ମୂଳତଃ ଉପାର୍ଜନର ମାଧ୍ୟମ ହେଉଛି ବ୍ୟକ୍ତିର ଜୀବିକା। ବୃତ୍ତି ବା ଜୀବିକା କହିଲେ ବ୍ୟକ୍ତିର ଜୀବନ ସଂସାର ଚଳାଇବାକୁ ଅର୍ଥ ରୋଜଗାର କରିବାର ପଦ୍ଧତି ବା ପେଶା। ଏହି ଜୀବିକା ବ୍ୟକ୍ତି ଜୀବନର ଏମିତି ଏକ ଆବଶ୍ୟକୀୟ ମାର୍ଗ, ଯାହା କେବଳ ବଞ୍ଚିରହିବା ପାଇଁ ଅର୍ଥ ଯୋଗାଇ ନ ଥାଏ, ବରଂ ବ୍ୟକ୍ତିକୁ ସାମାଜିକ ପ୍ରତିଷ୍ଠା ଓ ଆତ୍ମସନ୍ତୋଷ ମଧ୍ୟ ଏଇଠୁ ମିଳେ। ସେଥିପାଇଁ ଘରେ ଛୁଆଟିଏ ଜନ୍ମ ହେବା ମାତ୍ରେ ବାପାମାଆ ତା'ର ଭବିଷ୍ୟତର ଜୀବିକାକୁ ନେଇ ସ୍ୱପ୍ନ ଦେଖିବା ସହ ରୂପରେଖ ତିଆରି କରିବା ଆରମ୍ଭ କରିଦିଅନ୍ତି।

ସେହିପରି ସମସ୍ତଙ୍କ ଚିନ୍ତା ଥାଏ ତାଙ୍କ ଜୀବିକାରେ ଯେମିତି ନିଶ୍ଚିତତା ରୁହେ। ତେଣୁ ସମସ୍ତଙ୍କ ଆଶା କେମିତି ସରକାରୀ ଚାକିରିଟିଏ ପାଇବେ। କାରଣ ଚାଷ, ବ୍ୟବସାୟ ହେଉ କି ଅନ୍ୟ କୌଣସି ବୃତ୍ତି ସେଠାରେ ଅର୍ଥ ଉପାର୍ଜନର କୌଣସି ନିର୍ଦ୍ଦିଷ୍ଟତା ନଥାଏ। ଅପରପକ୍ଷେ ସରକାରୀ ଚାକିରିରେ ମାସ ପୂରୁଣୁ ଧାର୍ଯ୍ୟ ଅର୍ଥରାଶି ଦରମା ଆକାରରେ ପାଇବା ସୁନିଶ୍ଚିତ ଥାଏ। ତେଣୁ ସମସ୍ତ ଚାକିରିଆ ନିଜ ଜୀବନ ସଂସାର ସୁରୁଖୁରୁରେ ଚଳିବା ନେଇ ନିଶ୍ଚିତ ତାଙ୍କ ଦରମା ଉପରେ ନିର୍ଭରଶୀଳ ରହନ୍ତି। ଅତଏବ ଚାକିରିଆଙ୍କ ପଦବୀ ହେଉଛି ସେମାନଙ୍କ ବୃତ୍ତି ବା ଜୀବିକା।

ତେଣୁ ଆମ କହିବାର କଥା ଯେ ଜନପ୍ରତିନିଧି ହୁଅନ୍ତୁ କିମ୍ବା ସରକାରୀ ଚାକିରିଆ, ଅତିକମରେ ସମସ୍ତଙ୍କ ସମ୍ମାନଜନକ ଚଳଣି ପାଇଁ ଆବଶ୍ୟକ ମାସିକ ପାଉଣା ବ୍ୟବସ୍ଥା ହେବା କଥା। ବର୍ତ୍ତମାନ ଓ ଭବିଷ୍ୟତ ସୁରକ୍ଷିତ ବୋଲି ନିଶ୍ଚିତତା ରହିଲେ ପ୍ରତିଟି ଜୀବିକା ସ୍ୱତଃପ୍ରବୃତ୍ତ ଭାବରେ ଜନସେବାରେ ପରିଣତ ହୋଇଯିବ। ନଚେତ ଜନସେବା ବି ଚାକିରିରେ ପରିଣତ ହୋଇଯିବାର ସମ୍ଭାବନା ଆସିଯିବ। ●

ସିନାପାଲି(ନୂଆପଡ଼ା)
ମୋ: ୯୭୭୭୭୫୩୯୩୫

ଚିତା ଚୋରି ଓ ତକି ଖାଁ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଇଏ ଓଡ଼ିଶା ଇତିହାସରେ ଦେବାଳୟ ଲୁଣ୍ଠନ ଓ ଦେବତାମାନଙ୍କୁ ଖଣ୍ଡିତ କରି ଅପଯଶ ଲାଭ କରିଥିବା ତକି ଖାଁ ନୁହେଁ। ଇଏ ଜଣେ ସାଧାରଣ ଅଭାବୀ ଗ୍ରାମବାସୀ ଥିଲା। ଗାଆଁରୁ ବିଭିନ୍ନ ସମୟରେ ତୀର୍ଥାଟନରେ ଯାଉଥିବା ଜଗନ୍ନାଥ ଭକ୍ତଙ୍କଠାରୁ ମହାପ୍ରଭୁଙ୍କ ମହିମା, ମନ୍ଦିର ଓ ବେଶ ଆଦି ବିଷୟରେ ସେ ଶୁଣୁଥିଲା। ସେ ଶୁଣିବାକୁ ପାଇଲା ଯେ ମହାପ୍ରଭୁ ସୁନାବେଶରେ ମହଣ ମହଣ ସୁନା ଅଳଙ୍କାରରେ ମଣ୍ଡିତ ହେଉଛନ୍ତି ଏବଂ ମନ୍ଦିରର ରତ୍ନଭଣ୍ଡାରରେ ଅମାପ ହୀରା, ଲୀଳା, ମୋତି, ମାଣିକ୍ୟ ସହ ମହଣ ମହଣ ସୁନା ଅଳଙ୍କାର ଗଚ୍ଛିତ ଅଛି। ମନ୍ଦବୁଦ୍ଧି ତକି ଖାଁ ଅନେକ ଥର ଚିନ୍ତା କରେ ଯେ ଯଦି ସେଥିରୁ ପୁଳାଏ ଚୋରି କରି ଆଣନ୍ତା, ସାତପୁରୁଷ ଭୋଗ କରନ୍ତେ। ରତ୍ନ ଭଣ୍ଡାରରୁ ଚୋରି କରିବା ପାଇଁ ଇଚ୍ଛା ଅତି ପ୍ରବଳ ହେବାରୁ ସେ ପୁରୀ ଯାଇ ଘର ବଖରେ ଭଡ଼ା ନେଇ ରହିଲା। ଚେହେରା ଗୋରା ତକତକ ଥିବାରୁ ସାଇ ପଡ଼ିଶା ତା'କୁ ଭଲ ଘରର ପିଲା ବୋଲି ଭାବୁଥିଲେ। ମଥାରେ ଚିତା ତିଳକ ଓ ବେକରେ ତୁଳସୀ ମାଳ ପକେଇବାରୁ ଯବନ ପିଲା ବୋଲି ସେ ଜଣା ପଡୁ ନ ଥିଲା। ଜଗନ୍ନାଥଙ୍କ ମହିମା ଆଲୋଚନା ହେଲେ ସେଠାରେ ବସି ମନ ଦେଇ ଶୁଣୁଥିଲା। ସବୁଦିନ ଶ୍ରୀମନ୍ଦିର ଯାଇ ଦେଉଳ କେତେବେଳେ ଖୋଲେ ଓ ବନ୍ଦ ହୁଏ, କେତେବେଳେ କୋଉ ନୀତି ହୁଏ, ମନ୍ଦିର ବନ୍ଦ କିଏ ଓ କିପରି କରନ୍ତି, ସବୁ କଥା ଜାଣିଲା।

ସମୟକ୍ରମେ ତା'ର ଜଣେ ଯାତ୍ରୀ ଗୁମାସ୍ତା ସହିତ ବନ୍ଧୁତା ହେଲା। ଗୁମାସ୍ତା ଦେଉଳର ସବୁ କଥା ଜାଣିଥିଲେ। ତାଙ୍କଠାରୁ ତକି ତା' ପାଇଁ ଆବଶ୍ୟକ ଟିକିନିଖି ତଥ୍ୟ ଯୋଗାଡ଼ କରେ। ଦିନେ ଦୁଇଜଣ ଗରୁଡ଼ସ୍ତମ୍ଭ ପାଖରୁ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ମହାପ୍ରଭୁ ତକିର ମନ କଥା ଜାଣିଥିବାରୁ ତା'କୁ ଉଗ୍ରନୃସିଂହ ରୂପରେ ଦର୍ଶନ ଦେଲେ- ପିଙ୍ଗଳ କେଶ, ବିରାଟ ମୁଖ ଗହ୍ୱର, ଚାରି ବିଶି ଦାନ୍ତ ପର୍ବତ ଶୃଙ୍ଗ ପରି ମୁଖ ଗହ୍ୱରରୁ ବାହାରକୁ ଆସିଥିଲେ। ଦୁଇଆଖିରୁ ଅଗ୍ନି ବର୍ଷା ହେଉଥିଲା। କୋଟିସୂର୍ଯ୍ୟଙ୍କଠାରୁ ତାଙ୍କର ତେଜ ଅଧିକ ଥିଲା। ତକିର ଆଖି ଜଳକା ହୋଇଗଲା। ତା' ପରେ ସେ ଦେଖିଲା ଯେ ଠାକୁର ତା' ଆଡ଼କୁ ଚାହିଁ ମୁରୁକି ମୁରୁକି ହସୁଥିଲେ। ସେ ନିଜକୁ ନିଜେ ବୁଝେଇ ଦେଲା ଯେ ଗୋଟେ କାଠର ଦିଅଁଙ୍କୁ ସେପରି ଦେଖିବା ତା' ମନର ଭ୍ରମ ଥିଲା। ତା' ପରେ ସେ ବନ୍ଧୁ ଗୁମାସ୍ତାଙ୍କୁ ରତ୍ନଭଣ୍ଡାର ବିଷୟରେ ପଚାରିଲା। ଗୁମାସ୍ତା କହିଲେ 'ସେ ଘରକୁ ପ୍ରଭୁ ଲୋକନାଥ ଜଗିଛନ୍ତି। ତା' ଭିତରେ ହଜାର ହଜାର ସାପ ଅଛନ୍ତି।' ତକି ଭାବିଲା- 'ମାଳିକ କାଠ, ଜଗୁଆଳୀ ପଥର, ଏଇମାନଙ୍କୁ ଏତେ ଡର କାହିଁକି?'

ସାହାଣ ମେଳା ଦର୍ଶନ ପାଇଁ କଳାହାଟ ଦୁଆର ଖୋଲିଲା। ପାଖ ଦର୍ଶନ ପାଇଁ ସମସ୍ତଙ୍କ ସହିତ ତକି ଓ ଗୁମାସ୍ତାଙ୍କ ମଧ୍ୟ ଭିତରକୁ ଗଲେ। ତିନିଠାକୁରଙ୍କ ମଥାରେ ତିନିଟା ଉଜ୍ଜ୍ୱଳ ଚିତା ଦେଖି ସେ ଭାବିଲା ଯେ ସେଇଥିରୁ ଗୋଟେ ଦିଟା କି ସୁବିଧା ହେଲେ ତିନିଟା ଯାକ ନେଇଗଲେ ତ କୋଟିପତି। ସେତେବେଳକୁ ଦେଉଳର ନୀତିକାନ୍ତି ବିଷୟରେ ତା'ର ଧାରଣା ହୋଇସାରି ଥିଲା। ତେଣୁ ସେ ଚିନ୍ତା କଲା ଯେ ଦିନେ ଦେଉଳ ବନ୍ଦ ହେବା ଆଗରୁ ତା' ଭିତରେ ଲୁଚି ରହିବ ଏବଂ ସମସ୍ତେ ଚାଲିଯିବା ପରେ ଚିତା ତିନୋଟି ନେଇ ପାଚେରି ଡେଇଁ ଚାଲିଯିବ। ଦିନେ ସେ ଓର ଉଣ୍ଡି ରତ୍ନବେଦୀ ପଛପଟେ ଲୁଚି ରହିଗଲା। ସେବକମାନେ ଚାଲିଯିବା ପରେ ତକି ରତ୍ନବେଦୀ ଉପରେ ଚଢ଼ି ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ କପାଳର ଚିତା ଆଡ଼କୁ ବଢ଼େଇବା ବେଳେ ଦେଖିଲା ଯେ ଶହଶହ ନାଗ ସାପ ତାଙ୍କ ମୁଣ୍ଡ ଉପରେ ରହି ଫଣା ଟେକି ଫୁତ୍କାର କରୁଥିଲେ। ଲୋଭ ତ ମଣିଷକୁ ଅନ୍ଧ କରିଦିଏ। ସେ ଆଲୁଅଟେ ଲଗେଇ ପୁଣି ଥରେ ଚେଷ୍ଟା କଲା। କିନ୍ତୁ ଶହଶହ ବିଷଧର ସାପ ବଡ଼ ଠାକୁରଙ୍କ ମସ୍ତକରୁ ବାହାରି ସାରା ପୋଖରୀଆରେ ବିଚରଣ କରୁଥିବା ଦେଖି ଚେତା ହରେଇ ସେଇଠି ପଡ଼ିଗଲା।

ପରଦିନ ସକାଳେ ଦେଉଳ ଫିଟା ପରେ ସେବକମାନେ ତକିକୁ ଚେତାଶୂନ୍ୟ ଅବସ୍ଥାରେ ପୋଖରିଆରେ ପଡ଼ିଥିବାର ଦେଖିଲେ। ନିସ୍ତୁକ ପିଟି ରାଜାଙ୍କ ଆଗରେ ହାଜର କଲେ। ତକିକୁ ଆଜୀବନ କାରାଦଣ୍ଡ ଆଦେଶ ଦିଆଗଲା। କିଛିମାସ ପରେ ସେ ଗଳିତ କୁଷ୍ଠ ରୋଗରେ ପୀଡ଼ିତ ହେବାରୁ କାରାମୁକ୍ତ କରିଦିଆଗଲା। ସେ ଶ୍ରୀକ୍ଷେତ୍ରରେ ବୁଲିବୁଲି ଭିକ ମାଗି ଖାଇଲା। ଦିନେ ସେ ସିଂହଦ୍ୱାର ପାଖରେ ଠିଆ ହୋଇ ନିଜ କଲା କର୍ମ ପାଇଁ ଅନୁତାପ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। କ୍ଷମାସାଗର ମହାପ୍ରଭୁ ତା'କୁ କ୍ଷମା କରି ରୋଗମୁକ୍ତ କରିଦେଲେ। ସେ ତା'ର ବାକି ଜୀବନ କ୍ଷେତ୍ରବାସୀ ହୋଇ ଠାକୁରଙ୍କ ମହିମା ପ୍ରଚାରରେ ବିତେଇ ଦେଲା। ●

ମୋ: ୯୯୦୦୦୮ ୩୪୩୩

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲଟେରୀରେ ଖୋଲିଲା ମଦ ଦୋକାନୀଙ୍କ ଭାଗ୍ୟ

୫୪ ମଦ ଦୋକନ ପାଇଁ ଆବେଦନ କରିଥିଲେ ୧,୭୯୧

ପୁରୀ,୨।୬(ସମିସ): ଲଟେରୀରେ ଖୋଲି ପୁରୀ ଜିଲ୍ଲାର ମଦ ଦୋକାନୀଙ୍କ ଭାଗ୍ୟ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ଜିଲ୍ଲାର ୫୪ଟି ମଦ ଦୋକାନ ପାଇଁ ନିଲାମ ପ୍ରକ୍ରିୟା ଟାଉନହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଉପସ୍ଥିତ ରହି ନିଲାମ ପ୍ରକ୍ରିୟାକୁ ଅନୁଧ୍ୟାନ କରିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ମୋଟ ୫୪ଟି ମଦ ଦୋକାନ ପାଇଁ ୧,୭୯୧ ଜଣ ଆବେଦନ କରିଥିଲେ। ଏଥିରେ ୩୬ଟି ବିଦେଶୀ ମଦ ଦୋକାନ ପାଇଁ ୧,୨୫୮ ଆବେଦନ ମିଳିଥିବା ବେଳେ ଓ ୧୮ଟି ଦେଶୀ ମଦ ଦୋକାନ ପାଇଁ ୫୩୩ ଜଣ ଆବେଦନ କରିଥିଲେ। ଏହାକୁ ଲଟେରୀ ମାଧ୍ୟମରେ ଚୟନ କରାଯାଇଥିଲା। ଆବେଦନକାରୀଙ୍କ ଉପସ୍ଥିତିରେ ଟୋକନଗୁଡ଼ିକୁ ଏକ ଡବାରେ ପକାଯାଇ ଘଣ୍ଟା ଘଣ୍ଟି କରାଯାଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଆଖିରେ କଳା ପଟି ବାନ୍ଧି ଏହି ଡବାରୁ ଗୋଟିଏ ଗୋଟିଏ ଟୋକନ ଉଠାଇ ଲଟେରୀ ବିଜେତାଙ୍କ କ୍ରମିକ ସଂଖ୍ୟା ଘୋଷଣା କରିଥିଲେ। ପରେ ସେହି କ୍ରମିକ ସଂଖ୍ୟାର ନାମଧାରୀଙ୍କୁ ସଂପୃକ୍ତ ମଦ ଦୋକାନର ବିଜେତା ବୋଲି ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ସୂଚନା ବିଜ୍ଞାନ ଅଧିକାରୀ ଦୁର୍ଗା ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ଅବକାରୀ ଅଧୀକ୍ଷକ ଜଗଦୀଶ ସାମଲ ଓ ଅବକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ଅସଫଳ ହେବା ପରେ ନିଯୁକ୍ତି ପ୍ରକ୍ରିୟାକୁ ପ୍ରାର୍ଥୀ ଚ୍ୟାଲେଞ୍ଜ କରିପାରିବେ ନାହିଁ: ହାଇକୋର୍ଟ

କଟକ,୨।୬(ସମିସ): ନିଯୁକ୍ତି ପ୍ରକ୍ରିୟାର ସମସ୍ତ ନିୟମ ଓ ସର୍ତ୍ତାବଳୀକୁ ଗ୍ରହଣ କରି ସେଥିରେ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରିବା ପରେ, ଜଣେ ପ୍ରାର୍ଥୀ ଅସଫଳ ହେଲେ ପୁନର୍ବାର ସେହି ବିଜ୍ଞପ୍ତି କିମ୍ବା ଚୟନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରିପାରିବେ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଝସକେତନ ସାହୁ ଓ ଅନ୍ୟ ମାନଙ୍କ ତରଫରୁ ଦାୟର ସହକାରୀ ପ୍ରଫେସର ନିଯୁକ୍ତି ସମ୍ପର୍କିତ ଏକ ପୁନର୍ବିଚାର ଆବେଦନକୁ ଖାରଜ କରି ଏପରି ରାୟ ଦେଇଛନ୍ତି ଡ.ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ। ଆବେଦନକାରୀଙ୍କ ପକ୍ଷରୁ କୌଣସି ସ୍ପଷ୍ଟ କିମ୍ବା ପ୍ରତ୍ୟକ୍ଷ ନ୍ୟାୟିକ ତ୍ରୁଟି ପ୍ରମାଣିତ ହୋଇପାରି ନ ଥିବାରୁ, ହାଇକୋର୍ଟ ଏହି ପୁନର୍ବିଚାର ଆବେଦନକୁ ସମ୍ପୂର୍ଣ୍ଣ ଭାବେ ମୂଲ୍ୟହୀନ ଦର୍ଶାଇ ଖାରଜ କରିଛନ୍ତି। ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସସି) ପକ୍ଷରୁ ୨୦୨୧ ମସିହା ଜୁଲାଇ ୨୭ ତାରିଖରେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁଡ଼ିକରେ ଭୂଗୋଳ ବିଷୟ ସମେତ ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର (ଶିକ୍ଷକ ଶିକ୍ଷା) ଷ୍ଟେଜ୍-୧ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ଏହି ନିଯୁକ୍ତି ପ୍ରକ୍ରିୟାରେ ଭାଗ ନେଇଥିଲେ ମଧ୍ୟ ସଫଳ ହୋଇପାରିନଥିଲେ। ଏହାପରେ, ଚୟନ ହୋଇଥିବା ପ୍ରାର୍ଥୀ ମାନଙ୍କର ଏନସିଟିଇ ନିୟମାବଳୀ ଅନୁଯାୟୀ ଆବଶ୍ୟକୀୟ ଦ୍ୱିତୀୟ ସ୍ନାତକୋତ୍ତର ଯୋଗ୍ୟତା ନାହିଁ ବୋଲି ଦର୍ଶାଇ ସେମାନଙ୍କ ଚୟନକୁ ରଦ୍ଦ କରିବା ପାଇଁ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ହାଇକୋର୍ଟ ଗତ ୨୦୨୨ ସେପ୍ଟେମ୍ବର ୨୦ରେ ଏହି ଆବେଦନକୁ ଖାରଜ କରିଦେଇଥିଲେ। ରାୟର ପୁନର୍ବିଚାର ପାଇଁ ଆବେଦନକାରୀ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

OFFICE OF THE DIVISIONAL FOREST OFFICER-CUM-WILDLIFE WARDEN, KORAPUT FOREST DIVISION, KORAPUT

Phone No-8895976137, E-Mail : ID-dfo.koraput@odisha.gov.in

Memo No. 2983 /1F(Acctt.)

Dated, Koraput the 01st June, 2026.

8001/11/19/2627

CORRIGENDUM

After Careful consideration by the competent authority the Tender Notice published vide this office memo No.2816, dated.19.05.2026 for Hiring of Vehicle in respect of Koraput Forest Division for the financial year 2026-27 (from 15.06.2026 onwards) has been modified in annexure-I of Serial No.3 may be read as **"Type of Vehicle (BS-VI compliant Diesel driven AC/Non-AC)"**.

NB:- All other terms and condition published in the tender notice above however will remain unaltered as thereof in original application notice.

Divisional Forest Officer,
Koraput Forest Division.

OIPR-8001/8067/1/26-27/0004

ବେଆଇନ ଇଟାଭାଟି ପାଇଁ ପ୍ରଦୂଷଣ

ମିଳିତ କମିଟି ଯାଞ୍ଚ କରି ରିପୋର୍ଟ ପ୍ରଦାନ ପାଇଁ ଏନଜିଟି ନିର୍ଦ୍ଦେଶ

କଟକ,୨।୬(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ତହସିଲ ଅନ୍ତର୍ଗତ ଅମ୍ବକୁଟୁଚି ଗ୍ରାମରେ ବେଆଇନ ଭାବେ ଚାଲୁଥିବା ଇଟାଭାଟି ଏବଂ ମାଟି ଖନନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରଜନୀକାନ୍ତ ଜେନାଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ରାଜ୍ୟ ସରକାର ଏବଂ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିବା ସହିତ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଏକ ଉଚ୍ଚସ୍ତରୀୟ ମିଳିତ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ଏହା ପରିବେଶ ସୁରକ୍ଷା ଆଇନର ଉଲ୍ଲଂଘନ ବୋଲି ଦର୍ଶାଇ ପ୍ରତିପକ୍ଷଙ୍କୁ ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କୋର୍ଟ କହିଛନ୍ତି। ସ୍ଥିତିର ସମୀକ୍ଷା ପାଇଁ ଏକ ମିଳିତ କମିଟି ଗଠନ କରାଯାଇଛି, ଯେଉଁଥିରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବଙ୍କ ପ୍ରତିନିଧି ,ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବଙ୍କ ପ୍ରତିନିଧି ଓ ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ରହିବେ। ଏହି କମିଟିକୁ ଦୁଇ ସପ୍ତାହ ମଧ୍ୟରେ ବୈଠକ କରି ସଂପୃକ୍ତ ସ୍ଥାନ ପରିଦର୍ଶନ କରିବାକୁ ଏବଂ ଆବେଦନକାରୀ ଓ ସମ୍ପୃକ୍ତ ପକ୍ଷଙ୍କ ସହ ଆଲୋଚନା କରି ସତ୍ୟାସତ୍ୟ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଛି। ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏହି ସମଗ୍ର ପ୍ରକ୍ରିୟାର ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯାଇଛି। କମିଟିକୁ ଆସନ୍ତା ଏକ ମାସ ମଧ୍ୟରେ ତାଙ୍କର ଯାଞ୍ଚ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଜିଠୁ ପୁରୀରେ...

ଗ୍ରହଣ କରିବ। ଏହି ତିନି ଦିନିଆ ବୈଠକର ନିର୍ଯାସ ଆଗାମୀ ଦିନରେ ବ୍ରିକ୍ସର ଶୀର୍ଷ ସମ୍ମିଳନୀ ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବ। ଏହି ହାଇ-ପ୍ରୋଫାଇଲ୍ ଇଭେଣ୍ଟକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ସହର ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମ୍ମିଳନୀସ୍ଥଳ ତାଜ୍ ହୋଟେଲକୁ ଯାଇ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ସିସିଟିଭି ନଜରରେ ରହିବ ସମ୍ପୂର୍ଣ୍ଣ ସହର। ଏହି ବିଶ୍ୱସ୍ତରୀୟ ସମ୍ମିଳନୀ ପାଇଁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରହିଛି ପୁରୀ ସହର।

ସୁରକ୍ଷା ଦୃଷ୍ଟିକୋଣରୁ ପ୍ରଥମ ସ୍ତରରେ ଓଡ଼ିଶା ପୁଲିସ, ଦ୍ୱିତୀୟରେ ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ୍ ଏବଂ ତୃତୀୟସ୍ତରରେ କେନ୍ଦ୍ରୀୟ ବାହିନୀ ମୁତୟନ ରହିବେ। ପୁରୀ ସହରର ସମସ୍ତ ପ୍ରବେଶ ପଥ, ମୁଖ୍ୟ ରାସ୍ତା, ହୋଟେଲର ସମ୍ମିଳନୀ ସ୍ଥଳକୁ ସିସିଟିଭି ବଳୟ ମଧ୍ୟରେ ରଖାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଥିବାବେଳେ ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ୍ ମଧ୍ୟ ସୁରକ୍ଷା ଦାୟିତ୍ୱରେ ମୁତୟନ ରହିଛନ୍ତି। ବ୍ରିକ୍ସ ରାଷ୍ଟ୍ର ସମୂହର ପ୍ରତିନିଧିଙ୍କ କୋଣାର୍କ, ଚନ୍ଦ୍ରଭାଗା ଓ ସାତପଡ଼ା ଗସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ ସେଠାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଡିଜିପିଙ୍କ ଏହି ଗସ୍ତ ସମୟରେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ, ଏସ୍‌ପି ପ୍ରତୀକ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ପୁଣି ବଢ଼ିଲା...

ପ୍ରକାଶଥାଉକି ଗତ ମେ’ ୧୫ ତାରିଖରେ ପରିବହନ ବିଭାଗ ପକ୍ଷରୁ ବସ୍ ଭଡ଼ା ବୃଦ୍ଧି କରାଯାଇଥିଲା। ଗୋଟିଏପଟେ, କେବଳ ଡିଜେଲ ଦରବୃଦ୍ଧି ପାଇଁ ପରିବହନ ପ୍ରାଧିକରଣ ପକ୍ଷରୁ ଅଟୋମେଟିକ୍ ମେକାନିଜିମ୍ ଅନୁସାରେ ବସ୍ ଭଡ଼ା ବୃଦ୍ଧି କରାଯାଇଥିଲା ବେଳେ ବାକି ୧୨ଟି ମାପଦଣ୍ଡ ଆଧାରରେ ବସ୍ ଭଡ଼ା ବୃଦ୍ଧି ନିଷ୍ପତ୍ତି ଏବେ ବି ଝୁଲୁଛି। ନିକଟରେ ସମସ୍ତ ୧୩ଟି ମାପଦଣ୍ଡକୁ ଦୃଷ୍ଟିରେ ରଖି ଭଡ଼ା ବଢ଼ାଇବା ପାଇଁ ବସ୍ ମାଲିକ ସଂଘ ସରକାରଙ୍କୁ ଦାବି ଜଣାଇଥିଲା। ଏପରିକି, ୧୦ଦିନ ଭିତରେ ନିଷ୍ପତ୍ତି ନ ନେଲେ, ବସ୍ ଚଳାଚଳ ବନ୍ଦ କରିବାକୁ ପଛାଇବେ ନାହିଁ ବୋଲି ସଂଘ ଚେତାବନୀ ଦେଇଥିଲା। ବିଗତ ୬ ବର୍ଷ ହେବ, ଏହି ସବୁ ମାପଦଣ୍ଡକୁ ବିଚାରକୁ ନିଆଯାଇ ନାହିଁ। ଫଳରେ ବସ୍ ମାଲିକମାନେ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଶେଷଥର ପାଇଁ ୨୦୨୧ ମସିହାରେ ଏହି ସମସ୍ତ ୧୩ଟି ମାପଦଣ୍ଡ ଆଧାରରେ ଭଡ଼ା ବୃଦ୍ଧି କରାଯାଇଥିଲା। ଡିଜେଲ ସହ ଲୁବ୍ରିକାଣ୍ଟ, କର୍ମଚାରୀଙ୍କ ଦରମା, ଟାୟାର, ବ୍ୟାଟେରି, ବୀମା, ଟୋଲ୍ ଓ ପାର୍କିଂ ଫି, ଋଣ ବାବଦ ସୁଧ ଓ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଆଦି ବୃଦ୍ଧିକୁ ଦୃଷ୍ଟିରେ ରଖି ଭଡ଼ା ବଢ଼ାଇବା ପାଇଁ ଦାବି କରାଯାଇଥିଲା।

ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କ କହିବାନୁସାରେ, ସରକାର ଗୋଟିଏ ମାପଦଣ୍ଡ କଥା ବିଚାର କରି ବାକି ୧୨ଟି ମାପଦଣ୍ଡକୁ ଭୁଲି ଯାଇଛନ୍ତି। ଆସନ୍ତା ୫ ତାରିଖରେ ମାଲିକ ସଂଘ ସହ ସରକାରଙ୍କ ବୈଠକ ରହିଛି। ଉକ୍ତ ବୈଠକ ପରେ ସଂଘ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

‘ମୁହଁ ଖୋଲିଲେ ପୁଲିସ...

ପର୍ଦ୍ଦାଫାସ କରି ସେ କହିଛନ୍ତି ଯେ ଯେଉଁ ଖାକି ପୋଷାକ ଜନସାଧାରଣଙ୍କୁ ସୁରକ୍ଷା ଦେବା କଥା, ସେମାନେ ନିଜ ପାପ ଲୁଚାଇବା ପାଇଁ ଯଦି ଏଭଳି ସ୍କ୍ରିପ୍ଟ ବଦଳାଇ ମିଛ କାହାଣୀ ରଚନା କରିବେ, ତେବେ ସାଧାରଣ ଜନତା କାହାକୁ ବିଶ୍ୱାସ କରିବେ? ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ଯଦି ସେ ବର୍ତ୍ତମାନ ପୁଲିସର ସମସ୍ତ ଅସଲ ମୁଖା ଖୋଲିଦେବେ, ତେବେ ଏବେ ଯେଉଁ ପୁଲିସ ଦଳ ଆସୁଛନ୍ତି, ସେମାନେ ଏସ୍‌ସିବି ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ତାଙ୍କ ଜ୍ୱାଇଁର ଚିକିତ୍ସା କରାଇ ଦେବେ ନାହିଁ। ପୁଲିସର ଆକ୍ରୋଶମୂଳକ ମନୋଭାବକୁ ନେଇ ଭୟଭୀତ ଥିବା ଶାଶୁ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ପିଲା (ଜ୍ୱାଇଁ) ଟିକେ ସୁସ୍ଥ ହୋଇ ହସ୍ପିଟାଲରୁ ବାହାରକୁ ଆସିଲେ ସେ ସମୟକୁ ଅପେକ୍ଷା କରିଛନ୍ତି ଏବଂ ସେତେବେଳେ ସବୁ କଥା ସାରା ରାଜ୍ୟବାସୀଙ୍କ ସାମ୍ନାରେ ଖୋଲିକି କହିବେ।

ନିର୍ଦ୍ଦୋଷ ଯୁବକ ରାକେଶ ବେହେରାଙ୍କୁ ବାରଙ୍ଗ ଥାନା ଭିତରେ ମରଣାନ୍ତକ ମାଡ଼ ମରାଯିବା ଘଟଣାକୁ ଚାପିଦେବା ପାଇଁ କମିଶନରେଟ୍ ପୁଲିସ ଯେଉଁ ‘ଦୁର୍ଘଟଣା କାହାଣୀ’ ଆଣିଥିଲା, ତାହା ଉପରେ ଶାଶୂ ମିନତି ସାହୁ ଏକାଧିକ ଓଲଟା ତୀକ୍ଷ୍ଣ ପ୍ରଶ୍ନ ବାଣ ଛାଡ଼ିଛନ୍ତି। ସେ ସିଧାସଳଖ ପ୍ରଶ୍ନ କରିଛନ୍ତି ଯେ, ଜ୍ୱାଇଁର କୌଣସି ପ୍ରକାର ସଡ଼କ ଦୁର୍ଘଟଣା ହୋଇନାହିଁ, ସେ ପ୍ରଥମରୁ ହିଁ ବାରଙ୍ଗ ଥାନା ପୁଲିସର ହେପାଜତରେ ଥିଲେ; ତେବେ ସେ କଡ଼ା ପହରା ଭିତରୁ ବାଇକ୍‌ରେ ବାହାରକୁ ଗଲେ କେମିତି ଏବଂ ତାଙ୍କର ଦୁର୍ଘଟଣା ଘଟିଲା କେମିତି? ଯଦି ପୁଲିସ କହିବା ଅନୁଯାୟୀ ଏହା କେବଳ ଏକ ସାଧାରଣ ସଡ଼କ ଦୁର୍ଘଟଣା ଥିଲା, ତେବେ ରାକେଶଙ୍କୁ ଥାନା ଭିତରେ ସେହିଭଳି ବର୍ବରୋଚିତ ଭାବେ ଥାର୍ଡ ଡିଗ୍ରୀ ନିର୍ଯାତନା ଦିଆଗଲା କାହିଁକି? କେବଳ ସେତିକି ନୁହେଁ, ଯଦି ପୁଲିସ ନିର୍ଦ୍ଦୋଷ ଏବଂ ଘଟଣାଟି ଦୁର୍ଘଟଣା, ତେବେ ବାରଙ୍ଗ ଥାନାର ବଡ଼ବାବୁ ଅର୍ଥାତ୍ ଥାନା ଅଧିକାରୀଙ୍କୁ ତରବରିଆ ଭାବେ ସେଠାରୁ ବଦଳି କରାଗଲା କାହିଁକି ବୋଲି ସେ ପ୍ରଶାସନକୁ କାଠଗଡ଼ାକୁ ଟାଣିଛନ୍ତି। ଜ୍ୱାଇଁକୁ ପ୍ରଥମେ ଥାନା ଭିତରେ ନିର୍ଦ୍ଦୟ ଭାବେ ପିଟିପିଟି ଅଧମରା କରାଗଲା ଏବଂ ଏବେ ନିଜ ଚଉକି ବଞ୍ଚାଇବା ପାଇଁ ପୁଲିସ ମିଛରେ ଏହାକୁ ଏକ ଆକ୍ସିଡେଣ୍ଟର ରୂପ ଦେଉଛି, ଯାହା ସମ୍ପୂର୍ଣ୍ଣ ରୂପେ ଭିତ୍ତିହୀନ ବୋଲି ସେ ଦାବି କରିଛନ୍ତି।

ଏହି ସମଗ୍ର ହରଡ଼ଘଣା ମାମଲା ପଛରେ ଥିବା ଏକ ପୂର୍ବ ବଡ଼ ରହସ୍ୟଜନକ ବିବାଦ ଉପରୁ ମଧ୍ୟ ଶାଶୁ ଆଜି ପରଦା ହଟାଇଛନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ପୁଲିସ ଯେଉଁ ମୃତଦେହକୁ ଉଦ୍ଧାର କରି ତାଙ୍କ ଝିଅର ବୋଲି କହୁଥିଲା, ସେ ସେତେବେଳେ ପ୍ରଥମରୁ ହିଁ ସ୍ପଷ୍ଟ ଭାବେ ମନା କରିଥିଲେ ଯେ ଉକ୍ତ ମୃତଦେହ ତାଙ୍କ ଝିଅର ନୁହେଁ। ପୁଲିସ ଜବରଦସ୍ତି ମାମଲାକୁ ରଫାଦଫା କରିବାକୁ ଚେଷ୍ଟା କରୁଥିବା ବେଳେ, ସେହି ଘଟଣାର ପ୍ରକୃତ ସତ୍ୟତା ଜାଣିବା ପାଇଁ ସେ ଏବେ ମଧ୍ୟ ଝିଅର “ଡିଏନ୍‌ଏ ଟେଷ୍ଟ’ କରାଯାଉ ବୋଲି ଦୃଢ଼ ଦାବି କରିଛନ୍ତି। ବର୍ତ୍ତମାନ ଏଚ୍‌ଆର୍‌ପିସିର ସ୍ୱତନ୍ତ୍ର ଟିମ୍ ଏହି ସମ୍ପୂର୍ଣ୍ଣ ହାଇପ୍ରୋଫାଇଲ୍ ମାମଲାର ଯାଞ୍ଚ କରୁଥିବା ବେଳେ ଏବଂ ପୀଡ଼ିତଙ୍କ ପରିବାର ପକ୍ଷରୁ ପୁଲିସର ମିଛ କାହାଣୀ ବିରୋଧରେ ଏଭଳି ସଙ୍ଗୀନ ବୟାନ ସାମ୍ନାକୁ ଆସିବା ପରେ କମିଶନରେଟ୍ ପୁଲିସ ସମ୍ପୂର୍ଣ୍ଣ ଅଡୁଆରେ ପଡ଼ିଯାଇଛି।

ଘଟଣାସ୍ଥଳରେ ଏନ୍‌ଏଚ୍‌ଆର୍‌ସି...

ଅନ୍ୟପକ୍ଷରେ ଏନ୍‌ଏଚ୍‌ଆର୍‌ସିଙ୍କ ଟିମ୍ ଏଡ଼ିଜି ଲିଙ୍କରେ ତଥ୍ୟ ହାସଲ କରିବାରେ ଲାଗିଛି। ତଦନ୍ତ ୱିଙ୍ଗ୍‌ର ଦୁଇ ଅଧିକାରୀ ରାଜେନ୍ଦ୍ର ସିଂ ଏବଂ ଅବିନାଶ କୁମାର ଏନେଇ ଏକାଧିକ ଲୋକଙ୍କୁ ପଚରାଉଚରା କରିଛନ୍ତି। ଏଡ଼ିଜିଙ୍କ ଦୁଇ ପିଏସ୍‌ଓ, ଜଣେ ଡ୍ରାଇଭର, କ୍ୱାର୍ଟର ଡ୍ୟୁଟିରେ ଥିବା ଦୁଇ ଜଣ ଗାର୍ଡ, ଦୁଇ ଜଣ ଜିଆର୍‌ପି କନଷ୍ଟେବଲଙ୍କଠାରୁ ଏଡ଼ିଜିଙ୍କ ସହ ସୌମ୍ୟଙ୍କ ସମ୍ପର୍କ, ଜିମ୍‌ରେ ତାଲିମ୍, ଘରୋଇ ସେବା ଆଦି ସମ୍ପର୍କରେ ମଧ୍ୟ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ସେହିପରି ଜଣେ ଏନ୍‌ଏଚ୍‌ଆର୍‌ସି ନିକଟରେ ହାଜର ହୋଇଥିବା ଜିଆର୍‌ପି ଡିଏସପିଙ୍କୁ ପଚରାଉଚରା ହୋଇଛି। ଆସନ୍ତାକାଲି ମଧ୍ୟ ଏ ସମ୍ପର୍କରେ ଆଉ କିଛି ଲୋକ ଓ ପୁଲିସ, ଜିଆର୍‌ପି କର୍ମଚାରୀଙ୍କୁ ପଚରାଉଚରା ହୋଇପାରେ ବୋଲି ଏହି ସୂତ୍ରରୁ ଜଣାପଡ଼ିଛି। ସୌମ୍ୟଙ୍କୁ ବ୍ୟକ୍ତିଗତ କାମରେ ଏଡିଜି ନିୟୋଜିତ କରିଥିବା ମା’ କବିତା କରିଥିବା ଅଭିଯୋଗର ମଧ୍ୟ ଅନୁସନ୍ଧାନ ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଗୁରୁବାର କ୍ରାଇମବ୍ରାଞ୍ଚ ଟିମ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ବେଣ୍ଡପୁର ଗାଁର ପ୍ରଦୀପ ମଙ୍ଗରାଜ ଓରଫ ଦୀପୁକୁ ଢେଙ୍କାନାଳରୁ ଗିରଫ କରିଛି। ସୌମ୍ୟଙ୍କୁ ଆକ୍ରମଣରେ ପ୍ରଦୀପର ହାତ ଥିବା ତଦନ୍ତରୁ ସ୍ପଷ୍ଟ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ସେ ସୌମ୍ୟଙ୍କୁ ଚପଲରେ ନିସ୍ତୁକ ମାଡ଼ ପିଟିଥିଲା। ଅଭିଯୁକ୍ତ ପ୍ରଦୀପକୁ କୋର୍ଟଚାଲାଣ କରାଯାଇଥିଲା। ହେଲେ ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୌମ୍ୟ ହତ୍ୟା ମାମଲାରେ ମୋଟ୍ ଗିରଫଦାରୀ ସଂଖ୍ୟା ଏବେ ୧୮ କୁ ବୃଦ୍ଧି ପାଇଛି।

୧୫ ଦିନରେ ରିପୋର୍ଟ...

ହେପାଜତରେ ନିର୍ଯାତନା ଓ ବେଆଇନ ଅଟକ ଭଳି ଗୁରୁତର ମାନବାଧିକାର ଉଲ୍ଲଂଘନ ଏବଂ କ୍ଷମତାର ଘୋର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁଇଟି କାର୍ଯ୍ୟ କେବଳ ଅପରାଧିକ ଅପରାଧ ନୁହେଁ, ବରଂ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ମୌଳିକ ଅଧିକାରର ସ୍ପଷ୍ଟ ଉଲ୍ଲଂଘନ। ହେପାଜତରେ ନିର୍ଯାତନା ସମ୍ବିଧାନର ଧାରା ୨୧ ଦ୍ୱାରା ପ୍ରଦତ୍ତ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା ଅଧିକାରର ଘୋର ବିରୋଧୀ। ସୁପ୍ରିମକୋର୍ଟ ମଧ୍ୟ ବାରମ୍ବାର ହେପାଜତରେ ମୃତ୍ୟୁ ଓ ନିର୍ଯାତନାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏହାର ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ପଠାଇବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲାରେ ଏନଏଚ୍‌ଆର୍‌ସି ଗଞ୍ଜାମ ଜିଲ୍ଲାପାଳ, ଏସ୍‌ପିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି।

ZILLA SWASTHYA SAMITI, NAYAGARH

(Department of Health & FW, Govt. of Odisha)

Advertisement No.: 1254 / DPMUNGR | Date: 01/06/2026

ADVERTISEMENT / NOTICE

10001/215/2627

Walk-In-Interview for the contractual employees of National Health Mission (NHM), already engaged and continuing in the following posts under OSH & FW Society in other districts of Odisha and are desiring to be posted in Nayagarh district against the vacancies as mentioned below.

Sl. No.	Name of the Post	Vacancy	Date of Walk-In-Interview:
01	Psychiatric Nurse	01	Walk-in-interview on 12.06.2026 at 10.00 AM
02	Dental Technician	01	
03	Physiotherapist (IPU)	01	
04	Ophthalmic Asst.	03	
05	Immunisation Computer Asst. (ICA)	01	
06	Pharmacist & Logistic Asst (PLA)	01	
07	Social Worker (DEIC)	01	

Interested in-house candidates of NHM only are requested to attend the Walk-In-Interview with the prescribed format along with the original NOC and experience certificate issued by the concerned CDM & PHO and all original certificates in support of age, qualification, experience, registration & others etc. with one set of self attested xerox copy for submission. Selection shall be made on the highest length of incumbency in the same post under the OSH&FW Society. The application format, general information and instruction & other details can be obtained from the district website https://nayagarh.odisha.gov.in. The candidate should attend the Walk-In-Interview at the DTU, O/o CDM & PHO, Nayagarh on the date mentioned above. The candidates are requested to register their names from 10.00 AM to 12.00 Noon, failing which their candidature shall not be considered. Vacancies shown above are provisional and may change during the time of posting. Incomplete application in any form is liable for rejection. The undersigned reserves the right to accept/reject any/all application and modify/cancel the advertisement without assigning any reason thereof. Status of the selection process will be web hosted in the District website and no personal query will be entertained. No TA/DA shall be admissible for attending the said Walk-In-Interview.

Sd/-
CDM & PHO, Nayagarh

OIPR-10001/10050/1/26-27/0003

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JAGATSINGHPUR
DISTRICT PROGRAMME MANAGEMENT UNIT (DPMU)
NATIONAL HEALTH MISSION (NHM)

Expression of Interest

10001/213/2627

No. 1674 | Date: 01/06/2026

Sealed EOIs are invited from interested eligible organizations (private Health Care Providers for Extention of Healthcare (Super Speciality) facility through Engagement of Private Technical Service provider /Hospitals to Provide Super/Specialist Services at Kujang & Atharabanki CHC of Jagatsinghpur District, funded under CSR by IOCL in PPP mode.

The eligible criteria, the terms of reference and the formats for submission of bids are available in Jagatsingpur district website, i.e. www.jagatsinghpur.odisha.gov.in. The tender should reach to the undersigned on or before **08/06/2026** till **5 PM** through speed post / regd. Post / courier only. The authority reserves all the rights to cancel or reject the any or all EOIs without assigning any reason thereof.

Sd/- CDMO-Cum-District Mission Director,
Jagatsinghpur

OIPR-10001/10043/1/26-27/0004

OFFICE OF THE MUNICIPAL COUNCIL, ANANDAPUR

Letter No. 2031 | Date: 30.05.2026

QUOTATION CALL NOTICE

13001/731/2627

The Executive Officer, Anandapur Municipality invites sealed quotations from reputed Consultancy Firms/Agencies having valid registration, GST Certificate and experience in preparation of Detailed Project Reports (DPRs), Architectural Planning, Estimation, Design and Project Consultancy Services for different developmental works under Anandapur Municipality.

The interested Consultancy Firms/Agencies are requested to submit their quotations along with required credentials, PAN Card, GST Registration Certificate, Experience Certificates and Financial Proposal within the stipulated period. Detailed terms and conditions shall be available on the Municipality website i.e. http://www.anandapurmunicipality.in

The consultancy charges shall be governed as per Finance Department guidelines and applicable Government norms as prescribed in Finance Department Circular regarding consultancy charges.

Scope of Work:

1. Building Construction Works
2. Road & Drainage Projects
3. Water Supply & Sanitation Projects
4. Electrical Installation Works
5. Public Utility Infrastructure Works
6. Urban Beautification and other Municipal Development Projects

Sd/- Executive Officer
Anandapur Municipality

OIPR-13001/13049/1/26-27/0004

यूनियन बैंक ऑफ इंडिया Union Bank of India

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଚାର୍ଯ୍ୟ ବିହାର ଶାଖା

ଓକାକ୍ ଟାୱାର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩, ମୋ.: ୯୦୦୨୯୨୪୪୦୮

ଗାଡ଼ି ନିଲାମ ନୋଟିସ୍

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଚାର୍ଯ୍ୟ ବିହାର ଶାଖା ଦ୍ୱାରା ଦଖଲ ନିଆଯାଇଥିବା ନିମ୍ନଲିଖିତ ଗାଡ଼ିକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଚାର୍ଯ୍ୟ ବିହାର ଶାଖା, ଓକାକ୍ ଟାୱାର, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩ ଠାରେ ତା.୨୨.୦୬.୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

କ୍ର. ନଂ.	ଶାଖାର ନାମ	ଋଣଗ୍ରହୀତାଙ୍କ ନାମ	ଗାଡ଼ିର ବିବରଣୀ	ସଂରକ୍ଷିତ ମୂଲ୍ୟ / ଅମାନତ ଜମା
୧.	ଆଚାର୍ଯ୍ୟ ବିହାର ଶାଖା	ଶ୍ରୀ ବିଶ୍ୱଜିତ୍ ମହାନ୍ତି	HYUNDAI i20 SPORTZ(O)1.2 KAPPA MT, Regd. No.: OD02CN8957, Engine No.: G4LFPV331993, Chassis No.: MALBH512LPM271436	ଟ.୫,୧୦,୦୦୦/- (ଜିଏସ୍‌ଟି ବ୍ୟତୀତ) / ଟ.୫୧,୦୦୦/-

ଗାଡ଼ି ଯାଞ୍ଚ କରିବାର ତାରିଖ ଓ ସମୟ: ଭବ୍ୟ ସ୍କୟାର୍ଡ, ରେବତୀ ନଗର, ଶିଶୁପାଳଗଡ, ଭୁବନେଶ୍ୱର ଠାରେ ତା.୨୦.୦୬.୨୦୨୬ରିଖ ସୁଦ୍ଧା ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ସମୟ ମଧ୍ୟରେ

ନିୟମ ଏବଂ ସର୍ତ୍ତାବଳୀ:

୧. ଗାଡ଼ି “ଯେଉଁଠାରେ ଯେପରି ଅଛି”, “ସେଠାରେ ଯାହା ଅଛି” ଏବଂ “ବିନା ଆଇନଗତ ସହାୟତା” ଭିତ୍ତିରେ ୱାରେଣ୍ଟି ଏବଂ ଇଣ୍ଡେମିନିଟିକ୍ ବିନା ବିକ୍ରୟ କରାଯିବ।
୨. ବିକ୍ରୟ ମୂଲ୍ୟ ନିମିତ୍ତ ପ୍ରଯୁଜ୍ୟ ଜିଏସ୍‌ଟି ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୩. ଆଗ୍ରହୀ କ୍ରେତାମାନେ ସେମାନଙ୍କର ପ୍ରସ୍ତାବ ମୁଦ ଲଫାପାରେ ରଖି ଲଫାପା ଉପରେ “ଗାଡ଼ି ନଂ............ କ୍ରୟ ନିମନ୍ତେ କୋଟେସନ୍” ଉଲ୍ଲେଖ କରି ତତ୍‌ସହିତ ସଂରକ୍ଷିତ ମୂଲ୍ୟର ୧୦% ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ପୃଥକ୍ ଲଟରେ “ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ” ସପକ୍ଷରେ ଡ୍ର କରାଯାଇ ଏବଂ ଭୁବନେଶ୍ୱରକୁ ପେଠ ଦର୍ଶାଇ ନିମ୍ନସ୍ୱାକ୍ଷରକାରୀଙ୍କ ଉପରଦର୍ଶିତ ଠିକଣାରେ ତା.୨୦.୦୬.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଦାଖଲ କରିବା ଆବଶ୍ୟକ।
୪. ନିର୍ଦ୍ଦିଷ୍ଟ ଗାଡ଼ିର ଟେଣ୍ଡରଗୁଡ଼ିକ ସମସ୍ତ ଟେଣ୍ଡରଦାତାଙ୍କ ଉପସ୍ଥିତିରେ ଖୋଲାଯିବ ଏବଂ ନିଲାମ ପାଇଁ ସର୍ବୋଚ୍ଚ ବିଡ୍‌କୁ ଫ୍ଲୋର୍ ପ୍ରାଇସ୍ ଭାବେ ବିବେଚନା କରାଯିବ।
୫. ସଂରକ୍ଷିତ ମୂଲ୍ୟ ଠାରୁ କମ୍ ମୂଲ୍ୟର ପ୍ରସ୍ତାବର ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ।
୬. ସଫଳ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଚୂଡ଼ାନ୍ତ ନିଲାମ ରାଶିର ୨୫% ସଙ୍ଗେ ସଙ୍ଗେ ଜମା କରିବାକୁ ପଡ଼ିବ ଏବଂ ଅବଶିଷ୍ଟ ରାଶି ନିଲାମ ତାରିଖ ଠାରୁ ୭ଦିନ ମଧ୍ୟରେ ଜମା କରିବାକୁ ପଡ଼ିବ।
୭. ଯଦି ବିଡ୍ ରାଶିର ୨୫% (ଅମାନତ ରାଶି ବାଦ୍ ଦେଇ) ନିଲାମ ତାରିଖ ଦିନ ଏବଂ/କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ବିଡ୍ ରାଶି ପୈଠ କରିବାକୁ ବିଫଳ ହୁଅନ୍ତି, ତେବେ ନିମ୍ନସ୍ୱାକ୍ଷରକାରୀଙ୍କ ସ୍ୱତନ୍ତ୍ର କ୍ଷମତା ବଳରେ ପୂର୍ବରୁ ଜମା ହୋଇଥିବା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ରାଶିକୁ ବାଜ୍ୟାପ୍ତି କରାଯିବ।
୮. ଟେଣ୍ଡର ଥରେ ଦାଖଲ ହେବା ପରେ ନିଲାମ ସମ୍ପୂର୍ଣ୍ଣ ନହେବା ଯାଏଁ କୌଣସି ପ୍ରକାରେ ଫେରସ୍ତ କରାଯିବ ନାହିଁ।
୯. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବଗୁଡ଼ିକୁ ଗ୍ରହଣ/ପ୍ରତ୍ୟାଖ୍ୟାନ/ପରିବର୍ତ୍ତନ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସମସ୍ତ ପ୍ରସଙ୍ଗରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ।
୧୦. ଯେଉଁମାନେ କେବଳ ଅମାନତ ରାଶି ଦାଖଲ କରିଛନ୍ତି ସେମାନଙ୍କୁ ଟେଣ୍ଡର ତଥା ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ।
୧୧. ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ଏହା ଏକ ନୋଟିସ୍ ଭାବେ ବିବେଚନା କରାଯିବ।
୧୨. ଅନ୍ୟ କୌଣସି ସୂଚନା ପାଇଁ ଇଚ୍ଛୁକ ନିଲାମଧାରୀମାନେ ଶାଖା ମୁଖ୍ୟ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଚାର୍ଯ୍ୟ ବିହାର ଶାଖା, ଫୋନ୍ ନଂ.: ୯୦୦୨୯୨୪୪୦୮ଙ୍କ ସହ ଯୋଗାଯୋଗ କରନ୍ତୁ।
୧୩. ଗାଡ଼ି ସମ୍ବନ୍ଧୀୟ ସମସ୍ତ ବୈଧାନିକ ଦେୟ / ଅଣ-ବୈଧାନିକ ଦେୟ / ବକେୟା ଦେୟ ଯଦି କିଛି ଥାଏ, ତାହା ସଫଳ ନିଲାମଧାରୀଙ୍କ ଦ୍ୱାରା ବହନ କରାଯିବ।
୧୪. ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ୱେବସାଇଟ୍ www.unionbankofindia.bank.in ଦେଖନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୨.୦୬.୨୦୨୬ | କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

GOVERNMENT OF ODISHA
PANCHAYAT SAMITI: NARAYANPATNA
P.R. & PWD DEPARTMENT, ODISHA

E-Mail ID: ori-narayanpatna@nic.in

Letter No. 1340 /2026/TCN.01/2026-27, Dated: 02.06.2026

NOTICE INVITING TENDER

Bid Identification No. 01 of 2026-27 of B.D.O. Narayanpatna

Bid documents consisting of specification, Bill of Quantity and Tender Call Notice can be seen in the Government website: http://tendersodisha.gov.in/nicgep/app

Sl. No.	Name of the Work	Amount Put to Tender (Rs.)	Class of Contractor	Cost of Tender Paper (Rs.)	E.M.D. (Rs.)	Period of Completion
1	Construction of Additional Classroom at Narayanpatna-A PS	14,35,118/-	"C" & "D"	6,000/-	14,500/-	6 Months
2	Construction of Additional Classroom at Jogipallur PS	14,35,118/-	"C" & "D"	6,000/-	14,500/-	6 Months
3	Construction of Additional Classroom at Odipentha PS	14,35,118/-	"C" & "D"	6,000/-	14,500/-	6 Months
4	Construction of Additional Classroom at Godraguda PS	14,37,247/-	"C" & "D"	6,000/-	14,500/-	6 Months
5	Construction of Additional Classroom at KodalBorigi PS	9,08,888/-	"C" & "D"	6,000/-	9,000/-	6 Months
6	Construction of Additional Classroom at Naktipadar PS	14,45,788/-	"C" & "D"	6,000/-	14,500/-	6 Months
7	Construction of Additional Classroom at Lowkesla PS	14,45,374/-	"C" & "D"	6,000/-	14,500/-	6 Months

07 (Seven) Nos. Works only

Tender documents available on website	Can be downloaded from www.tendersodisha.gov.in
Bid documents available date & time	From **06.06.2026 at 11.00 Hours** to **25.06.2026 up to 17.30 Hours**
Bid clarification period	**06.06.2026 to 25.06.2026** during office hours
Offline documents received through Speed Post / Registered Post	From **06.06.2026 at 17.30 Hours** to **30.06.2026 at 11.00 Hours**
Date, time & venue of opening of bid online	**01.07.2026 at 11.00 Hours**, Office of the Block Development Officer, Panchayat Samiti, Narayanpatna
Offline documents shall be opened in presence of participating bidders in chamber of BDO, Narayanpatna	**01.07.2026 at 11.00 Hours onwards**
If stipulation arises the tender will be decided through Lottery System	**01.07.2026 at 15.30 Hours**, Office of the Block Development Officer, Panchayat Samiti, Narayanpatna

Block Development Officer, Narayanpatna

ବାରଙ୍ଗ ଥାନା ହାଜତ ନିର୍ଯାତନା ମାମଲା

ଏସ୍‌ସିବିରେ ରାକେଶଙ୍କୁ ଭେଟିଲା ଏଚ୍‌ଆର୍‌ପିସି ଟିମ୍

- ସତ ଖୋଜିବାକୁ ବାରଙ୍ଗ, ସଦର ଥାନା ଓ ଏସ୍‌ସିବିରେ ଏଚ୍‌ଆର୍‌ପିସି ଟିମ୍‌ର ତଦନ୍ତ
- ଥାନାରୁ ସିସିଟିଭି ଡିଭିଆର୍ ଜବତ
- ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ ଏବଂ ଡାକ୍ତରଙ୍କୁ ପଚରାଉଚରା

କଟକ/ବାରଙ୍ଗ,୨।୬(ସମିସ): ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା କଟକ ବାରଙ୍ଗ ଥାନାର "ଥାର୍ଡ ଡିଗ୍ରୀ' ହାଜତ ନିର୍ଯାତନା ମାମଲାରେ ଏବେ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ହ୍ୟୁମାନ୍ ରାଇଟ୍ସ ପ୍ରୋଟେକ୍ସନ୍ ସେଲ୍ (ଏଚଆରପିସି) ଏହି ସମ୍ବେଦନଶୀଳ ମାମଲାକୁ ନିଜ ହାତକୁ ନେବା ସହ ଆକ୍ସନ ମୋଡ୍‌କୁ ଆସିଛି। ଏହି କ୍ରମରେ ମଙ୍ଗଳବାର ଦିନ ଏଚ୍‌ଆର୍‌ପିସି ଆଡ଼ିସନାଲ ଏସ୍‌ପି ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ସରଜମିନ ତଦନ୍ତ ପାଇଁ ବାରଙ୍ଗରେ ପହଞ୍ଚିଛନ୍ତି। ଚଣ୍ଡିପ୍ରସାଦ ଗ୍ରାମର ଯୁବକ ରାକେଶ ବେହେରାଙ୍କ ଉପରେ ହୋଇଥିବା ପାଶବିକ ପୁଲିସ ଅତ୍ୟାଚାର ଅଭିଯୋଗ ଏବେ ପୁଲିସ ପ୍ରଶାସନିକ ସ୍ତରରେ ହଲ୍‌ଚଲ୍ ସୃଷ୍ଟି କରିଥିବା ବେଳେ, ପୁଲିସ ପକ୍ଷରୁ କୁହାଯାଉଥିବା ସନ୍ଦେହଜନକ "ବାଇକ୍ ଦୁର୍ଘଟଣା କାହାଣୀ'କୁ ପରଖିବା ପାଇଁ ତଦନ୍ତକାରୀ ଦଳ କୌଣସି ପ୍ରକାର ଅବହେଳା କରୁନାହାନ୍ତି। ତଦନ୍ତକାରୀ ଟିମ୍ ପ୍ରଥମେ ବାରଙ୍ଗ ଥାନାରେ ପହଞ୍ଚି ଘଟଣାଦିନର ସମଗ୍ର ସିସିଟିଭି ଫୁଟେଜ୍, ଡିଭିଆର୍, ଷ୍ଟେସନ ଡାଏରୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ କାଗଜପତ୍ର ମାଗିବା ସହ ତାହାର ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଯାହାଦ୍ୱାରା ଥାନା ଭିତରେ ରାକେଶଙ୍କ ସହ ପ୍ରକୃତରେ କ'ଣ ଘଟିଥିଲା ତାହାର ଅସଲ ଗୁମର ଖୋଲିପାରିବ।

ଥାନାରେ କାଗଜପତ୍ର ଖୋଲତାଡ଼ କରିବା ପରେ ଅତିରିକ୍ତ ଏସ୍‌ପି ଶ୍ରୀମତି ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ଏହି ତଦନ୍ତକାରୀ ଦଳ ସିଧାସଳଖ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ପହଞ୍ଚି ସେଠାରେ ସିଟିଭିଏସ୍ ବିଭାଗର ଆଇସିୟୁରେ ଚିକିତ୍ସିତ ହେଉଥିବା ପୀଡ଼ିତ ରାକେଶ ବେହେରାଙ୍କୁ ଭେଟିଥିଲେ। ତଦନ୍ତକାରୀ ଟିମ୍ ଘଟଣା ସମ୍ପର୍କରେ ରାକେଶଙ୍କୁ ପଚରାଉଚରା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ରୂପେ କିଛି କହିପାରି ନ ଥିଲେ। ଏହାପରେ ଟିମ୍ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ତାଙ୍କୁ ଚିକିତ୍ସା କରୁଥିବା ବିଶେଷଜ୍ଞ ଡାକ୍ତରଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ତେବେ ଡାକ୍ତରୀ ଦଳ ସୂଚନା ଦେଇଛନ୍ତି ଯେ, ପୂର୍ବ ଅପେକ୍ଷା ବର୍ତ୍ତମାନ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି ଏବଂ ସେ ଭଲ ଅଛନ୍ତି। ପୁଲିସ ଦାବି କରୁଥିବା ବାଇକ୍ ଦୁର୍ଘଟଣା ଜନିତ ସାଙ୍ଘାତିକ ଆଘାତ ଏବଂ ରାକେଶଙ୍କର ପୂର୍ବରୁ କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ବା ରୋଗ ଥିଲା କି ନାହିଁ, ସେହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ମେଡିକାଲ ଗ୍ରାଉଣ୍ଡକୁ ଏଚ୍‌ଆର୍‌ପିସି ଟିମ୍ ଅତି ଗମ୍ଭୀରତାର ସହ ପରଖୁଛି।

ଏହି ସମ୍ବେଦନଶୀଳ ମାମଲାରେ ପୁଲିସ କାହାଣୀର ସତ୍ୟାସତ୍ୟ ଜାଣିବା ପାଇଁ ଏଚ୍‌ଆର୍‌ପିସି ଟିମ୍ ସେଠାରୁ ବାହାରି ସିଧାସଳଖ କଟକ ସଦର ଥାନାରେ ପହଞ୍ଚିଥିଲେ। ସେଠାରେ ରାକେଶଙ୍କ ନାମରେ ରୁଜୁ ହୋଇଥିବା କଥିତ ଦୁର୍ଘଟଣା ମାମଲାର କାର୍ଯ୍ୟାନୁଷ୍ଠାନ ଏବଂ ବାସ୍ତବତା ଉପରେ ଟିମ୍ ଖୋଲତାଡ଼ କରିଛି। ଉକ୍ତ ଦୁର୍ଘଟଣା ଘଟଣାର ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ (ଆଇଓ)ଙ୍କ ସହ ଅତିରିକ୍ତ ଏସ୍‌ପି ଦୀର୍ଘ ସମୟ ଧରି ଆଲୋଚନା କରିବା ସହ ଦୁର୍ଘଟଣାସ୍ଥଳର ସ୍ଥିତି ଓ ଜବତ ସାମଗ୍ରୀ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ମାମଲାରେ ସମସ୍ତ ଦିଗରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ଏବଂ କୌଣସି ବି ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ତଦନ୍ତକାରୀ ଅଧିକାରୀ ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ ସ୍ପଷ୍ଟ କରିଛନ୍ତି। ଘଟଣାରେ ବାରଙ୍ଗ ଥାନାର ତତ୍କାଳୀନ ବଦଳି ହୋଇଥିବା ଆଇଆଇସି ନିରଞ୍ଜନ ବେହେରା ଓ ଚିକିତ୍ସା କରିଥିବା ଘରୋଇ ମେଡଏକ୍ସ ହସ୍ପିଟାଲର ଭୂମିକା ଏବେ ଏଚ୍‌ଆର୍‌ପିସି ସ୍କାନରରେ ଥିବା ବେଳେ, ଏହି ଉଚ୍ଚସ୍ତରୀୟ ଘଟଣାର ତଦନ୍ତ ରିପୋର୍ଟ ଆସିବା ପରେ ହିଁ ବାରଙ୍ଗ ପୁଲିସର ଅସଲ ଚେହେରା ସାମ୍ନାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

Notice (above 18 years of age)

By virtue of an affidavit sworn before Notary Public, Udala, Mayurbhanj dated 02-06-2026 I, Maina Soren, Wife of Dasarathi Murmu, Address Villege - Harisole, P.O- Hatisahi, P.S- Udala, Dist- Mayurbhanj, Pin-757087 declare that I have changed my name from Mayin Soren to Maina Soren. Henceforth, I shall be known as Maina Soren for all purposes.

(Maina Soren)

■ ଆଜି ମହାପ୍ରଭୁଙ୍କ ବନକଲାଗି

୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୨।୬(ସମିସ): ଜ୍ୟେଷ୍ଠ କୃଷ୍ଣ (ମଳ) ତୃତୀୟା ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ୪ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

୪ରେ ଉପକୂଳ ସୁରକ୍ଷା ସମ୍ମିଳନୀ

ଭୁବନେଶ୍ୱର, ୨।୬(ସମିସ): ଓଡ଼ିଶା ପୁଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ଆସନ୍ତା ଜୁନ୍ ୪ରେ ପୁଲିସ ଭବନ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬ ଆୟୋଜନ କରାଯିବ। "ଉପକୂଳ ସୁରକ୍ଷା ବ୍ୟବସ୍ଥା: ସମସ୍ୟା, ସମାଧାନ ଓ ଆଗାମୀ ପଦକ୍ଷେପ" ଶୀର୍ଷକକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରର ବିଭିନ୍ନ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇ ଉପକୂଳ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ଓଡ଼ିଶା ପୁଲିସ, ଭାରତୀୟ ତଟରକ୍ଷୀ ବାହିନୀ, ଗୃହ ମନ୍ତ୍ରଣାଳୟ, ଇଣ୍ଟେଲିଜେନ୍ସ ବ୍ୟୁରୋ, ସିଆଇଏସଏଫ୍ ଓ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ।

ଉଦ୍‌ଯାପନୀ ଅଧିବେଶନରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ଉପକୂଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ମତ ରଖିବେ। ଏହି ସମ୍ମିଳନୀରେ ସମୁଦ୍ରତଟ ସୁରକ୍ଷା, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ଇଲେକ୍ଟ୍ରୋନିକ୍ ନଜରଦାରୀ, ବନ୍ଦର ସୁରକ୍ଷା ଓ ମତ୍ସ୍ୟଜୀବୀମାନଙ୍କ ଭୂମିକା ଭଳି ବିଷୟ ଉପରେ ଆଲୋଚନା କରାଯିବ। କାର୍ଯ୍ୟକ୍ରମରେ ଇଣ୍ଟେଲିଜେନ୍ସ ବ୍ୟୁରୋ, ଗୃହ ମନ୍ତ୍ରଣାଳୟ, ଭାରତୀୟ ତଟରକ୍ଷୀ ବାହିନୀ, ସିଆଇଏସଏଫ୍, କେରଳ ପୁଲିସ ଏବଂ ଓଡ଼ିଶା ପୁଲିସର ବରିଷ୍ଠ ଅଧିକାରୀମାନେ ବକ୍ତା ଭାବେ ଯୋଗଦେବେ।

ଏହି ସମ୍ମିଳନୀରେ ବିଭିନ୍ନ ସଂସ୍ଥାର ଅଧିକାରୀମାନେ ନିଜ ଅଭିଜ୍ଞତା ଓ ମତାମତ ଉପସ୍ଥାପନ କରିବେ। ଉପକୂଳ ସୁରକ୍ଷାକୁ ଆହୁରି ମଜଭୁତ କରିବା ନେଇ ଆଲୋଚନା କରିବେ।

24001/193/2627

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No. RDM-LAB-GM-0049-2025- 49217 / R&DM, Dated 30.12.2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ଦ୍ୱିତୀୟ ଖଣ୍ଡଦେଉଳି, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୬.୫୫୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ ,ଦିଗପହଣ୍ଡି ଗଞ୍ଜାମ ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୨୦୯୬୫ dated ୧୧.୦୬.୨୦୨୫ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।
୬- ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	ପ୍ଲଟ୍ ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ୍‌ର ନାମ
ଗଞ୍ଜାମ	ସାନଖେମୁଣ୍ଡି	ଦ୍ୱିତୀୟ ଖଣ୍ଡଦେଉଳି	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ. ୧୬.୮୦୫	ଏ ୬.୫୫୫	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଦ୍ୱିତୀୟ ଖଣ୍ଡଦେଉଳି ଗ୍ରାମର ଜମିର ବିବରଣୀ

ତହସିଲ -ସାନଖେମୁଣ୍ଡି | ଜିଲ୍ଲା - ଗଞ୍ଜାମ

ଖାତା ନଂ	ପ୍ଲଟ ନଂ	କିସମ	ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ରକବା	ରୟତଙ୍କ ନାମ	ମନ୍ତବ୍ୟ
୧	୨	୩	୪	୫	୬	୭
୩	୯୫୪	ଦିଲ ଜଳସେଚିତ ଏକ ଫସଲି	୦.୧୧୦	୦.୦୧୦	ଅରକ୍ଷିତ ସେଠୀ ପି:ଭୋକିଲି ସେଠୀ ଜା: ଧୋବା ବା: ବାଙ୍କରଡ଼ା	
୪	୯୯୫	ଦିଲ ଜଳସେଚିତ ଏକ ଫସଲି	୦.୦୪୫	୦.୦୧୦	ଅରକ୍ଷିତ ସେଠୀ ପି: ଭୋକିଲି ସେଠୀ, ପୁରି ସେଠୀ ପି: ଲକ୍ଷ୍ମଣ ସେଠୀ, ଅଜି ସେଠୀ, ଗୁଲା ସେଠୀ, ଡେଙ୍ଗୁ ସେଠୀ ପି: ଗାଡ଼ିଲି ସେଠୀ ଜା: ଧୋବା ବା: ବାଙ୍କରଡ଼ା	
	୯୯୮		୦.୦୬୫	୦.୦୧୫		
	୯୯୯		୦.୦୮୫	୦.୦୨୫		
୬	୩୧୮	ପଦର	୦.୧୫୦	୦.୦୯୦	ଅରକ୍ଷିତ ଚୌଧୁରୀ, ରଘୁ ଚୌଧୁରୀ, କମଳା ଚୌଧୁରୀ, ମାହାଲି ଚୌଧୁରୀ ପି: ଭିକାରୀ ଚୌଧୁରୀ, ଘରମଣି ଚୌଧୁରୀ ସ୍ୱା: ଭିକାରୀ ଚୌଧୁରୀ ଜା: କୁରୁମ ବା: ମଣିଦେବ ପେଣ୍ଠ	
	୩୧୯	ଦିଲ ଅଣ ଜଳସେଚିତ ଡିହ	୦.୧୨୫	୦.୦୬୦		
	୩୨୨		୦.୦୬୦	୦.୦୧୦		
୭	୩୫୮	ଦିଲ ଜଳସେଚିତ ଏକ ଫସଲି	୦.୨୧୫	୦.୦୮୦	ଆଦିକନ୍ଦ ପାଣିଗ୍ରାହି ପି:ବାଲାଜି ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜର୍ଗାଁ	
୧୧	୩୯	ପଦର	୦.୪୩୫	୦.୦୦୫	ଶ୍ରୀ ଲଙ୍କେଶ୍ୱର ମହାଦେବ ବିଜେ: ନିଜର୍ଗାଁ ମାର୍ଫତ ବା:, ଉଦୟ ନାରାୟଣ ସିଂହଦେଓ ପି: ନନ୍ଦକିଶୋର ଅନଙ୍ଗ ଭୀମଦେଓ ଜା: କ୍ଷତ୍ରିୟ ବା: ପୋଡ଼ାମାରୀ, ଲକ୍ଷ୍ମୀ ଚରଣ ପାଣିଗ୍ରାହି, ପଦ୍ମ ଚରଣ ପାଣିଗ୍ରାହି ପି: ଜଗନ୍ନାଥ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜର୍ଗାଁ, ଲୋକନାଥ ପାଣିଗ୍ରାହି ପି: ନଟବର ପାଣିଗ୍ରାହି ଜା: ବ୍ରାହ୍ମଣ ବା: ପୋଡ଼ାମାରୀ, ତ୍ରିନାଥ ପାଣିଗ୍ରାହି, ତାରେଣୀ ପାଣିଗ୍ରାହି, ଦେବରାଜ ପାଣିଗ୍ରାହି, ଅଜି ପାଣିଗ୍ରାହି ପି: ଗୋପିନାଥ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ଜାମ୍ବୁଗିରୀ, ଭାସ୍କର ପାଣିଗ୍ରାହି, ସୁରେନ୍ଦ୍ର ପାଣିଗ୍ରାହି ପି: ରାମଚନ୍ଦ୍ର ପାଣିଗ୍ରାହି, ଗୌରହରି ପାଣିଗ୍ରାହି ପି: କୃଷ୍ଣଚନ୍ଦ୍ର ପାଣିଗ୍ରାହି, ଧର୍ମରାଜ ପାଣିଗ୍ରାହି ପି: ରାଧା ମୋହନ ପାଣିଗ୍ରାହି, ବୃନ୍ଦାବନ ପାଣିଗ୍ରାହି ପି: କାଳୁ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜର୍ଗାଁ	
୧୨	୨୩	ପଦର	୦.୩୭୦	୦.୧୧୦	ଶ୍ରୀ ଲଙ୍କେଶ୍ୱର ମହାଦେବ ବିଜେ: ନିଜର୍ଗାଁ ମାର୍ଫତ: ବା:, ଉଦୟନାରାୟଣ ସିଂହଦେଓ ପି: ନନ୍ଦକିଶୋର ଅନଙ୍ଗ ଭୀମଦେଓ ଜା: କ୍ଷତ୍ରିୟ ବା:ପୋଡ଼ାମାରୀ, ସେବାୟତ: ବା:, ଧର୍ମରାଜ ପାଣିଗ୍ରାହି ପି: ରାଧାମୋହନ ପାଣିଗ୍ରାହି, ବୃନ୍ଦାବନ ପାଣିଗ୍ରାହି ପି: କାଳୁ ଚରଣ ପାଣିଗ୍ରାହି, ଦୁଃଖି ପାଣିଗ୍ରାହି ସ୍ୱା: କାଳୁ ଚରଣ ପାଣିଗ୍ରାହି, ହେମ ପାଣିଗ୍ରାହି ପି: ଖଲି ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜର୍ଗାଁ	
	୨୫		୦.୧୭୦	୦.୦୫୦		
	୪୦		୦.୨୬୫	୦.୧୮୦		
୧୩	୧୧୧	ଦିଲ ଅଣ ଜଳସେଚିତ ଡିହ	୦.୨୭୦	୦.୦୪୫	କପିଳ ପଣ୍ଡା, ସୋମନାଥ ପଣ୍ଡା ପି: ଭଗବାନ ପଣ୍ଡା, ଶ୍ୟାମସୁନ୍ଦର ପଣ୍ଡା, ଦିନାଙ୍କର ପଣ୍ଡା, ଜଳନ୍ଧର ପଣ୍ଡା ପି: ଲକ୍ଷ୍ମଣ ପଣ୍ଡା ଜା: ବ୍ରାହ୍ମଣ ବା: ନିଜର୍ଗାଁ	
	୧୧୩		୦.୧୦୦	୦.୦୯୦		
	୧୧୫		୦.୨୦୫	୦.୧୯୦		
	୧୩୭	ଦିଲ ଅଣଜଳସେଚିତ ଦୁଇ	୦.୨୪୦	୦.୦୭୦		
୧୮	୧୪୩	ଦିଲ ଅଣଜଳସେଚିତ ଦୁଇ	୦.୩୪୫	୦.୧୩୦	ଶ୍ରୀ ଡମେଈରଜନୀ ଠାକୁରାଣୀ ବିଜେ: ବାଙ୍କରଡ଼ା ସେବାୟତ: ବା:, ଖଲି ଜାନି ପି: ଶୁକୁ ଜାନି, ଦୁରୀ ଜାନି ପି: ସନ୍ୟାସି ଜାନି ଜା: ଗୌଡ଼ ବା: ବାଙ୍କରଡ଼ା	
୨୧	୧୪	ଦିଲ ଅଣଜଳସେଚିତ ଦୁଇ	୦.୯୬୫	୦.୧୧୦	ଗୋବିନ୍ଦ ପଧାନ ପି:ଲାଲୁ ପଧାନ ଜା: କୁରୁମ ବା: ନିଜର୍ଗାଁ	
୩୧	୨୦	ଦିଲ ଅଣଜଳସେଚିତ ଦୁଇ	୦.୫୬୫	୦.୨୧୦	ତ୍ରିନାଥ ପଧାନ ପି:ଲାଲୁ ପଧାନ ଜା: କୁରୁମ ବା: ନିଜର୍ଗାଁ	
	୨୨		୦.୩୧୦	୦.୧୨୫		
୪୨	୧୬୨	ଦିଲ ଜଳସେଚିତ ଏକ ଫସଲି	୦.୦୬୦	୦.୦୧୦	ଧନୁ ଭାଇତ, କନକ ଭାଇତ, ଜାଇଲି ଭାଇତ, ଶଶି ଭାଇତ ପି: ଶୁକୁଟା ଭାଇତ, ଝୁମା ଭାଇତ ସ୍ୱା: ଶୁକୁଟା ଭାଇତ, ପାଣ୍ଡୁ ଭାଇତ, ଅଜି ଭାଇତ ପି: ଭଲା ଭାଇତ, ଗୋଲୁଣି ଭାଇତ ସ୍ୱା: ଭଲା ଭାଇତ, ନାରଣ ଭାଇତ, ସାଇବାଣୀ ଭାଇତ, ତରି ଭାଇତ, ସୀତା ଭାଇତ, ରାହାସ ଭାଇତ ପି: ଭାଲୁ ଭାଇତ, ଡମାନ ଭାଇତ ସ୍ୱା: ତାରେଣୀ ଭାଇତ ଜା: କୁରୁମ ବା: ମଣିଦେବ ପେଣ୍ଠ	
	୧୬୩		୦.୦୭୦	୦.୦୧୦		
	୧୬୬		୦.୧୬୫	୦.୦୪୦		
	୧୬୮		୦.୧୬୦	୦.୦୧୫		
୪୯	୧୪୪	ଦିଲ ଜଳସେଚିତ ଦୋଫସଲି	୦.୨୧୫	୦.୧୫୦	ବାଉରୀ ଭାଇତ, ଡେଲି ଭାଇତ, ସଜନି ଭାଇତ, ହେମ ଭାଇତ ପି: କପିଳ ଭାଇତ, କୁଣିଆ ଭାଇତ, ରୂପା ଭାଇତ, ଚମ୍ପା ଭାଇତ ପି: ଅର୍ଜୁନ ଭାଇତ, ବଳିଆ ଭାଇତ, ବିଷ୍ଣୁ ଭାଇତ, କୁନ୍ତି ଭାଇତ, ମନାସି ଭାଇତ ପି: ରଘୁ ଭାଇତ ଜା: କୁରୁମ ବା: ମଣିଦେବ ପେଣ୍ଠ	
	୧୮୦	ଦିଲ ଜଳସେଚିତ ଏକ ଫସଲି	୦.୧୬୦	୦.୦୩୦		
୫୮	୧୪୧	ଦିଲ ଅଣଜଳସେଚିତ ଦୁଇ	୦.୩୧୫	୦.୦୫୦	ଶ୍ରୀ ଡମେଈରଜନୀ ଠାକୁରାଣୀ ବିଜେ: ବାଙ୍କରଡ଼ା ସେବାୟତ: ବା:, ଭରତ ଗୌଡ଼ ପି: ଲକ୍ଷ ଗୌଡ଼ ଜା: ଗୌଡ଼ ବା: ବାଙ୍କରଡ଼ା	
	୧୪୨		୦.୨୫୦	୦.୧୪୫		
୫୯	୧୪୭	ଦିଲ ଅଣଜଳସେଚିତ ଏକ	୦.୨୫୫	୦.୦୩୫	ଭାସ୍କର ଜାନି ପି:ଫକିର ଜାନି ଜା: ଗୌଡ଼ ବା: ବାଙ୍କରଡ଼ା	
	୧୫୦		୦.୧୮୦	୦.୦୭୦		
୬୩	୩୬୨	ପତିତ	୦.୦୯୦	୦.୦୮୦	ଭୀମ ବେହେରା, ଗୋବିନ୍ଦ ବେହେରା ପି: ଗାଣ୍ଡୁ ବେହେରା ଜା: କୁରୁମ ବା: ନିଜର୍ଗାଁ	
	୧୦୦୦	ଦିଲ ଜଳସେଚିତ ଏକ ଫସଲି	୦.୩୭୦	୦.୦୭୫		
	୩୬୦		୦.୮୩୦	୦.୮୩୦		
	୩୬୩		୦.୫୭୦	୦.୫୭୦		
	୩୬୭		୦.୨୭୫	୦.୨୨୦		
	୯୯୦		୦.୦୭୦	୦.୦୪୦		
	୯୯୨		୦.୦୮୫	୦.୦୧୫		
୬୫	୯୩୫	ଦିଲ ଜଳସେଚିତ ଏକ ଫସଲି	୦.୧୭୦	୦.୦୧୦	ଭୀମ ଗୌଡ଼, କାଞ୍ଚି ଗୌଡ଼ ପି: କଡ଼ାରୁ ଗୌଡ଼, ଦୁଃଖଶ୍ୟାମ ଗୌଡ଼, ଭାସ୍କର ଗୌଡ଼, କୃଷ୍ଣ ଗୌଡ଼, ହାଡୁ ଗୌଡ଼, ଜଗଲୁ ଗୌଡ଼ ପି: ତବଟିଆ ଗୌଡ଼, ଦୁରୀ ଗୌଡ଼ ସ୍ୱା: ତବଟିଆ ଗୌଡ଼ ଜା: ଗୌଡ଼ ବା: ନିଜର୍ଗାଁ	
	୯୪୭		୦.୧୧୦	୦.୦୧୦		
	୯୪୮		୦.୧୦୫	୦.୦୧୫		
	୯୪୯		୦.୨୩୦	୦.୧୭୦		
	୯୮୧		୦.୦୭୦	୦.୦୭୦		
	୯୮୨		୦.୦୭୦	୦.୦୬୦		
	୯୮୩		୦.୦୭୦	୦.୦୧୦		
	୯୮୭		୦.୧୨୦	୦.୦୬୦		
୬୬	୨୪୧	ଦିଲ ଅଣଜଳସେଚିତ ଦୁଇ	୦.୦୬୫	୦.୦୧୦	କୃଷ୍ଣ ନାଇକ, ବାସୁ ନାଇକ, କେଟି ନାଇକ, ହେମ ନାଇକ ପି: ଢଣିଆ ନାଇକ, ଶତ୍ରୁଘ୍ନ ନାଇକ, ଲକ୍ଷ୍ମୋଦର ନାଇକ, ବିଷ୍ଣୁ ନାଇକ ପି: ଚୁଣିଆ ନାଇକ ଜା: ଦଣ୍ଡାସି ବା: ନିଜର୍ଗାଁ	
	୨୪୯	ପଦର	୦.୦୯୦	୦.୦୧୦		
୬୮	୧୩	ଦିଲ ଅଣଜଳସେଚିତ ଦୁଇ	୦.୬୩୫	୦.୧୭୦	ମାଧବ ଚନ୍ଦ୍ର ପ୍ରଧାନ ପି:ଲାଲୁ ପ୍ରଧାନ ଜା: କୁରୁମ ବା: ନିଜର୍ଗାଁ	
	୯୮୮	ଦିଲ ଜଳସେଚିତ ଏକ ଫସଲି	୦.୫୦୦	୦.୧୪୦		
୭୦	୧୪୯	ଦିଲ ଅଣଜଳସେଚିତ ଦୁଇ	୦.୩୧୫	୦.୦୬୦	ରଘୁନାଥ ଗଉଡ଼, ପାଟ ଗଉଡ଼ ପି: ଦଣ୍ଡାସି ଗଉଡ଼, ସାରି ଗଉଡ଼ ସ୍ୱା: ଦଣ୍ଡାସି ଗଉଡ଼ ଜା: ଗଉଡ଼ ବା: ମଣିଦେବ ପେଣ୍ଠ	
୭୨	୩୫୭	ଦିଲ ଜଳସେଚିତ ଏକ ଫସଲି	୦.୧୨୫	୦.୦୪୦	ରଘୁ ପ୍ରଧାନ, କୃଷ୍ଣ ପ୍ରଧାନ ପି: ଗୋପି ପ୍ରଧାନ ଜା: କୁରୁମ ବା: ମଣିଦେବ ପେଣ୍ଠ	
	୩୫୯		୦.୧୮୦	୦.୧୭୦		
	୯୪୨		୦.୧୯୫	୦.୦୭୦		
	୯୪୩		୦.୨୦୫	୦.୧୦୦		
୭୫	୧୫୧	ଦିଲ ଅଣଜଳସେଚିତ ଦୁଇ	୦.୦୮୦	୦.୦୫୦	ରମା ପାଣିଗ୍ରାହି ସ୍ୱା:ତ୍ରିନାଥ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ଜାମ୍ବୁଗିରି	
	୧୫୨		୦.୧୨୫	୦.୦୪୦		
୮୧	୨୪	ଦିଲ ଅଣଜଳସେଚିତ ଦୁଇ	୦.୨୫୦	୦.୦୫୦	ଶ୍ରୀ ଲଙ୍କେଶ୍ୱର ମହାଦେବ ବିଜେ ନିଜର୍ଗାଁ ସେବାୟତ: ବା:, ଲକ୍ଷ୍ମୀ ଚରଣ ପାଣିଗ୍ରାହି, ପଦ୍ମ ଚରଣ ପାଣିଗ୍ରାହି ପି: ଜଗନ୍ନାଥ ପାଣିଗ୍ରାହି ଜା: ବ୍ରାହ୍ମଣ ବା: ନିଜର୍ଗାଁ	
	୨୯	ପଦର	୦.୧୯୦	୦.୦୪୦		
	୪୧		୦.୨୭୦	୦.୦୫୦		
	୪୨		୦.୨୩୫	୦.୦୫୦		
	୪୪		୦.୧୯୫	୦.୦୫୦		
	୪୫		୦.୧୯୦	୦.୦୭୦		
୮୪	୧୫୪	ଦିଲ ଅଣଜଳସେଚିତ ଦୁଇ	୦.୧୦୦	୦.୦୧୦	ଶ୍ରୀ ଡମେଈରଜନୀ ଠାକୁରାଣୀ ବିଜେ ବାଙ୍କରଡ଼ା ସେବାୟତ: ବା:, ସନ୍ୟାସି ଜାନି, ଶୁକୁର ଜାନି ପି: ଦୁଲା ଜାନି ଜା: ଗଉଡ଼ ବା: ବାଙ୍କରଡ଼ା	
	୧୫୫		୦.୦୬୫	୦.୦୨୦		
୯୦	୯୯୪	ଦିଲ ଅଣଜଳସେଚିତ ଦୁଇ	୦.୦୫୦	୦.୦୫୦	ଶ୍ୟାମ ଗୌଡ଼, ଦୁଃଖୀ ଗୌଡ଼ ପି: ଦମ୍ଭ ଗୌଡ଼ ଜା: ଗୌଡ଼ ବା: ମଣିଦେବ ପେଣ୍ଠ	
୧୦୩/୧	୯୫୦	ଦିଲ ଜଳସେଚିତ ଦୋଫସଲି	୦.୧୩୫	୦.୦୩୫	ହାଡୁ ଗଉଡ଼ ପି:ତବଟିଆ ଗଉଡ଼ ଜା: ଗଉଡ଼ ବା: ନିଜର୍ଗାଁ	
	୯୯୩		୦.୦୬୫	୦.୦୫୫		
୧୦୩/୬	୯୫୧	ଦିଲ ଜଳସେଚିତ ଏକ ଫସଲି	୦.୩୫୦	୦.୦୧୫	ସୁନ୍ଦରୀ ବେହେରା ସ୍ୱା:ଭାସ୍କର ବେହେରା ଜା: କୁରୁମ ବା: ଦ୍ୱିତୀୟ ଖଣ୍ଡଦେଉଳି	
୧୦୩/୮	୧୧୨	ଦିଲ ଅଣ ଜଳସେଚିତ ଡିହ	୦.୧୦୦	୦.୦୯୦	ଦୁଃଖଶ୍ୟାମ ଗୌଡ ପି:ତବଟିଆ ଗୌଡ ଜା: ଗୌଡ ବା: ନିଜର୍ଗାଁ	
	୧୧୪		୦.୧୮୦	୦.୦୩୦		
	୧୧୬		୦.୦୬୫	୦.୦୨୫		
	୧୧୭		୦.୦୮୫	୦.୦୮୫		
	୧୧୯		୦.୧୦୦	୦.୦୧୦		
	୧୩୨	ଦିଲ ଅଣଜଳସେଚିତ ଦୁଇ	୦.୧୫୫	୦.୦୭୦		
	୧୩୩		୦.୨୮୦	୦.୧୪୦		
୧୦୩/୧୩	୧୪୮	ଦିଲ ଅଣଜଳସେଚିତ ଦୁଇ	୦.୨୫୦	୦.୧୩୦	ପଦ୍ମା ଗୌଡ଼ ସ୍ୱା:ରଘୁନାଥ ଗୌଡ଼ ଜା: ଗୌଡ଼ ବା: ମଣିଦେବପେଣ୍ଠ	
୧୦୩/୧୫	୩୫୬	ଦିଲ ଜଳସେଚିତ ଦୋଫସଲି	୦.୨୫୫	୦.୦୬୦	ମାଧବ ପ୍ରଧାନ ପି:ଗୋବିନ୍ଦ ପ୍ରଧାନ ଜା: କୁରୁମ ବା: ଡୁଙ୍ଗୁରା	
୧୦୩/୧୬	୯୮୯	ଦିଲ ଜଳସେଚିତ ଏକ ଫସଲି	୦.୨୫୫	୦.୦୩୫	ରମେଶ ବେହେରା ପି:ଜାଲୁ ବେହେରା ଜା: କୁରୁମ ବା: ନିଜର୍ଗାଁ	
୧୦୩/୨୨	୯୬୯	ଦିଲ ଜଳସେଚିତ ଏକ ଫସଲି	୦.୧୬୦	୦.୧୩୦	ସନ୍ତୋଷ କୁମାର ପାଣିଗ୍ରାହୀ ପି:ତାରିଣି ପାଣିଗ୍ରାହୀ ଜା: ବ୍ରାହ୍ମଣ ବା: ଜାମ୍ବୁଗିରି	

ମୋଟ ୬.୫୫୫ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0051

AFFIDAVIT

By virtue of an affidavit no.1551 before the Executive Magistrate, Kodinga, dtd.02.06.2026, I, Chakrasingh Pujari, Vill/P.O.-Ekori, P.S. Kodinga, Dist-Nabarangpur hereby declare that my name has been wrongly recorded as "CHAKRASIN PUJARI" in my SBI Passbook. That both names "CHAKRASIN PUJARI" and "CHAKRASINGH PUJARI" refer to one and the same person, i.e., myself. Henceforth, I shall be known as **CHAKRASINGH PUJARI** for all purposes.

AFFIDAVIT

By virtue of an affidavit I, Ranjan Kumar Naik, S/o Late Munibar Naik, At- Naktiguda, Bhawanipatna, P.O./P.S. Bhawanipatna Town, Dist.-Kalahandi declare that the name of my daughter has been wrongly recorded as "SUNANA NAIK" in her Aadhaar Card. Her correct name is "SALONI NAIK", That SALONI NAIK and SUNANA NAIK is one and the same person.

Sd/- RANJAN KUMAR NAIK

AFFIDAVIT

By virtue of an affidavit, beforenotary public Umerkote, vide No. 1193, dtd. 11.05.2026, I, Sanmati Santa (formerly Sanmati Paraja), residing in Vill-Dhepguda, P.O Beheda, P.S Umerkote, Pin -764073, Dt. Nabarangpur declare that I renounce my former name and adopt the name Sanmati Santa. From this date onward, I will be known by this name in all records, documents, and transactions. I request all to address me and my family by this name henceforth.

AFFIDAVIT

I GEETA DEVI, W/o Late Satyanarayan Agarwal, Resident of Qtr no: EM-61 Basanti Colony, Rourkela, Dist-Sundargarh, State- Odisha, Pin-769012 declare by this affidavit No- A/52,dated 02.06.2026 sworn before Executive Magistrate, Rourkela, that now onwards I shall be known as **GEETA DEVI AGARWAL** for all future purposes.

AFFIDAVIT

By virtue of an affidavit (Sl No A/62, dtd- 12/05/2026) sworn before the Executive Magistrate, Panposh at Uditnagar, Rourkela. I, **Roshni Biswakarma,** D/o Rakesh Biswakarma, resident of Sibashankar Nagar, Rourkela-1, Ps: Plantsite, Odisha, PIN- 769001 declare that I have changed my name from **Roshani Kumari** to **Roshni Biswakarma.** Henceforth, I shall be known as **Roshni Biswakarma** for all purpose.

Roshni Biswakarma

AFFIDAVIT

By virtue of an affidavit (No. 08, dtd- 12/01/2026) sworn before The Executive Magistrate, Khariar. I, **Pitambar Dhinda** (applicant name), S/o Chitra Dhinda, permanent resident of At- Khariar Ward No.2, PO: Khariar, PS: Khariar, Dist: Nuapada, PIN-766107, State: Odisha declare that I have changed my minor son's name from **Khageswar Dhinda** (old name) to **Khagesh Dhinda.** Henceforth, he shall be known as **Khagesh Dhinda** (new name) for all purposes.

Pitambar Dhinda

AFFIDAVIT

By virtue of an affidavit sworn before The Notary Public, Titilagarh, on dated-02/06/2026. I, **Swarupa Rana** (new name), D/o Pandaba Rana, permanent & current resident of AT: Siluan, PO: Marlad, PS: Titilagarh, Dist: Balangir, State: Odisha, PIN: 767066 declare that I have changed my name from **Jyotimayi Rana** (old name) to **Swarupa Rana** (new name). Henceforth, I shall be known as **Swarupa Rana** (new name) for all future purposes.

Swarupa Rana

AFFIDAVIT

By virtue of an affidavit sworn before Executive Magistrate, Bhubaneswar, CF No. 58, dated: 29.05.2026. I, **Anarasi Sunita Subudhi,** W/o- Anarasi Rajarao Subudhi, resident of At-Jogendra Bhagawati Mansion-G2, Tarini Vihar, Raghunathpur, Po- IRC Village, Ps- Nayapalli, Bhubaneswar, Dist- Khordha, Pin-751015, Odisha, declare that I have changed my name from **A. Sunita Subudhi** (old name) to **Anarasi Sunita Subudhi** (new name). Henceforth, I shall be known as **Anarasi Sunita Subudhi** for all purposes.

Anarasi Sunita Subudhi

ଧଳାଡ଼ିହି ସାହି ସମସ୍ୟାର ହେଉନି ସମାଧାନ

ପୁନରୁଦ୍ଧାର ଅପେକ୍ଷାରେ ବହୁ ପୁରାତନ ପୋଖରୀ

■ ବିଡିଓଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ

ରାଇରଙ୍ଗପୁର, ୨।୬(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଭାଲୁବସା ପଞ୍ଚାୟତ ନାଗଭଣ ଗ୍ରାମର ଧଳାଡ଼ିହି ସାହିରେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟା ଲାଗି ରହିଛି। ସାହିରେ ଡ୍ରେନ୍ ସମସ୍ୟା ସହ ପୁରାତନ ପୋଖରୀ ଅବହେଳିତ ଅବସ୍ଥାରେ ରହିଛି। ଡ୍ରେନ୍ ନିର୍ମାଣ ଓ ପୋଖରୀ ପୁନରୁଦ୍ଧାର ହୋଇନି। ଯାହାର ସମାଧାନ ନେଇ ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମର ଡ୍ରେନେଜ ସମସ୍ୟା ଲାଗି ରହିଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାହିରେ ୮୦ରୁ ଅଧିକ ପରିବାର ବାସ କରୁଥିବାବେଳେ ପ୍ରାୟ ୫୦୦ରୁ ଅଧିକ ଲୋକ ଦୂଷିତ ପରିବେଶରେ ଘାଣ୍ଟି ହେଉଛନ୍ତି। ବର୍ଷାଦିନେ ଅବସ୍ଥା ଆହୁରି ସଙ୍ଗୀନ ହୋଇପଡୁଥିବାବେଳେ ରାସ୍ତା ଉପରେ ନାଳ ପାଣି ଜମି ରହୁଥିବାରୁ ଯାତାୟାତରେ ବାଧା ହେଉଛି। ଡ୍ରେନ୍‌ଗୁଡିକ ଅନାବନା ଗଛରେ ପୋତି ହୋଇଯାଇଛି। ଫଳରେ ଡ୍ରେନ ନ ଥିବାରୁ ଘରର ବର୍ଜ୍ୟଜଳ ରାସ୍ତା ଉପରେ ବୋହି ମାଟିରେ ମିଶି ପରିବେଶ ଦୂଷିତ ହେବା ସହ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ମଶା ମାଛିର ପ୍ରକୋପ ବଢୁଥିବାରୁ ଲୋକଙ୍କ ମଧ୍ୟରେ ରୋଗ ଭୟ ଦେଖାଦେଇଛି। ସେହିପରି ସାହିର ଶିବମନ୍ଦିର ନିକଟରେ ଥିବା ଏକମାତ୍ର ସରକାରୀ ପୋଖରୀ ନୂଆବନ୍ଧ ଦୁରବସ୍ଥା ମଧ୍ୟ ଗ୍ରାମବାସୀଙ୍କ ଚିନ୍ତାର କାରଣ ପାଲଟିଛି। ଗ୍ରାମର ଅଧିକାଂଶ ଲୋକେ ପୋଖରୀ ଉପରେ ନିର୍ଭରଶୀଳ ଥିବାବେଳେ ପୋଖରୀ ତୁଠରେ ଗାଧୁଆ ଘର ନ ଥିବା ଓ ଦୀର୍ଘଦିନ ଧରି ପଙ୍କ ଉଦ୍ଧାର ହୋଇ ନ ଥିବାରୁ ପୋଖରୀରେ ପାଣି ରହୁ ନ ଥିବା ଅଭିଯୋଗ ହେଉଛି। ଗ୍ରୀଷ୍ମଦିନରେ ପୋଖରୀ ଶୁଖିଯାଉଥିବାରୁ ଗ୍ରାମବାସୀ ଗାଧୋଇବା, ଗୋରୁଗାଈଙ୍କ ପାଇଁ ପାଣି ଯୋଗାଣ ଓ ନିତ୍ୟକର୍ମ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଛଡ଼ା ବିଭିନ୍ନ ପାରମ୍ପରିକ କାର୍ଯ୍ୟ ବିବାହ, ଶୁଦ୍ଧିକ୍ରିୟା ଓ ଅନ୍ୟାନ୍ୟ ଧାର୍ମିକ କାମରେ ଏହି ପୋଖରୀ ପାଣି ବ୍ୟବହୃତ ହୋଇଥାଏ। କିନ୍ତୁ ପୋଖରୀରେ ପାଣି ନ ଥିବାରୁ ଗ୍ରାମବାସୀ ବିଭିନ୍ନ ସମୟରେ ଅସୁବିଧାରେ ପଡୁଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପୂର୍ବରୁ ଉକ୍ତ ପୋଖରୀ ଗ୍ରାମର ଜୀବନରେଖା ଥିଲା। କିନ୍ତୁ ଏବେ ଅବହେଳା କାରଣରୁ ଏହାର ଅସ୍ତିତ୍ୱ ହରାଇଛି। ପ୍ରତିକାର ପାଇଁ ଗ୍ରାମବାସୀ ରାଇରଙ୍ଗପୁର ବିଡିଓଙ୍କ ନିକଟରେ ଲିଖିତ ଦାବି କରିଛନ୍ତି। ଦାବିପତ୍ରରେ ତୁରନ୍ତ ଡ୍ରେନ୍ ନିର୍ମାଣ କରାଯିବା ସହିତ ନୂଆବନ୍ଧ ପୋଖରୀର ପଙ୍କ ଉଦ୍ଧାର, ଗାଧୁଆ ଘର ନିର୍ମାଣ ଓ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଶୀଘ୍ର କରାଯିବାକୁ ଦାବି କରାଯାଇଛି। ପ୍ରଶାସନ ଶୀଘ୍ର ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କୁଳିଅଣା, ୨।୬(ସମିସ): କୁଳିଅଣା ଥାନା ଅନ୍ତର୍ଗତ ବାଲଡିହା ପଞ୍ଚାୟତର ଜଡ଼ାପାଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇଛି। ଜଡ଼ାପାଳ ଗ୍ରାମର ସଞ୍ଜୟ ସିଂ (୨୯) ସୋମବାର ଅପରାହ୍ନରେ ବାଲଡିହା ବନ୍ଧ ନିକଟ ପଳପଳା ପୋଲକୁ ମାଛ ଧରିବାକୁ ଯାଇଥିଲେ। ଘରକୁ ଫେରିବାକୁ ବିଳମ୍ବ ହେବାରୁ ଘର ଲୋକେ ଖୋଜା ଖୋଜି କରି ପାଇ ନ ଥିଲେ। ଆଜି ସକାଳେ ପୋଲ ତଳ ପାଣିରେ ଭାସୁଥିବା ଦେଖି ଗାଁ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଘର ଲୋକ ମଧ୍ୟ ସେଠାରେ ପହଞ୍ଚିଥିଲେ। ପରେ କୁଳିଅଣା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମକୁ ପଠାଇଥିବାବେଳେ ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ। ଏ ନେଇ କୁଳିଅଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

କରଞ୍ଜିଆ ବନଖଣ୍ଡ ଅଧିକାରୀ ଭାବେ ଅଜୟ ସାହୁଙ୍କ ଯୋଗଦାନ

କରଞ୍ଜିଆ, ୨।୬(ସମିସ): କରଞ୍ଜିଆ ବନଖଣ୍ଡର ନୂତନ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଭାବେ ଅଜୟ କୁମାର ସାହୁ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ରେଢ଼ାଖୋଲସ୍ଥ ଓଡ଼ିଶା ବନ ଉନ୍ନୟନ ନିଗମ (ଓଡିଏଫ୍‌ସି)ର ବିଭାଜନ ସ୍ତରୀୟ ପ୍ରବନ୍ଧକ ଭାବେ ସଫଳତାର ସହ କାର୍ଯ୍ୟ ନିର୍ବାହ କରୁଥିଲେ। ଗତ ମାର୍ଚ୍ଚ ୩୦ ତାରିଖରେ ତତ୍କାଳୀନ ବନଖଣ୍ଡ ଅଧିକାରୀ ବୈଦନାଥ ମାଝୀ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର ଅତିରିକ୍ତ ଦାୟିତ୍ୱରେ କରଞ୍ଜିଆ ବନଖଣ୍ଡର କାର୍ଯ୍ୟଭାର ସମ୍ଭାଳି ଆସୁଥିଲେ। ନୂତନ ବନଖଣ୍ଡ ଅଧିକାରୀ ଭାବେ ଶ୍ରୀ ସାହୁଙ୍କ ଯୋଗଦାନ ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଶ୍ରୀ ସାହୁଙ୍କ ଆଗମନରେ କରଞ୍ଜିଆ ବନଖଣ୍ଡର ବନ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ ଓ ବନ ଉନ୍ନୟନ କାର୍ଯ୍ୟକ୍ରମ ଅଧିକ ଗତିଶୀଳ ହେବ ବୋଲି ଆଶା ପ୍ରକାଶ ପାଇଛି।

ବାମନଘାଟି ଉପଖଣ୍ଡ ସ୍ତରୀୟ ପ୍ରସ୍ତୁତି ବୈଠକ

୧୭ରୁ ଭଞ୍ଜସେନାର ଜିଲ୍ଲା ତମାମ ମଶାଲ ରାଲି

ରାଇରଙ୍ଗପୁର, ୨।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ହକ୍ ପାଇଁ ଭଞ୍ଜସେନା ପକ୍ଷରୁ ଚଳିତ ମାସ ୧୭ରୁ ଜିଲ୍ଲା ତମାମ ମଶାଲ ରାଲି ଆୟୋଜନ ହେବ। ଏହାକୁ ନେଇ ବାମନଘାଟି ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ ରାଇରଙ୍ଗପୁରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବିଶ୍ୱବିଖ୍ୟାତ ଶିମିଳିପାଳ ଅଭୟାରଣ୍ୟ ତାହାର ପରିଚୟ ହରାଇବାକୁ ବସିଛି। ପଶୁପକ୍ଷୀ, ବୃକ୍ଷରାଜି ସହ ପାହାଡ଼ ପର୍ବତ ସୁରକ୍ଷା ପାଇଁ ଆସୁଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ଅନୁଦାନ ବାଟମାରଣା ହେଉଛି। ବନ ବିଭାଗ ବିଭିନ୍ନ ପ୍ରକାର ପ୍ରକୃତି ବିରୋଧୀ କାର୍ଯ୍ୟ ଯୋଗୁଁ ଶିମିଳିପାଳ ଅଭୟାରଣ୍ୟ ଅସୁରକ୍ଷିତ ହୋଇଛି। ବେକାରୀ ସମସ୍ୟା ଜିଲ୍ଲାର ପ୍ରମୁଖ ସମସ୍ୟା ସାଜିଛି। ରୋଜଗାରକ୍ଷମ ହେବାକୁ ଦାଦନ ଶ୍ରମିକ ଭାବେ ବାହାର ଜିଲ୍ଲା ଓ ରାଜ୍ୟକୁ ଯାଇ କାର୍ଯ୍ୟ କରୁଛନ୍ତି। ଜିଲ୍ଲାରେ ଶିମିଳିପାଳ ସମେତ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ, ଐତିହ୍ୟ ସ୍ଥଳୀ ଥିବା ସତ୍ତ୍ୱେ ପର୍ଯ୍ୟଟନ ଶିଳ୍ପର ବିକାଶ ହେଉନାହିଁ। ବନ୍ୟଜାତ ଦ୍ରବ୍ୟର ଉଚିତ୍ ବ୍ୟବସାୟୀକରଣ ସହ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପକୁ ନେଇ କୁଟୀର ଶିଳ୍ପ ମାଧ୍ୟମରେ ବେରୋଜଗାର ଯୁବକ ଯୁବତୀଙ୍କୁ ସ୍ୱାବଲମ୍ବୀ କରାଇଲେ ଦାଦନ ସମସ୍ୟା ବହୁ ମାତ୍ରାରେ ଦୂର ହେବ। କିନ୍ତୁ ଜନପ୍ରତିନିଧିଙ୍କ ଇଚ୍ଛା ଶକ୍ତି ଅଭାବ ଓ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ଜିଲ୍ଲାରେ ବେରୋଜଗାର ସଂଖ୍ୟା ଉତ୍କଟ ରୂପ ଧାରଣ କଲାଣି। ଏ ସମ୍ପର୍କରେ ଭଞ୍ଜସେନା ପକ୍ଷରୁ ବହୁବାର ବିଭିନ୍ନ ଉପାୟରେ ସଂଗ୍ରାମ ହେବା ପରେ ମଧ୍ୟ ବିଧାନସଭା କିମ୍ବା ସଂସଦରେ ସଠିକ ଉପସ୍ଥାପନ ଅଭାବରୁ ଜିଲ୍ଲା ଆଜି ପଛୁଆ ହୋଇ ରହିଛି। ଏଣୁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ଉପଯୋଗ ଦାବିରେ ଆନ୍ଦୋଳନ ତୀବ୍ରତର କରାଯାଉଛି। ଜିଲ୍ଲାବାସୀଙ୍କୁ ଆତ୍ମନିର୍ଭରଶୀଳ କରି ଦାଦନ ସମସ୍ୟା ଦୂର କରିବା ଲକ୍ଷ୍ୟ ନେଇ ଲୋକଙ୍କୁ ସଚେତନ କରିବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି ନିମନ୍ତେ ଜୁନ ୧୭ ତାରିଖ ମହାନ୍ ଯୋଦ୍ଧା ମହାରାଣା ପ୍ରତାପଙ୍କ ଜନ୍ମ ଜୟନ୍ତୀରୁ ଆରମ୍ଭ ହୋଇ ଜୁଲାଇ ୧୭ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ମଶାଲ ରାଲି ଆୟୋଜନ କରାଯିବ। ଏ ନେଇ ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁଙ୍କ ଆହ୍ୱାନକ୍ରମେ ଆୟୋଜିତ ବୈଠକରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ସମେତ ଜିଲ୍ଲା କାର୍ଯ୍ୟକାରୀ ଅଧକ୍ଷ ଅଞ୍ଜନ ବରାଳ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଇଂ ରମଜାନ ବାଗ, ବିଘ୍ନେଶ୍ୱର ବାସ୍କେ, ରାମଚନ୍ଦ୍ର ହେମ୍ବ୍ରମ, ମାନସ ମୁର୍ମୁ, ଗୋବିନ୍ଦ ସୋରେନ, ରବି ପାତ୍ର, ବିଶ୍ୱନାଥ ମାରାଣ୍ଡି, ସିଦ୍ଧେଶ୍ୱର ମୁର୍ମୁ ପ୍ରମୁଖ ଯୋଗଦେଇ ମଶାଲ ରାଲିକୁ ସଫଳ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ।

ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ଜୟନ୍ତୀ

ସାରସକଣା, ୨।୬(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ସାରସକଣା ବ୍ଲକ କମିଟି ମୁଖ୍ୟ ଅନନ୍ତ ଚରଣ ମାରାଣ୍ଡି ଓ ବାହାଦୁର ସୋରେନଙ୍କ ନେତୃତ୍ୱରେ ମୁରୁଣିଆ ପଞ୍ଚାୟତର ବାଲେଡିହି ଗ୍ରାମରେ ସେଙ୍ଗେଲର କାର୍ଯ୍ୟକର୍ତ୍ତା ସେଙ୍ଗେଲର ରାଷ୍ଟ୍ରୀୟ ସଭାପତି ସାନ୍ତାଳୀ ଭାଷା ବିଜେତା ତଥା ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କର ୭୪ତମ ଜୟନ୍ତୀ ପାଳନ କରାଯାଇଛି। ଏ ଅବସରରେ ସେଙ୍ଗେଲର ଓଡ଼ିଶା ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁ ଯୋଗଦେଇ ଆଦିବାସୀ ସମାଜରେ ସାଲଖାନ ମୁର୍ମୁ ଏକ ମହାନ ସାହସୀ ଉଚ୍ଚଶିକ୍ଷିତ ମହାପୁରୁଷ ଓ ବୀରପୁରୁଷ ଅଟନ୍ତି। ସମ୍ପୂର୍ଣ୍ଣ ସମ୍ବିଧାନର ଜ୍ଞାତା ଅଟନ୍ତି। ସେ ଆଦିବାସୀଙ୍କ ଉନ୍ନତି ଓ ବିକାଶ ପାଇଁ ସାରା ଜୀବନ ସଂଘର୍ଷ ଓ ସଂଗ୍ରାମ କରିଛନ୍ତି। ନିଜ ଜୀବନକୁ ବଳିଦାନ ଦେଇ ଆଦିବାସୀ ଏଜେଣ୍ଡା ଓ ସମାଜ ପାଇଁ ଏବେବି ସମର୍ପିତ କାର୍ଯ୍ୟରତ ଅଛନ୍ତି। ଆଦିବାସୀ ସମାଜକୁ ସ୍ଥାପିତ କରିବା, ୧୯୮୦ରୁ ଆଦିବାସୀଙ୍କ ହାସା (ଜଳ, ଜଙ୍ଗଲ, ଜମି), ଭାଷା (ସାନ୍ତାଳୀ, ହୋ, ମୁଣ୍ଡାରୀ, କୁଡୁଖ, ଖଡ଼ିଆ), ଜାତି, ଧର୍ମ, ମାନ ସମ୍ମାନ, ଇଜ୍ଜତ, ରୋଜଗାର, ଚାଷ ଆଦିକୁ ବଞ୍ଚାଇବା ସହିତ ସମୃଦ୍ଧ କରିବା ପାଇଁ କାର୍ଯ୍ୟରତ ଥିଲେ। ସାନ୍ତାଳୀ ଭାଷାର ମାନ୍ୟତା, ସିଦୋ ମୁର୍ମୁ, କାହ୍ନୁ ମୁର୍ମୁଙ୍କ ନାମରେ ଡାକ ଟିକଟ, ରୁପସାରୁ ବାଙ୍ଗିରିପୋଷି ରେଳପଥକୁ ପ୍ରଶସ୍ତ କରିବା, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ଥାପନା କରିବା ସହ ପେସା ଆଇନକୁ ଦୁଇଥର ବଞ୍ଚାଇବା ଆଦିରେ ସଫଳ ହୋଇଛନ୍ତି। ତତସହିତ ଆଦିବାସୀ ସମାଜକୁ ସୁସ୍ଥ ସମାଜ ଗଠନ କରିବା ପାଇଁ ସମାଜର ପରମ୍ପରା ନାମରେ ହାଣ୍ଡିଆ ଭଳି ନିଶାଦ୍ରବ୍ୟକୁ ହଟାଇବା, ଡାହାଣୀ ନାମରେ ହତ୍ୟା, ଅନ୍ଧବିଶ୍ୱାସ, କୁପ୍ରଥା, ମନଇଚ୍ଛା ଜରିମାନା, ସାମାଜିକ ବହିଷ୍କାର, ଈର୍ଷା-ଦ୍ୱେଷ, ମାଝୀ ପାର୍ଗାନା ବ୍ୟବସ୍ଥାରେ ଜନତାନ୍ତ୍ରିକ ସୁଧାର ଆଦି ରାଜାରାମ ମୋହନ ରାୟ ଭଳି କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଉକ୍ତ ଜୟନ୍ତୀ ପାଳନ ଅବସରରେ ସେଙ୍ଗେଲର ସମସ୍ତ କାର୍ଯ୍ୟକର୍ତ୍ତା ତାଙ୍କ ନେତୃତ୍ୱରେ ସାର୍ନା ଧର୍ମ କୋଡ, ସାନ୍ତାଳୀ ରାଜଭାଷା, ମାରାଂବୁରୁ, ଜାହେର ଆୟ, ମଳେକ ତୁରୁୟକ ଆଦି ଦେବଦେବୀଙ୍କ ସୁରକ୍ଷା ଓ ସ୍ଥାପିତ କରିବା ପାଇଁ ଲଢ଼େଇ ଲଢ଼ିବେ ବୋଲି ଶପଥ ଗ୍ରହଣ କରିଛନ୍ତି। ସଭାପତି କିସୁନ ଟୁଡୁ, ପାର୍ଗାନା ସୁପାଇ ସୋରେନ, ହିକିମ ଟୁଡୁ, ପିଥ ହାଁସଦା, ବୁଧରାୟ ହେମ୍ବ୍ରମ, କୁଶ ଟୁଡୁ, ବଗାୟ ହେମ୍ବ୍ରମ, ଫୁଲମଣି ସୋରେନ, ଲିଲିମଣି ଟୁଡୁ, ଛିତା ଟୁଡୁଙ୍କ ସମେତ ୮୭ ଜଣ ସଦସ୍ୟସଦସ୍ୟା ଉପସ୍ଥିତ ଥିଲେ।

ସାପ କାମୁଡ଼ାରେ ନାବାଳିକା ମୃତ

ରାଇରଙ୍ଗପୁର, ୨।୬(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଯୋଡ଼ାପୋଖରୀ ଗ୍ରାମ ମଝି ସାହିରେ ସାପ କାମୁଡ଼ାରେ ଜଣେ ନାବାଳିକାର ମୃତ୍ୟୁ ହୋଇଛି। ମୃତକ ଡିବା ଟୁଡୁଙ୍କ ଝିଅ ବର୍ଷା ଟୁଡୁ (୧୧)। ସେ ଯାମଦା ବ୍ଲକସ୍ଥ ବଡ଼କୁଲେଇବିରା ଆଶ୍ରମ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଥିଲା। ଗ୍ରୀଷ୍ମକାଳୀନ ଛୁଟିରେ ଘରକୁ ଆସିଥିଲା। ସୋମବାର ରାତିରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ଏକ ବିଷାକ୍ତ ଚିତି ସାପ ବର୍ଷାଙ୍କ ହାତକୁ କାମୁଡ଼ି ଦେଇଥିଲା। ବର୍ଷା ଏହା ଜାଣିବା ପରେ ପାଟି କରିଥିଲେ। ପରିବାର ଲୋକ ଚିତି ସାପକୁ ଧରି ଏକ ବାଲ୍‌ଟି ଭିତରେ ରଖିବା ସହ ବର୍ଷାଙ୍କୁ ନିକଟସ୍ଥ ବିଜାତଳା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଇରଙ୍ଗପୁର ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା। ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିବା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଇରଙ୍ଗପୁର ମେଡିକାଲରେ ଜଣେ ସାପ ଧରାଳିଙ୍କୁ ଡାକି ସାପକୁ ବାଲ୍‌ଟିରୁ କଢା ଯାଇଥିଲା। ସାପଟିକୁ ନେଇ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ମେଡିକାଲ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନାବାଳିକାର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଲକ୍ଷ୍ମୀ ସୋଏଙ୍କୁ ଜାତୀୟ ପୁରସ୍କାର

ଶୁକ୍ଳି, ୨।୬(ସମିସ): ଅଳ୍ପ ବୟସରେ ବାହା ହୋଇଥିଲେ ଲକ୍ଷ୍ମୀ ସୋଏ ଓ ମାଆ ମଧ୍ୟ ହେଲେ। ଏହାର ପ୍ରଭାବ ପିଲା ଉପରେ ପଡ଼ିଲା ଓ ୯ ମାସ ପରେ ସନ୍ତାନର ମୃତ୍ୟୁ ହୋଇଥିଲା। ସେହିଠୁ ଆରମ୍ଭ ହେଲା ଲକ୍ଷ୍ମୀ ସୋଏଙ୍କ ସଂଘର୍ଷ। ସମାଜରେ ବାଲ୍ୟ ବିବାହ, ସୁସ୍ଥ ମାଆ ଓ ସୁସ୍ଥ ଶିଶୁଙ୍କ ଉପରେ ଗୁରୁତ୍ୱ ଦେଇ କାମ କରି ଚାଲିଲେ। ତାଙ୍କର ସଂଘର୍ଷମୟ ଜୀବନରେ ସୋପାନ ପରେ ସୋପାନ ଚଢି ଚାଲିଲେ। ୧୬ ବର୍ଷ ପୂର୍ବରୁ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଥିଲା ଅଷ୍ଟମ। ଲୋକଙ୍କୁ ସଚେତନର ବାର୍ତ୍ତା ବାଣ୍ଟି ବାଣ୍ଟି ଆଜି ସେ +୨ ସାରି +୩ରେ ପାଦ ଦେଇଛନ୍ତି। ପାଦରେ ଚାଲି ଚାଲି ଲୋକଙ୍କୁ ସଚେତନ କରୁଛନ୍ତି। ୧୬ ବର୍ଷର ସଂଘର୍ଷ ପରେ ଓଡ଼ିଶା ପାଇଁ ଲକ୍ଷ୍ମୀ ଆଣିଛନ୍ତି ଗୌରବ। ତାଙ୍କ କାମ ପାଇଁ ଜାତୀୟ ସ୍ତରରେ ଦିଲ୍ଲୀଠାରେ ସମ୍ମାନିତ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ୨୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ସମ୍ମାନିତ ହୋଇଛନ୍ତି ଲକ୍ଷ୍ମୀ ସୋଏ। ସିଆଇଆଇ ଫାଉଣ୍ଡେସନ ୱମେନ ଆୱାର୍ଡ ପାଇଛନ୍ତି। ଲକ୍ଷ୍ମୀ ସୋଏଙ୍କ ଘର ମୟୂରଭଞ୍ଜ ଠାକୁରମୁଣ୍ଡା ବ୍ଲକ ଟୀକାସିଲି ଗ୍ରାମରେ। ଲକ୍ଷ୍ମୀ ସୋଏ ବାଲ୍ୟ ବିବାହ, ଅପପୁଷ୍ଟି, ସୁସ୍ଥ ମାଆ, ସୁସ୍ଥ ଶିଶୁ ଉପରେ ଲୋକଙ୍କ ସଚେତନ କରୁଛନ୍ତି। ବର୍ତ୍ତମାନ ସେ ଏକଜୁଟ ଏନଜିଓରେ କାମ କରୁଛନ୍ତି। ଲକ୍ଷ୍ମୀଙ୍କ ସହଯୋଗରେ ୧୯ ଜଣ ଶିଶୁଙ୍କ ଜୀବନ ରକ୍ଷା ହୋଇପାରିଛି। ଲକ୍ଷ୍ମୀ ସୋଏ ଜାତୀୟ ସ୍ତରରେ ସମ୍ମାନିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

ସାଇନିଂ ଟ୍ୟୁଟୋରିଆଲ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସାରସକଣା, ୨।୬(ସମିସ): ସାରସକଣା ବ୍ଲକ ଝାରପୋଖରୀଆସ୍ଥ ସାଇନିଂ ଟ୍ୟୁଟୋରିଆଲରେ ନିକଟ ଅତୀତରେ ପ୍ରକାଶିତ ହୋଇଥିବା +୨ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁମିତ କୁମାର ସାଉଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସର୍ବୋଚ୍ଚ ୫୧୪ ନମ୍ବର ରଖିଥିବା ରୀମା ବେହେରାଙ୍କୁ ପୁଷ୍ପଗୁଚ୍ଛ ସହିତ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଅନ୍ୟ ସମସ୍ତଙ୍କୁ ପୁଷ୍ପଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ବର୍ଷ ଅନୁଷ୍ଠାନ ଶତପ୍ରତିଶତ ସଫଳତା ହାସଲ କରିଥିବାବେଳେ ତନ୍ମଧ୍ୟରୁ ୭୫ ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାକି ସମସ୍ତେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରାୟ ୯୦ ପ୍ରତିଶତ ପିଲା ଦଶମରୁ ୧୨ଶ ଶ୍ରେଣୀରେ ଅଧିକ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ସୋନାଲି ସାହୁ, ହରିପ୍ରିୟା ମହାନ୍ତ, ରଶ୍ମିରେଖା ପୁଟି, ଅଭିପ୍ସା ମହାପାତ୍ର, ଗାୟତ୍ରୀ ବେହେରା ପ୍ରମୁଖ ୪୫୦ରୁ ଅଧିକ ନମ୍ବର ରଖି ଅନୁଷ୍ଠାନ ପାଇଁ ଗର୍ବ ଆଣିଛନ୍ତି। ଏ ଅବସରରେ ଇଂରାଜୀ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ଓ ତାଜ୍ ମହମ୍ମଦ, ଗଣିତର ଆଲୋକ କୁମାର ଘୋଷ, ପଦାର୍ଥ ବିଜ୍ଞାନର ଅରୂପାନନ୍ଦ ପାଣି, ପ୍ରାଣୀବିଜ୍ଞାନର ସୁସ୍ମିତା ରଣା, ଅର୍ଥନୀତିର ଲିଜାରାଣୀ ଦାସ, ଓଡ଼ିଆର ସଂଯୁକ୍ତା ପୁଷ୍ଟି ଓ ରାଜନୀତି ବିଜ୍ଞାନର ଯୋଗେଶ୍ୱର ବେହେରା ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

ସ୍ୱସ୍ତି ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସାରସକଣା, ୨।୬(ସମିସ): ସାରସକଣା ବ୍ଲକ ଝାରପୋଖରୀଆସ୍ଥ ସ୍ୱସ୍ତି ଆବାସିକ କଲେଜ ପକ୍ଷରୁ ଆଜି ହୋଟେଲ ଅନୀତା ସଭାଗୃହରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଚେୟାରମ୍ୟାନ ଅଜିତୋଷ ଘୋଷଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଝାରପୋଖରୀଆ ଥାନା ଅଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିନୋଦିନୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡଃ ଗଜେନ୍ଦ୍ର କୁମାର ନନ୍ଦ ଓ ସ୍ୱତନ୍ତ୍ର ଅତିଥି ଭାବେ ସୀମାନ୍ତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଶିଶିର କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଚଳିତ ବର୍ଷ ଉଭୟ ବିଜ୍ଞାନ ଓ କଳାରେ +୨ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଏକ ସ୍ୱତନ୍ତ୍ର ରେକର୍ଡ ସୃଷ୍ଟି କରିଥିଲେ। ବିଜ୍ଞାନରେ ୪୫ ଜଣ ପରୀକ୍ଷା ଦେଇଥିବାବେଳେ ୩୯ ଜଣ ପ୍ରଥମ, ୬ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେହିପରି କଳାରେ ୭ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ରିଙ୍କିରାଣୀ ଘୋଷ ଓ ଭାଗ୍ୟଶ୍ରୀ ବେହେରା ଓଡ଼ିଆ ବିଷୟରେ ୧୦୦ରୁ ୧୦୦ ନମ୍ବର ରଖି ରେକର୍ଡ କରିଥିବାବେଳେ ଫିଜିକ୍ସରେ ଭୂତେଶ ଗିରି ୧୦୦ରୁ ୧୦୦ ନମ୍ବର ରଖିଛନ୍ତି। ବିଜ୍ଞାନରେ ଅନୁଷ୍ଠାନର ଟପ ୫ ଭିତରେ ଭୂତେଶ କୁମାର ଗିରି (୫୬୪), ବିଦୁସ୍ମିତା ସାହୁ (୫୫୦), ସୋନାଲି ବେହେରା (୫୪୯), ରାଜୁ ବେରା (୫୩୧), ବିଭୀଷଣ ବେହେରା (୫୧୦) ରହିଥିବାବେଳେ କଳାରେ କଲେଜ ଟପ୍ପର ଭାବେ ସୁକାନ୍ତି ହାଁସଦା (୪୨୧)ଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ଅଧ୍ୟାପକ, ଆନନ୍ଦ ଶଙ୍କର ପଳେଇଙ୍କ ବିଶେଷ ଉତ୍ସାହ ରହିଥିବା ଚେୟାରମ୍ୟାନ ଅଜିତୋଷ ପ୍ରକାଶ କରିଥିଲେ।

ଆଧୁନିକତାର ଭିଡ଼ରେ ମଳିନ ପଡୁଛି ଓଡ଼ିଆ ସଂସ୍କୃତିର ଛାପ

ଧୀରେ ଧୀରେ ହଜିଯାଉଛି ରଜର ପାରମ୍ପରିକ ଦୋଳି

କରଞ୍ଜିଆ, ୨।୬(ସମିସ) ରଜ କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଆ ଜାତିର ସଂସ୍କୃତି, ପରମ୍ପରା ଓ ଲୋକଜୀବନ ସହ ଜଡ଼ିତ ଏକ ଭାବନା। ତିନିଦିନିଆ ଏହି ଗଣପର୍ବକୁ ନେଇ ଗ୍ରାମଠାରୁ ସହର ସବୁଠି ଦେଖାଯାଉଥିଲା ଉତ୍ସାହର ମାହୋଲ। ବିଶେଷକରି ରଙ୍ଗବେରଙ୍ଗର ଦୋଳି, ରଜ ଗୀତ, ପୋଡ଼ପିଠା ଓ ମେଳା ଥିଲା ଏହି ପର୍ବର ମୁଖ୍ୟ ଆକର୍ଷଣ। ଏକ ସମୟରେ ରଜ ଆସିଲେ ଗ୍ରାମର ବଡ଼ ବଡ଼ ଗଛରେ ଦୋଳି ବନ୍ଧାଯାଉଥିଲା। ଝିଅ ଓ ମହିଳାମାନେ ନୂଆ ବସ୍ତ୍ର ପିନ୍ଧି ଦୋଳି ଖେଳିବା ସହ ରଜ ଗୀତ ଗାଉଥିଲେ। କିନ୍ତୁ ବଦଳୁଥିବା ସମୟ ସହିତ ଏହି ପରମ୍ପରା ଧୀରେ ଧୀରେ ହଜିବାକୁ ବସିଛି। ମୋବାଇଲ ଫୋନ, ସୋସିଆଲ ମିଡିଆ ଓ ଆଧୁନିକ ଜୀବନଶୈଳୀ ମଧ୍ୟରେ ନୂଆପିଢ଼ି ରଜର ପାରମ୍ପରିକ ମଜାଠାରୁ ଦୂରେଇ ଯାଉଥିବା ଦେଖାଯାଉଛି।

ପୂର୍ବରୁ ସ୍ଥାନୀୟ କାରିଗର ହାତରେ ଦୋଳି ପ୍ରସ୍ତୁତ କରୁଥିବାବେଳେ ବର୍ତ୍ତମାନ ପ୍ଲାଷ୍ଟିକ ଓ କୃତ୍ରିମ ସାମଗ୍ରୀର ବ୍ୟବହାର ବଢ଼ିଛି। ଗ୍ରାମାଞ୍ଚଳରେ ମଧ୍ୟ ପାରମ୍ପରିକ ଦୋଳିର ଚାହିଦା କମିବାରୁ ଅନେକ କାରିଗର ଏହି ବୃତ୍ତିରୁ ମୁହଁ ଫେରାଉଛନ୍ତି। ତଥାପି ରଜ ପୂର୍ବରୁ ବଜାରରେ ସଜାଯାଇଥିବା ରଙ୍ଗୀନ ଦୋଳି ଆଜି ମଧ୍ୟ ଓଡ଼ିଆ ପରମ୍ପରାର ଏକ ଜୀବନ୍ତ ଚିତ୍ର ଉପସ୍ଥାପନ କରୁଛି। ସଂସ୍କୃତିପ୍ରେମୀଙ୍କ ମତରେ, ରଜ କେବଳ ଉତ୍ସବ ପାଳନରେ ସୀମିତ ନ ରହି ଏହା ସହ ଜଡ଼ିତ ପରମ୍ପରା, ଲୋକକଳା ଓ କାରିଗରୀ କୌଶଳକୁ ବଞ୍ଚାଇ ରଖିବା ଆବଶ୍ୟକ। ନଚେତ୍ ଆଧୁନିକତାର ଚାପରେ ଆଗାମୀ ଦିନରେ ରଜର ଅନେକ ଐତିହ୍ୟ କେବଳ ପୁସ୍ତକ ଓ ସ୍ମୃତିରେ ସୀମିତ ହୋଇ ରହିଯିବ। ରଜର ଏହି ପାରମ୍ପରିକ ଦୋଳିଗୁଡ଼ିକ ଆଜି ମଧ୍ୟ ଆମକୁ ମନେ ପକାଇ ଦେଉଛି ଯେ, ଓଡ଼ିଆ ସଂସ୍କୃତିର ମୂଳ ଶକ୍ତି ହେଉଛି ତାହାର ପରମ୍ପରା। ଯାହାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ମତ ପ୍ରକାଶ ପାଉଛି।

● ଜେକେ ଡ୍ୟାନ୍ସ ଏକାଡେମୀ ଉଦ୍‌ଘାଟିତ

ବସ୍ତି ଅଞ୍ଚଳର ଅନାଥ ପିଲାଙ୍କୁ ମାଗଣାରେ ମିଳିବ ନୃତ୍ୟ ଓ କଳା ଶିକ୍ଷା

ବାରିପଦା, ୨।୬(ସମିସ): ବାରିପଦା ତକତପୁରଠାରେ ଜେକେ ଡ୍ୟାନ୍ସ ଏକାଡେମୀ ଉଦଘାଟିତ ହୋଇଛି। ଏହି ଏକାଡେମୀରେ ବସ୍ତି ଅଞ୍ଚଳର ଅନାଥ ପିଲାଙ୍କୁ ମାଗଣାରେ ନୃତ୍ୟ, ଚିତ୍ରକଳା ଓ କରାଟେ ମାର୍ଶାଲ ଆର୍ଟ ଶିକ୍ଷା ପ୍ରଦାନ କରାଯିବା ସହିତ ସମସ୍ତ ବର୍ଗର ପିଲା ଶିକ୍ଷାଲାଭ କରିପାରିବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଦିଲ୍ଲୀପ ପାତ୍ର କହିଛନ୍ତି। ସାମ୍ବାଦିକ ଦୀପକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ବାରିପଦା ପୁଲିସ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ କାଉନସିଲର ଅନନ୍ତ ଦାସ, ଝାଡ଼ଖଣ୍ଡର ପ୍ରସିଦ୍ଧ ନୃତ୍ୟ କୋରିଓଗ୍ରାଫର ମାଷ୍ଟର ସାହିଲ, ଚିତ୍ର କଳା ତଥା କରାଟେ ପ୍ରଶିକ୍ଷକ ଆଶିଷ କୁମାର ଦେ ପ୍ରମୁଖ ଯୋଗଦେଇ ଜେକେ ଡ୍ୟାନ୍ସ ଏକାଡେମୀର ବସ୍ତି ଅଞ୍ଚଳର ଗରିବ ପିଲାଙ୍କୁ କଳା କ୍ଷେତ୍ରରେ ମାଗଣାରେ ପ୍ରଶିକ୍ଷଣ ପ୍ରଦାନ କରିବା ଭଳି ମହାନ ଚିନ୍ତାଧାରାକୁ ପ୍ରଶଂସା କରିବା ସହିତ ପିଲାଙ୍କୁ ଉତ୍ସାହିତ କରିଥିଲେ। ଏ ଅବସରରେ ଜେକେ ଡ୍ୟାନ୍ସ ଗ୍ରୁପର ପ୍ରତିଷ୍ଠାତା ଜଗା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନଗରପାଳ ଶ୍ରୀ ମହାନ୍ତି ଉକ୍ତ ବସ୍ତିକୁ ଭଲ ରାସ୍ତା ନ ଥିବାରୁ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବହୁ କୁନିକୁନି ପିଲାଙ୍କ ସହିତ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିବାବେଳେ ନିର୍ଦ୍ଦେଶକ ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଦୀନକୃଷ୍ଣ ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀ ଅଭାବ

ଜଳେଶ୍ୱର, ୨।୬ (ସମିସ)

ଉତ୍ତର ବାଲେଶ୍ୱରର ସର୍ବପୁରାତନ ୬୨ ବର୍ଷର ଶିକ୍ଷାନୁଷ୍ଠାନ ଦୀନକୃଷ୍ଣ ମହାବିଦ୍ୟାଳୟରେ ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀଙ୍କ ଅଭାବ ଶିକ୍ଷାର୍ଥୀ ଏବଂ ଅଭିଭାବକଙ୍କ ଲାଗି ଚିନ୍ତାର ବିଷୟ ହୋଇଛି। ଉକ୍ତ ମହାବିଦ୍ୟାଳୟରେ ୪୭ ଜଣ ଅଧ୍ୟାପକ ଆବଶ୍ୟକ ଥିବାବେଳେ ମାତ୍ର ୨୮ ଜଣରେ କାମ ଚଳୁଛି। ସେହିପରି ଅଣଶିକ୍ଷା କର୍ମଚାରୀ ୪୭ ଜଣ ରହିବା ନିୟମ ଥିବାବେଳେ ମାତ୍ର ୧୧ ଜଣରେ କାମ ଚଳାଉଛନ୍ତି। ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାବେଳେ ୧୬ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ଘୋର ସମସ୍ୟା ସୃଷ୍ଟି ହେଉଛି।୧୯୬୪ ମସିହାରେ ଜଳେଶ୍ୱର ସହରର ନୂଆ ବଜାର ଠାରେ ଉତ୍ତର ବାଲେଶ୍ୱର କଲେଜ ନାମରେ ଶିକ୍ଷାନୁଷ୍ଠାନଟି ଗଢ଼ି ଉଠିଥିଲା ବେଳେ ଚୈତନ୍ୟ ପ୍ରସାଦ ସାହୁ ଏହାର ସମ୍ପାଦକ ଥିଲେ। ପରବର୍ତ୍ତୀ ସମୟରେ ୫୭ ନମ୍ବର ରାଜ୍ୟ ରାଜପଥ ନିକଟ ସୁଗୋ ପଞ୍ଚାୟତର ଧାନସିମୁଳିଆ ଠାରେ ଏହି"ଅନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ୧୯୬୮ ମସିହାରେ କବି ଦୀନକୃଷ୍ଣଙ୍କ ନାମରେ କଲେଜର ନାମକରଣ କରାଯାଇ ଉକ୍ତ ଅନୁଷ୍ଠାନ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଶିକ୍ଷାର ଆଲୋକ ବାଣ୍ଟୁଅଛି। ଏହି ପ୍ରଖ୍ୟାତ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ଉଚ୍ଚ ମାଧ୍ୟମିକ ଓ ସ୍ନାତକ ଶ୍ରେଣୀରେ ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣ କରି ଉପକୃତ ହେଉଛନ୍ତି। ମହାବିଦ୍ୟାଳୟରେ ଆଧୁନିକ ଗ୍ରନ୍ଥାଗାର ରହିଥିଲେ ମଧ୍ୟ ମୁଖ୍ୟ ପରିଚାଳକ ନାହାନ୍ତି। ଆଧୁନିକ ସମ୍ମିଳନୀ କକ୍ଷ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ରେଡକ୍ରସ ଓ ଇଗ୍ନୋ ଶିକ୍ଷାଦାନ କେନ୍ଦ୍ର ମଧ୍ୟ ରହିଛି। ଦୁଃଖ ପରିତାପର ବିଷୟ ଛାତ୍ର ଛାତ୍ରୀ ଙ୍କ ପଢ଼ିବା ଲାଗି ଆବଶ୍ୟକ ଶ୍ରେଣୀଗୃହ ନାହିଁ। ସେହିପରି ଆବଶ୍ୟକ ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀ ନଥିବାରୁ ମଧ୍ୟ ବିବିଧ ସମସ୍ୟା ହେଉଛି। ଏଠାରେ କେବଳ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ରହିଥିବା ବେଳେ ରହଣି ର

● ୪୭ ଅଧ୍ୟାପକରୁ ୧୯ ନାହାନ୍ତି
● ଖାଲି ପଡ଼ିଛି ୩୬ କର୍ମଚାରୀ ପଦ

ସୁବିଧା ନାହିଁ। ଫଳରେ ଉକ୍ତ ସରକାରୀ କଲେଜ ରେ ଭିତ୍ତିଭୂମି ରହିଥିଲେ ମଧ୍ୟ ଛାତ୍ର ଛାତ୍ରୀ ମାନେ ଘରୋଇ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟରକୁ ଭରସା କରୁଛନ୍ତି।ଏହା ସହିତ କେତେକ ସରକାରୀ ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ ଶିକ୍ଷକ ବଳକା ସମୟ ସେହି ଅନୁଷ୍ଠାନ ରେ ମଧ୍ୟ ବିତାଉଛନ୍ତି। ଶିକ୍ଷାର୍ଥୀ ମାନେ ମାଗଣାରେ ଗୁଣା।କ ମାନର ଶିକ୍ଷାଦାନ ପାଇବା ପରିବର୍ତ୍ତେ ଅର୍ଥ ବିନିମୟରେ ପ୍ରତିଯୋଗୀତା ପୂର୍ଣ୍ଣ କୋଚିଙ୍ଗ ସେଣ୍ଟରେ ପଢ଼ିବା ପାଇଁ ବାଧ ହେଉଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ ସାମଲଙ୍କୁ ପଚାରିବାରୁ ଆସନ୍ତା ଦିନରେ ଗୃହ ବିଜ୍ଞାନ, ମନସ୍ତତ୍ତ୍ୱ ବିଜ୍ଞାନ, ଭୂଗୋଳ, ସାଧାରଣ ପ୍ରଶାସନ ଭଳି ବିଷୟରେ ସେଲ୍‌ଫ୍ ଫାଇନାନ୍ସରେ ଖୋଲାଯିବାକୁ ଚେଷ୍ଟା କରାଯାଉଥିବା କହିଛନ୍ତି। ଏଥିପାଇଁ ୩୦ ଲକ୍ଷ ଟଙ୍କା ଜମା ରାଶି ଆବଶ୍ୟକ ହେଉଥିବାରୁ ତାହା ମଧ୍ୟ ଏକ ସମସ୍ୟା ସୃଷ୍ଟି ଥିବାବେଳେ ଛାତ୍ରଙ୍କ ରହିବା ଲାଗି ସୁବିଧା ନାହିଁ। ସୂଚନାଯୋଗ୍ୟ, ପ୍ରତିବର୍ଷ ୪୦୦ରୁ ଉଦ୍ଧର୍ ବିଦ୍ୟାର୍ଥୀ ସ୍ନାତକରେ ଉତ୍ତୀର୍ଣ୍ଣ ହେଉଛନ୍ତି। ମାତ୍ର ଉଚ୍ଚ ଶିକ୍ଷା ଲାଗି ଏଠାରେ ରେଗୁଲାର ସ୍ନାତକୋତ୍ତର ଶ୍ରେଣୀ ଖୋଲା ଯାଇନାହିଁ। ଯଦିଓ ଇଗ୍ନୋରେ ରାଜନୀତି ବିଜ୍ଞାନ, ଇତିହାସ, ଇଂରାଜୀ, ଗ୍ରାମୀଣ ଉନ୍ନୟନ, ମନସ୍ତତ୍ତ୍ୱ ବିଜ୍ଞାନ, ସଂସ୍କୃତ, ଅର୍ଥଶାସ୍ତ୍ର ଭଳି ବିଷୟ ଖୋଲା ଯାଇଛି। କିନ୍ତୁ ରେଗୁଲାର ବିଷୟ ନ ଥିବାରୁ ଛାତ୍ରଛାତ୍ରୀଙ୍କୁ ଦୂର ସହରକୁ ଖର୍ଚ୍ଚାନ୍ତ ହୋଇ ଯିବାକୁ ପଡୁଛି। ଅନ୍ୟ ପକ୍ଷରେ ମହାବିଦ୍ୟାଳୟର ଉନ୍ନତିକରଣ ଲାଗି କେବଳ ୧୩୭ କୋଟି ଟଙ୍କା ଆସିଥିବା ଶ୍ରେଣୀ ଗୃହ ଲାଗି ୯୨ ଲକ୍ଷ ଟଙ୍କା ବ୍ୟୟରେ ୪ଟି ଶ୍ରେଣୀ ଗୃହ ନିର୍ମାଣ ହେବ ବୋଲି କହିଛନ୍ତି। ନୂଆବଜାର ଠାରେ କଲେଜର ପ୍ରାୟ ୨.୫ ଏକର ପରିତ୍ୟକ୍ତ ଜମିକୁ ଉଦ୍ଧାର ଲାଗି ତତ୍କାଳୀନ ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ଚେଷ୍ଟା କରିଥିଲେ। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଓ ସ୍ଥାନୀୟ ଲୋକଙ୍କ ସହଯୋଗ ଅଭାବରୁ ତାହା ଅଧାରେ ଅଟକିଛି। ନୂଆ ନିଯୁକ୍ତି ଓ ବିଭିନ୍ନ କାରଣରୁ ଶିକ୍ଷା ବ୍ୟବସ୍ଥା ଭୁସୁଡୁ ଥିବା ବେଳେ ଘୋରଇ ଶିକ୍ଷା ସଂସ୍ଥା ପ୍ରତି ସରକାରୀ ପ୍ରୋତ୍ସାହନ ବଢୁଥିବା ସମାଲୋଚନା ହେଉଛି।

ଦୁଷ୍ୟନ୍ତ ତ୍ୟାଗୀ ହେଲେ ଟିପିଏନ୍‌ଓଡିଏଲର ନୂଆ ସିଇଓ

ବାଲେଶ୍ୱର,୨।୬ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦୁଷ୍ୟନ୍ତ କୁମାର ତ୍ୟାଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟୁତ ବିତରଣ କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ରଖିଥିବା ଶ୍ରୀ ତ୍ୟାଗୀ ଦେଶର ବହୁ ନାମିଦାମୀ ବିଦ୍ୟୁତ ବିତରଣ କମ୍ପାନୀରେ ବହୁ ଗୁରୁଦାୟିତ୍ୱ ବହନ କରିଛନ୍ତି। ସେ ଦିଲ୍ଲୀ ଇଞ୍ଜିନିୟରିଂ କଲେଜରୁ ସ୍ନାତକ ହାସଲ କରିଥିବାବେଳେ ଆଇଏମଆଇ ଦିଲ୍ଲୀରୁ ପରିଚାଳନା କ୍ଷେତ୍ରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଶ୍ରୀ ତ୍ୟାଗୀ କହିଛନ୍ତି ଯେ, ଉପଭୋକ୍ତାଙ୍କୁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ପରିଚାଳନା ପଦ୍ଧତି ଦ୍ୱାରା ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଆମର ସର୍ବଦା ଲକ୍ଷ୍ୟ ରହି ଆସିଛି। ଟିପିଏନଓଡିଏଲର ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ତ୍ୟାଗୀଙ୍କର ଟିପିସିଓଡିଏଲ, ଟାଟା ପାୱାର ଡିଡିଏଲ ଓ ଟିପିଏନଓଡିଏଲ ପ୍ରଭୃତି ସଂସ୍ଥାରେ ବାଣିଜ୍ୟ, ନେଟୱର୍କ ଇଞ୍ଜିନିୟରିଂ, ଅପରେସନ ସର୍ଭିସେସ, ଷ୍ଟୋର ଓ

ସିଏସଆର ଆଦି ବିଭାଗ ପରିଚାଳନା କ୍ଷେତ୍ରରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି। ଟିପିସିଓଡିଏଲର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ତଥା ଓଡ଼ିଶା ବିଦ୍ୟୁତ ବିତରଣ ବ୍ୟାପାର ମୁଖ୍ୟ ଭାବେ ଟିପିଏନଓଡିଏଲ ପୂର୍ବତନ ସିଇଓ ଗଜାନନ କାଲେଙ୍କ ବଦଳି ହୋଇଛି। ସୂଚନାଥାଉକି ଟିପିଏନଓଡିଏଲ ପ୍ରାୟ ୯୭ ଲକ୍ଷ ଲୋକଙ୍କୁ ବିଜୁଳି ସେବା ଯୋଗାଉ ଥିବାବେଳେ ୧୯ ଲକ୍ଷରୁ ଅଧିକ ପଞ୍ଜୀକୃତ ଉପଭୋକ୍ତା ଅଛନ୍ତି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୨୭ହଜାର ୯୨୦ ବର୍ଗ କିଲୋମିଟର ଅଞ୍ଚଳକୁ ଟିପିଏନ୍‌ଓଡିଏଲ ବିଦ୍ୟୁତ ବିତରଣ କରୁଛି।

ଦୁର୍ଗମ ଅଞ୍ଚଳରୁ ଆଇଆଇଟି ଯାତ୍ରା

ବାରିପଦା, ୨।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ଚଢ଼େଇପାହାଡି ଭଳି ଏକ ଦୁର୍ଗମ ଅଞ୍ଚଳରୁ ଆସି ସଫଳତାର ଶୀର୍ଷ ଛୁଇଁଛନ୍ତି

ଜଣେ ଆଦିବାସୀ ମେଧାବୀ ଛାତ୍ର ସାଗ୍ରାମ୍ ମାରାଣ୍ଡି। ୨୦୧୮ରେ ଦୁର୍ଗମ ଅଞ୍ଚଳରୁ ଆସି ସେ ବାରିପଦା 'ପ୍ରିନ୍ସ ପବ୍ଲିକ ସ୍କୁଲ'ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ। ସେହିଦିନଠାରୁ ତାଙ୍କର ଅସାଧାରଣ ପ୍ରତିଭା ଓ ନିଷ୍ଠା ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଜଣେ ଅତ୍ୟନ୍ତ ମେଧାବୀ ଛାତ୍ର ଭାବେ ସେ ନବମ ଶ୍ରେଣୀରେ ପଢୁଥିବା ସମୟରେ ସର୍ବଭାରତୀୟ ସ୍ତରରେ ଆୟୋଜିତ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅର୍ଜନ କରି ପ୍ରିନ୍ସ ଅନୁଷ୍ଠାନରେ ନିଜର ସଫଳତାର କାହାଣୀ ଆରମ୍ଭ କରିଥିଲେ। ଏହାପରେ ୨୦୨୩ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଚମତ୍କାର ପ୍ରଦର୍ଶନ କରି ୯୩.୫ ପ୍ରତିଶତ (ଏ-୧ ଗ୍ରେଡ୍) ନମ୍ବର ସହ ପୁଣିଥରେ ନିଜର ସଫଳତା ଦୋହରାଇଥିଲେ। ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ସାଗ୍ରାମ ପ୍ରିନ୍ସ କଲେଜରେ +୨ ବିଜ୍ଞାନରେ ନିଜର କଠିନ ପରିଶ୍ରମ ବଳରେ ୨୦୨୫ରେ +୨ ବିଜ୍ଞାନ ପରୀକ୍ଷାରେ ୯୬ ପ୍ରତିଶତ ନମ୍ବର ରଖି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସମଗ୍ର ରାଜ୍ୟରେ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରିଥିଲେ। ଏହାପରେ ସେ ପ୍ରିନ୍ସ ଏଣ୍ଟ୍ରାନ୍ସ କ୍ଲାସେସ୍‌ରେ ଜେଇଇ ଓ ନିଟ୍ ପାଇଁ କୋଚିଂ ନେଉଥିଲେ। ୨୦୨୬ରେ ଆୟୋଜିତ ଜେଇଇ ଆଡଭାନ୍ସରେ ସର୍ବଭାରତୀୟ ସ୍ତରରେ ୮୧୮ ସ୍ଥାନ ପାଇ ଆଇଆଇଟିରେ

'ପ୍ରିନ୍ସ' ଛାତ୍ର ସାଗ୍ରାମଙ୍କ ଅଭୁତପୂର୍ବ ସଫଳତା

ପଢ଼ିବା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରିନ୍ସ କଲେଜ ଦ୍ୱାରା ୧୦ ଜଣ ପିଲାଙ୍କୁ ମାଗଣାରେ କୋଚିଂ ଦିଆଯାଉଥିଲା। ସେଥିମଧ୍ୟରୁ ୪ ଜଣ ଜେଇ ମେନ୍ ପାଇଥିବାବେଳେ ଜଣେ ଜେଇ ଆଡ଼ଭାନ୍ସ ପାଇଛନ୍ତି।ସାଗ୍ରାମଙ୍କ ଏହି ଗୌରବମୟ ସଫଳତାର ଯାତ୍ରା ପଛରେ ରହିଛି ତାଙ୍କର ଅକ୍ଳାନ୍ତ ପରିଶ୍ରମ, ଦୃଢ ସଂକଳ୍ପ, ନିଷ୍ଠା ଓ ଅଧ୍ୟବସାୟ। ଏ ଅବସରରେ ସାଗ୍ରାମ ତାଙ୍କର ଅଭିଭାବକଙ୍କ ନିରନ୍ତର ପ୍ରେରଣା ଓ ପ୍ରିନ୍ସ କଲେଜର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଧ୍ୟକ୍ଷା ଜ୍ୟୋତିପୁଷ୍ପା ଦାସ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଧ୍ୟାପକ-ଅଧ୍ୟାପିକାଙ୍କ କଠିନ ପରିଶ୍ରମ ଓ ସଠିକ ମାର୍ଗଦର୍ଶନକୁ ଶ୍ରେୟ ଦେଇଛନ୍ତି। ଯାହା ତାଙ୍କ ସଫଳତାର ଦୃଢ ଭିତ୍ତିଭୂମି ପାଲଟିଛି। ଏହି ଅଭୁତପୂର୍ବ ସଫଳତା ପାଇଁ ଅଞ୍ଚଳରେ ପ୍ରିନ୍ସ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା ସହ ଶୁଭେଚ୍ଛା ଜଣାଇଛନ୍ତି।

ଓଜିବି ଭେଲୋରା ଶାଖାର ନୂତନ ଶାଖା ପରିଚାଳକଙ୍କ ଯୋଗଦାନ

ରାଜଘାଟ, ୨।୬ (ସମିସ): ବସ୍ତା ବ୍ଲକ୍ ଭେଲୋରାସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ ଭେଲୋରା ଶାଖାରେ ନୂତନ ଶାଖା ପରିଚାଳକ ଭାବେ ଅବିନାଶ ଷଡ଼ଙ୍ଗୀ ଯୋଗଦାନ କରିଛନ୍ତି। ଶ୍ରୀ ଷଡ଼ଙ୍ଗୀ ମାର୍କୋଣା ଶାଖାରୁ ବଦଳିହୋଇ ଏଠାକୁ ଆସିଛନ୍ତି। ଏଠାରେ ଗ୍ରାହକଙ୍କର ସମସ୍ୟା ପ୍ରତି ଧ୍ୟାନ,ଶାଖାର ଉନ୍ନତି କରଣ ସହିତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଚାଷୀ କ୍ଷୁଦ୍ର ବ୍ୟବସାୟୀଙ୍କ ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

ବ୍ୟାସକବିଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ବିରୋଧରେ ପ୍ରତିବାଦ ସଭା

ଜଳେଶ୍ୱର, ୨।୬ (ସମିସ): ଦୀନକୃଷ୍ଣ ସାହିତ୍ୟ, ସଂସ୍କୃତି ସଂସଦ, ମୁଣ୍ଡୁଣିଆ, ଜଳେଶ୍ୱର ଆନୁକୂଲ୍ୟରେ ବ୍ୟାସକବି ଫକୀରମୋହନ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତି ଅଶାଳୀନ ମନ୍ତବ୍ୟର ପ୍ରତିବାଦରେ ଏକ ପ୍ରତିବାଦ ସଭା ସଂସଦର ସଭାପତି ଇନ୍ଦୁମାଧବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗାନ୍ଧୀ ସେବାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟଜନତା ପାର୍ଟିର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ବ୍ୟାସକବି ଫକୀର ମୋହନ ସେନାପତି ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବିଷୟରେ ଯେଉଁ ଭଳି ମନ୍ତବ୍ୟ ପ୍ରଦାନ କରିଛନ୍ତି ତା'ର ବିରୁଦ୍ଧରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉପସ୍ଥିତ ସଦସ୍ୟ ତଥା ବରିଷ୍ଠ ନାଗରିକମାନେ ଶ୍ରୀ ପଣ୍ଡାଙ୍କ ଏପ୍ରକାରର ଅଶାଳିନ ମନ୍ତବ୍ୟକୁ ଦୃଢ ନିନ୍ଦା କରିବା ସହିତ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରତିବାଦ ସଭା ପରେ ସଂସଦ ତରଫରୁ ଜଳେଶ୍ୱର ବିଡିଓଙ୍କ ଜରିଆରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଳେଶ୍ୱର ଥାନା ଅଧିକାରୀଙ୍କ ନିକଟରେ ଏକ ଏତାଲା ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଦିଲ୍ଲୀପ କୁମାର ଗିରି, ସିତାଂଶୁ ସେନାପତି, ବିଶିଷ୍ଟ ଶିକ୍ଷାବିତ୍ ଜିତାରାମ ଦେ, ଡ. ଲଳିତ ରଂଜନ ସେନାପତି, ମନୋରଂଜନ ଦାସ, ସୁଶାନ୍ତ କୁମାର ଦାସ, ସୁନୀଲ କୁମାର ନାୟକ, କାଳି ଚରଣ ପୃଷ୍ଟି, ଗିରିଧାରୀ ବେହେରା, ପ୍ରାଣକୃଷ୍ଣ ଗିରି, ଅନନ୍ତ କୁମାର ଦତ, ବସନ୍ତ କୁମାର ଦାସ, ରବିନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଶିକ୍ଷକ ସଂଘ ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର, ୨।୬ (ସମିସ): ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ ଅଲଓଷ୍ଟା ଜଳେଶ୍ୱର ଶାଖା ପକ୍ଷରୁ ବେଲବାରିଆ ଉପେନ୍ଦ୍ର ନାଥ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଣବ କୁମାର ବ୍ରହ୍ମଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଳେଶ୍ୱର ଶିକ୍ଷକ ଭବନ ସମ୍ମିଳନୀ କକ୍ଷରେ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ଉପ ସଭାପତି ଖଗେନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ଏବିଇଓ ବନମାଳୀ ଧଳ, କପିଳେଶ୍ୱର ମହାନ୍ତି, ପ୍ରଫୁଲ୍ଲ କୁମାର ମହାନ୍ତି ତଥା ପୂର୍ବତନ ଶିକ୍ଷକ ଉମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ବହ୍ମଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଦୀର୍ଘ ଜୀବନ କାମନା କରି ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଜଳେଶ୍ୱର ଶାଖା ସମ୍ପାଦକ କୁମୁଦ ରଂଜନ ଜେନା ଅତିଥି ଆମନ୍ତ୍ରଣ ତଥା ପରିଚୟ ପ୍ରଦାନ କରିବା ସହିତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ନାୟକ, ସୁରଂଜନ ପଟ୍ଟନାୟକ, ବ୍ରଜମୋହନ ପରିଡା ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଆଶ୍ରୀବଚନ ଦେଇଥିଲେ। ବିଦାୟୀ ଶିକ୍ଷକ ଜଣେ ଅଦର୍ଶ ଶିକ୍ଷକ ଭାବେ ଜିଲ୍ଲା ସଂଘ ଦ୍ୱାରା ସମ୍ମାନିତ ହୋଇଥିଲେ। ଶିକ୍ଷକ ପରମାନନ୍ଦ ସେନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାଶିନାଥ ପରିଡା, ସଂଜୟ ସାମଲ, ରାଧାରାଣୀ ଭୂୟାଁ, ଗୌରୀବାଳା ଦତ, କନ୍ୟାକୁମାରୀ ପାଳ, ଚନ୍ଦ୍ରଶେଖର ପରିଡା, ଜୟପ୍ରକାଶ ଅଣ୍ଡିଆ ପ୍ରମୁଖ ବହୁ ଶିକ୍ଷକ ଯୋଗଦେଇ ଦୀର୍ଘଜୀବନ କାମନା କରିଥିଲେ।

୧୫ରେ ରେମୁଣା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ରେମୁଣା,୨।୬ (ସମିସ): ରେମୁଣା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଜୁନ ୧୫ ରେ ହେବ ବୋଲି ପ୍ରସ୍ତୁତି ବୈଠକରେ ଜଣାଯାଇଛି। ଆଜି ଅପରାହ୍ନ ୪ ଟା ସମୟରେ ଓଁ ନିବାସ କାର୍ଯ୍ୟାଳୟ ପରିସରରେ ମଞ୍ଚର ସଭାପତି ପ୍ରଶାନ୍ତ କୁମାର ବରାଳଙ୍କ ପୌରହିତ୍ୟରେ ମଞ୍ଚର ବାର୍ଷିକ ଉତ୍ସବ ୨୦୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଞ୍ଚର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଉପରେ ଗୁରୁତ୍ୱ ଆଲୋଚନା କରାଯିବା ସହିତ ୨୦୨୬ ବାର୍ଷିକ ଉତ୍ସବର ସକାଳ ୭ଟାରେ କ୍ରୀଡା ପତାକା ଉତ୍ତୋଳନ ଓ ୮ ଟାରୁ ୯ ଟା ଭେଟ୍ରାନ ଫୁଟବଲ ଟିମର ଫୁଟବଲଖେଳ ପ୍ରଦର୍ଶନ ଓ ଅପରାହ୍ନ ୪ ଟାରେ କାର୍ଯ୍ୟାଳୟ ପରିସରରେ ବାର୍ଷିକ ସାଂସ୍କୃତିକ ସଭା ଅନୁଷ୍ଠିତ ହେବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଜିର ଏହି ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ଏହି ବୈଠକରେ ସଂଗଠନ ସମ୍ପାଦକ ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ମୃତ୍ୟୁଞ୍ଜୟ ପ୍ରଧାନ, ଗଜେନ୍ଦ୍ର ଦାସ, ଅବନୀ ଚରଣ ପ୍ରଧାନ, ଗିରିଶ କୁମାର ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ଦାସ, ତପନ ଦାସ, କୃଷ୍ଣ ମୋହନ ମହାରଣା, ସନ୍ତୋଷ କୁମାର ବେହେରା, ରଘୁନାଥ ଭୋଇ, ବିଶିଷ୍ଟ ଆଇନଯିବି ରାମ ଚନ୍ଦ୍ର ପାତ୍ର, ଯୋଗେଶ ଚନ୍ଦ୍ର ବେହେରା, ଚକ୍ରଧର ଦାସ, ଶିବ ବିନ୍ଧାଣି, ସଇଦନ ବିବି, ବନବିହାରୀ ମାର୍ଣ୍ଡୀ, ଜଳଧର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚର ସମ୍ପାଦକ ନିରଞ୍ଜନ ମହାରଣା ବୈଠକର ଆଭିମୁଖ୍ୟ ଉପରେ ଆଲୋଚନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଉତ୍କଳ ସର୍ବୋଦୟ ମଣ୍ଡଳର ପ୍ରତିବାଦ

ରେମୁଣା, ୨।୬ (ସମିସ): ରାଜ୍ୟ ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ "ଇଂରେଜ ମାନଙ୍କର ଦଲାଲ' ବୋଲି କହି ଅପମାନ କରିଥିବାରୁ ତାହାର ପ୍ରତିବାଦ ସ୍ୱରୂପ ବାଲେଶ୍ୱର ଜିଲ୍ଲା ରେମୁଣା ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସଭାପତି ବିଧାନ ଚନ୍ଦ୍ର ରାୟଙ୍କ ନେତୃତ୍ୱରେ ପ୍ରଜ୍ଞା ପାରମିତା ବିଶ୍ୱାଳ, ଉର୍ମିଳା ମାଝୀ, ଚକ୍ରଧର ମହାନ୍ତି, ମହଫୁଜ ଆଲାମ, ବିଦ୍ୟୁତ ଲତା ସାହୁ, ରାଜେନ୍ଦ୍ର ଜେନା, ସରୋଜ ସାହୁ,ଡ଼. ରଜନୀ କାନ୍ତ ନାୟକ, ପ୍ରଶାନ୍ତ ଗିରି, ସୁରଜିତ ପୋଥାଳ, ପ୍ରମୁଖ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଅଭିଳାଷ ପଣ୍ଡାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।

ବାର୍‌ରେ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ

ରେମୁଣା, ୨।୬ (ସମିସ) : ରେମୁଣା ଥାନା ଅନ୍ତର୍ଗତ ବାଳଗୋପାଳପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ମୁଡ୍ ବାରରେ ଗତକାଲି ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତିଙ୍କୁ ଫକୀର ମୋହନ ମେଡିକାଲ କଲେଜକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ରେମୁଣା ବଜାର ହାତୀଆଗଣ୍ଡ ଛକରେ ପାନ ଦୋକାନ କରିଥିବା ବିଦ୍ୟାଧରପୁରର ରାଧାକୃଷ୍ଣ ନାୟକ (୪୦) ରବିବାର ରାତିରେ ସେହି ମୁଡ୍ ବାରକୁ ଯାଇଥିଲେ। ଅନ୍ୟ ଦୁଇ ଜଣଙ୍କ ମଧ୍ୟରେ ସେଠାରେ ବଚସା ଚାଲିଥିଲା। ରାଧାକୃଷ୍ଣ ତାଙ୍କୁ ରୋକିଥିଲେ, ମାତ୍ର ଗୋଟିଏ ଗୋଷ୍ଠୀର ଜଣେ ଯୁବକ କୁକୁଡ଼ା କାତିରେ ରାଧାକୃଷ୍ଣଙ୍କ ବେକ ଓ ମୁଣ୍ଡକୁ ଆକ୍ରମଣ କରିଥିଲା। ଗୁରତର ଅବସ୍ଥାରେ ତାଙ୍କୁ ମେଡିକାଲ କଲେଜକୁ ନିଆଯାଇଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ପଠାଇଛନ୍ତି। ପୁଲିସ ପହଞ୍ଚି ଆକ୍ରମଣକାରୀର ଜଣେ ସହଯୋଗୀକୁ ଅଟକ ରଖିଥିବା ବେଳେ ରେମୁଣା ପୁଲିସ ଏନେଇ କେସ ନମ୍ବର ୧୧୯/୨୬ ଆଧାରରେ ଅଧିକ ତଦନ୍ତ ସହିତ ଅପରାଧୀକୁ ଧରିବା ପାଇଁ ତନାଘନା ଜାରି ରଖିଛି। ଅନ୍ୟପକ୍ଷରେ ଧରାଯାଇଥିବା ସହଯୋଗୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଯୁବକ ଜଣକ ହେଲେ ବିଦ୍ୟାଧରପୁରର ନରେନ୍ଦ୍ର ବେହେରା।

କ୍ଷତାକ୍ତ ଗୋରୁର ଚିକିତ୍ସା କଲେ ସମାଜସେବୀ

ଜଳେଶ୍ୱର ବ୍ଲକ, ୨।୬ (ସମିସ) : ଆଜି ଏକ ଅଜଣା ବାଇକ ଆରୋହୀ ଜଳେଶ୍ୱର ଗଣେଶ ଟକିଜ ସାମ୍ନାରେ ଏକ ଗାଈକୁ ଧକ୍କା ଦେଇ ଫେରାର ହୋଇଯାଇଛି। ଧକ୍କା ହେବା ଫଳରେ ଗାଈଟିର ଗୋଟିଏ ଗୋଡ଼ ଭାଙ୍ଗି ଯାଇଛି। ଖବର ପାଇ ଭୋଳା ଭଣ୍ଡାରୀ ଅନ୍ନଦାତା ପରିବାରର ହରିଶଙ୍କର ପଣ୍ଡା ଏବଂ ଅମର କୁମାର ବେହେରା ପହଞ୍ଚିଥିଲେ। ହରିଶଙ୍କର ପଣ୍ଡା ତୁରନ୍ତ ପଶୁ ଚିକିତ୍ସକଙ୍କୁ ଡାକିଆଣି, ଗାଈଟିର ଚିକିତ୍ସା କରିବା ସହିତ ଗାଈର ମାଲିକଙ୍କୁ ଖୋଜି ଆଣି, ଗାଈଟି ମାଲିକଙ୍କୁ ହସ୍ତାନ୍ତର କରିବା ସହିତ ପ୍ରତ୍ୟେକ ଗୃହପାଳିତ ପଶୁ ପ୍ରତି ଧ୍ୟାନ ଦେବାପାଇଁ ବୁଝେଇଥିଲେ।

ମୌଳିକ ସୁବିଧାରୁ ବଞ୍ଚିତ ଚେଙ୍ଗଦା ଗାଁ

ଜଳେଶ୍ୱର,୨।୬ (ସମିସ)

ଗ୍ରାମାଞ୍ଚଳରେ ମୌଳିକ ସୁବିଧା ଉପଲବ୍ଧ ସମ୍ପର୍କରେ ସରକାର ଡିଣ୍ଡିମ ପିଟୁଥିବା ବେଳେ ବିସ୍ତବ ଚିତ୍ର କିନ୍ତୁ ଅଲଗା। ଆଧୁନିକତାର ଚାକଚକ୍ୟ ମଧ୍ୟରେ ଚାମରଗାଁ ପଞ୍ଚାୟତର ଚେଙ୍ଗଦା ଗାଁ କିନ୍ତୁ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଗ୍ରାମକୁ ଖଣ୍ଡିଏ ସ୍ଥାୟୀ ପକ୍କା ସଡ଼କ ନଥିବା ବେଳେ ଶିଶୁ ମାନଙ୍କ ପୋଷଣ ଓ ପ୍ରାଥମିକ ଶିକ୍ଷା ଲାଗି ଅଙ୍ଗନବାଡ଼ି କେନ୍ଦ୍ର କିମ୍ବା ସ୍କୁଲ ଟିଏ ମଧ୍ୟ ନାହିଁ। ମୁଖ୍ୟ ରାସ୍ତାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ଏହି ଗ୍ରାମର ପ୍ରାୟ ସତୁରୀ ପରିବାରର ୬୦୦ରୁ ଅଧିକ ଗ୍ରାମବାସୀ କାଦୁଅ ଓ ଖାଲ ଢ଼ିପ ରାସ୍ତାରେ ଯାତାୟତରେ ଦୁରାବସ୍ଥା ଭୋଗୁଛନ୍ତି। ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ସ୍ଥାନୀୟ ନେତା ଓ ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ଫୋରମ୍ ରେ ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ପ୍ରଶାସନର ଅବହେଳା ଓ ଜନ ପ୍ରତିନିଧିଙ୍କ ଦାୟିତ୍ୱହୀନତା ଯୋଗୁଁ ଏବେ



ଭୋଟ ବର୍ଜନ ଚେତାବନୀ

ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନେତା ଓ ଅଫିସରଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଅତିଷ୍ଠ ହୋଇ ଚେଙ୍ଗଦା ଗ୍ରାମବାସୀ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭୋଟ ଦାନରୁ ବିରତ ରହିବେ ବୋଲି କୋଠର ଚେତାବନୀ ଦେଇଛନ୍ତି। ସେମାନଙ୍କ କହିବା ଅନୁସାରେ "ରାସ୍ତା ନାହିଁ ତ ଭୋଟ ନାହିଁ" ନ୍ୟାୟରେ ଜିଦ୍ ରେ ଅଟଳ ରହିବେ ବୋଲି ସୂଚନା ଦେଇଛନ୍ତି। ଗ୍ରାମ୍ୟ କମିଟି ସଭାପତି ଗିରିଜା ଶଙ୍କର ଗିରିଙ୍କ ନେତୃତ୍ୱରେ ସଞ୍ଜୟ କୁମାର ଜେନା, ମାନସ ଆଚାର୍ଯ୍ୟ, କୁଞ୍ଜବିହାରୀ ଜେନା,ରାସ ବିହାରି ଗିରି, ହୃଷୀକେଶ ଗିରି, ବଳରାମ ଗିରି, ଗୋପି ବଲ୍‌ହଭ ଦାସଙ୍କ ପ୍ରମୁଖ ସମସ୍ତ ଗ୍ରାମବାସୀ ଦୃଢ଼ ନିଷ୍ପତ୍ତି ସମ୍ପର୍କରେ ପ୍ରଶାସନକୁ ଅବଗତ କରିଛନ୍ତି। ନିର୍ବାଚନ ପୂର୍ବରୁ ବିହିତ ପଦକ୍ଷେପ ନନେଲେ ଭୋଟ କେନ୍ଦ୍ରକୁ ଯିବେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

ବିଦେଶୀ ମଦ ଦୋକାନ ପାଇଁ ଲଟେରି ଉଠାଣ ସମ୍ପନ୍ନ

କେନ୍ଦୁଝର, ୨।୬(ସମିସ): କେନ୍ଦୁଝର ଜିଲ୍ଲାରେ ବିଦେଶୀ ମଦ ଦୋକାନ ଆବଣ୍ଟନ ପାଇଁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଲଟେରି ଉଠାଣ ପ୍ରକ୍ରିୟା ସଫଳତା ଓ ସ୍ୱଚ୍ଛତାର ସହ ସମ୍ପନ୍ନ ହୋଇଥିବା ଜଣାଯାଇଛି। ଜିଲ୍ଲା ସାରା ଥିବା ୭୦ଟି ବିଦେଶୀ ମଦ ଦୋକାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୪ଟି ଦୋକାନ ପାଇଁ କୌଣସି ଆବେଦନ ହୋଇ ନଥିଲା। ବାକି ୬୬ଟି ଦୋକାନ ଆବେଦନ ପାଇଁ ୭୭୫ ଜଣ ଆବେଦନକାରୀଙ୍କଠାରୁ ସମୁଦାୟ ୨,୦୩୩ଟି ଆବେଦନ ପ୍ରାପ୍ତ ହୋଇଥିଲା। ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଅବକାରୀ ଅଧୀକ୍ଷକ ତେଜରାଜ ଜାନି ଓ ଅନ୍ୟ ଅଧିକାରୀ ଏବଂ ଆବେଦନକାରୀଙ୍କ ଉପସ୍ଥିତିରେ ଆଖିରେ କଳା ପଟି ପରିଧାନ କରି ଏହି ଲଟେରି ଉଠାଣ କରାଯାଇଥିଲା।

ନିଜେ ରାସ୍ତା ତିଆରି କଲେ ଗ୍ରାମବାସୀ

ତୁରୁମୁଙ୍ଗା, ୨।୬(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ କୁମୁଲାବାହାଲି ନିକଟରେ ପାଟଣା-ଠାକୁରମୁଣ୍ଡା ରାସ୍ତାର କୁମୁଲାବାହାଲି ତେଲନଦୀ ପୋଲ ନିକଟରେ ୧ କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ରାସ୍ତାରେ ଆଣ୍ଠୁଏ ଲେଖା ଖାଲ ହୋଇପଡିଥିଲା। ଫଳରେ ସାମାନ୍ୟ ବର୍ଷା ହେଲେ ଦୁଇଚାକିଆ ଯାନ ମଧ୍ୟ ଯିବା କଷ୍ଟକର ହୋଇଉଥିଲା। ଏହି ରାସ୍ତା ଦେଇ ଚଳାଚଳ କରୁଥିବା ଯାତ୍ରୀବାହୀ ବସଠାରୁ ଆରମ୍ଭ କରି ଅନ୍ୟାନ୍ୟ ହାଲୁକା ଯାନ ବାଇକ ଯିବା ଆସିବାରେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟା ନେଇ ବହୁବାର ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ଏହାର କୌଣସି ମିଳି ନଥିଲା। ଶେଷରେ କୁମୁଲାବାହାଲି ଗ୍ରାମବାସୀ ଏବଂ ରାଣିପାଟ ଯୁବ ସଙ୍ଘର ସଦସ୍ୟମାନେ ନିଜସ୍ୱ ଖର୍ଚ୍ଚ ଓ ଶ୍ରମଦାନ କରି ଉକ୍ତ ରାସ୍ତାରେ ପଥର ମୋରମ ବାଲି ପକାଇ ସମତୁଲ କରି ଚଳାଚଳ ଉପଯୋଗୀ କରିଛନ୍ତି। ଉଭୟ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ସଂଯୋଗ କରୁଥିବା ଏହି ରାସ୍ତାକୁ ଯଥାଶୀଘ୍ର ପିଚୁ ବା କଂକ୍ରିଟ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ପାଟଣା ବ୍ଲକ ଠିକାଦାର ସଙ୍ଘର ନୂଆ କର୍ମକର୍ତ୍ତା

ତୁରୁମୁଙ୍ଗା, ୨।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଠିକାଦାର ସଂଘର ବୈଠକ ମାଧବାନନ୍ଦ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ନୂତନ ସଭାପତି ଭାବେ ଦୀପକ କୁମାର ମଣ୍ଡଳ, ସମ୍ପାଦକ ଭାବେ ପ୍ରକାଶ କୁମାର ସେଠୀ ଚୟନ ହୋଇଛନ୍ତି। ବାହାର ଅଞ୍ଚଳର ଠିକାଦାରଙ୍କୁ ଟେଣ୍ଡର ପ୍ରକ୍ରିୟାରେ ଦୃଢ଼ ବିରୋଧ କରାଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ଲାଇସେନ୍ସପ୍ରାପ୍ତ ଠିକାଦାରମାନେ ସିଡୁଲ ରେଟରେ କାମ ପକାଇ କାମ କରିପାରିବେ ବୋଲି କୁହାଯାଇଛି। ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ସହ ବାହାର ଅଞ୍ଚଳ ଠିକାଦାରଙ୍କୁ ଟେଣ୍ଡର ପ୍ରକ୍ରିୟାରେ ସାମିଲ ନକରିବାକୁ ନିଷ୍ପତ୍ତି ନିଆଯାଇଥିଲା। କୋଷାଧ୍ୟକ୍ଷ ଭାବେ ଗୋବିନ୍ଦ ପୃଷ୍ଟି, ଉପଦେଷ୍ଟା ଭାବେ ମାଧବାନନ୍ଦ ପୃଷ୍ଟି, ଉପସଭାପତି ଭାବେ ପ୍ରିୟରଞ୍ଜନ ସିଂହ, ସହସମ୍ପାଦକ କମଳ ଲୋଚନ ମହାନ୍ତ, କାର୍ଯ୍ୟକାରୀ କମିଟିରେ ସୁରେଶ ସାହୁ, ରାମଚନ୍ଦ୍ର ସାହୁ, ଭୋଲାନାଥ ସେଠୀ, ଜୁଲିୟସ ସିଂ, ରବିନନ୍ଦନ ମହାନ୍ତ ପ୍ରମୁଖ ସଂଘର କାର୍ଯ୍ୟକର୍ତ୍ତା ଭାବେ ମନୋନୀତ ହୋଇଥିଲେ। ବୈଠକରେ ତ୍ରିଲୋଚନ ସାହୁ, ସରୋଜ ସେଠୀ, ପ୍ରଦୀପ ମହାନ୍ତ, କବିର ନାଏକ, ପ୍ରଭଞ୍ଜନ ଚୌଧୁରୀ, ସରୋଜ ସେଠୀଙ୍କ ସହିତ ଅନ୍ୟ ଠିକାଦାରମାନେ ସାମିଲ ଥିଲେ।

ଚମ୍ପୁଆ କଣ୍ଟ୍ରାକ୍ଟର ସଂଘର ଜରୁରୀ ବୈଠକ

ଚମ୍ପୁଆ, ୨।୬(ସମିସ): ନେହରୁ ଷ୍ଟାଡିଅମଠାରେ ଚମ୍ପୁଆ କଣ୍ଟ୍ରାକ୍ଟର ସଂଘର ଏକ ଜରୁରିକାଳୀନ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଗିରିଜା ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ କଣ୍ଟ୍ରାକ୍ଟରଙ୍କ ସ୍ୱାର୍ଥରକ୍ଷା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ସିଡ୍ୟୁଲ ରେଟରେ ଟେଣ୍ଡର ପକାଇବା, ବାହାର ଅଞ୍ଚଳର କଣ୍ଟ୍ରାକ୍ଟରଙ୍କ ପ୍ରବେଶ ବିରୋଧରେ ଆଲୋଚନା ହୋଇଥିଲା। ଚମ୍ପୁଆରେ ବାହାର କଣ୍ଟ୍ରାକ୍ଟରମାନେ ନିମ୍ନମାନର କାମ ଓ ମେଟେରିଆଲ ବ୍ୟବହାର କରୁଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା। ପରବର୍ତ୍ତୀ ବୈଠକ ୩ ତାରିଖ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ନଗର ଭବନଠାରେ ହେବାକୁ ସ୍ଥିର ହୋଇଥିଲା। ହବି ଦାସ, ଟିକୁ ସାହୁ, ଶୁକ ସାହୁ, ଏମଡି. ଆଲଫାଜ, ମେବାସିର ଆଲମ (ବଡକୁ), ଏମଡି. ମେଜାହିଦ୍, ବାପି ମିଶ୍ର, ଅବଦୁଲ ସତ୍ତାର, ମାରୁଫ ରାଜା ଓ ଗୁଲରେଜ୍ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ।

ଦୁଇ ବାଇକ୍ ଧକ୍କାରେ ଜଣେ ଗୁରୁତର

୩ ଆହତ

ତୁରୁମୁଙ୍ଗା, ୨।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା କେନ୍ଦେଇପଶି ପାଟଣା ରାସ୍ତାର ଖୁଣ୍ଟାପଡା ନିକଟରେ ମଙ୍ଗଳବାର ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ତିନିଜଣ ଆହତ ହୋଇଛନ୍ତି। ବିଶ୍ୱଜିତ ନାଏକ ଓ ରଣଜିତ ମହାନ୍ତ ବାଇକ୍ ଯୋଗେ କେନ୍ଦୁଝରରୁ ନିଜ ଘର ମାଛଗଡ଼କୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହ ଧକ୍କା ହୋଇଥିଲା। ଅନ୍ୟ ବାଇକରେ ଥିବା ଖଜିରାପଶି ଗ୍ରାମର କୈଳାସଚନ୍ଦ୍ର ମହାନ୍ତ ଓ ତାଙ୍କ ନାତୁଣୀ ଯାଉଥିଲେ। ଦୁର୍ଘଟଣାରେ କୈଳାସଚନ୍ଦ୍ରଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାରୁ ତାଙ୍କୁ ପ୍ରଥମେ ସ୍ଥାନୀୟ ସ୍ତରରେ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ସରକାରୀ ଅବହେଳା

ଉତ୍ତର ଶିମିଳିପାଳର ସମସ୍ତ ୮ ରେଞ୍ଜର ପଦ ଖାଲି

ବାରିପଦା/କରଞ୍ଜିଆ,୨।୬(ସମିସ):

ଶିମିଳିପାଳ ଜାତୀୟ ଉଦ୍ୟାନକୁ ସୁରକ୍ଷା ଦୃଷ୍ଟିକୋଣରୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଦକ୍ଷିଣ ଶିମିଳିପାଳ ଓ ଉତ୍ତର ଶିମିଳିପାଳ। ଦକ୍ଷିଣ ଶିମିଳିପାଳରେ ୯ଟି ରେଞ୍ଜ କାର୍ଯ୍ୟାଳୟ ଥିବାବେଳେ ଉତ୍ତର ଶିମିଳିପାଳରେ ୮ ଟି ରେଞ୍ଜ କାର୍ଯ୍ୟାଳୟ ରହିଛି। ଏବେ ଡବଲ ଇଞ୍ଜିନ ସରକାରରେ ଏହି ଅଞ୍ଚଳରୁ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ପ୍ରତିନିଧିତ୍ୱ କରୁଛନ୍ତି। ତେବେ କିଛି ମାସ ହେବ ଉତ୍ତର ଶିମିଳିପାଳରେ ରେଞ୍ଜ ଅଫିସରଙ୍କ ମରୁଡ଼ି ଦେଖିବାକୁ ମିଳିଛି। ଗୋଟିଏ ପରେ ଗୋଟିଏ ରେଞ୍ଜ ଅଫିସରେ ରେଞ୍ଜର ପଦବୀ ଖାଲି ପଡ଼ିଛି। ଏମିତିକି ସମସ୍ତ ୮ଟି ରେଞ୍ଜ କାର୍ଯ୍ୟାଳୟର ଜଣେ ହେଲେ ବି ରେଞ୍ଜ ଅଫିସର ନାହାନ୍ତି।

ଗତମାସରେ ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଅବସର ଗ୍ରହଣ ପରେ ଉତ୍ତର ଶିମିଳିପାଳର ସମସ୍ତ ରେଞ୍ଜ ଅଫିସର ପଦ ଖାଲିପଡିଛି। ଠାକୁରମୁଣ୍ଡା ବ୍ୟତୀତ କେନ୍ଦୁମୁଣ୍ଡି, ଗୁଡ଼ଗୁଡ଼ିଆ, ଚହଲା, ବରେହିପାଣି, ତାଳବନ୍ଧ, ନଅଣା ଓ ଇକୋ ଟୁରିଜିମ ରେଞ୍ଜ କାର୍ଯ୍ୟାଳୟରେ ବର୍ତ୍ତମାନ ୩ ଜଣ ଏସିଏଫ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଗୋଟିଏ ଏସିଏଫ ୨/୩ଟି ରେଞ୍ଜ କାର୍ଯ୍ୟାଳୟ ଦାୟିତ୍ୱ ତୁଲାଇବା କଷ୍ଟକର ହେଉଛି। ଯଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହେବାରେ ଲାଗିଛି। ଉନ୍ନୟନ କାର୍ଯ୍ୟ, ପାଟ୍ରୋଲିଂ ଆଦି କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜାତୀୟ ଉଦ୍ୟାନର ଉତ୍ତର ଶିମିଳିପାଳରେ ସମସ୍ତ ରେଞ୍ଜ ଅଫିସର ପଦବୀ ଖାଲି ପଡ଼ିବା ଏହା ହେଉଛି ପ୍ରଥମ ଘଟଣା। ସବୁଠୁ ଚିନ୍ତାର ବିଷୟ ଏବେ ୮ଟି ରେଞ୍ଜ ଅଫିସର ଦାୟିତ୍ୟରେ ଥିବା ୩ ଜଣ ଏସିଏଫଙ୍କର

ମଧ୍ୟ ବଦଳି ହେଉଛି। ଖୁବଶୀଘ୍ର ଉତ୍ତର ଶିମିଳିପାଳ ବନ୍ୟପ୍ରାଣୀ ଡିଭିଜନରୁ ସେମାନେ ରିଲିଫ ହେବେ। ସରକାର ଯଦି ଗୁରୁତ୍ୱ ନ ଦିଅନ୍ତି ଆଗକୁ ଆହୁରି ସମସ୍ୟା ଜଟିଳ ହେବ। ରେଞ୍ଜ ଅଫିସର ନ ରହିବା କାରଣ ହେଉ କିମ୍ବା ଅନ୍ୟ କାରଣରୁ ଏବେ ଶିମିଳିପାଳରୁ ବନ୍ୟଜନ୍ତୁ ଗାଁମୁହାଁ ହେଲେଣି। ଏମିତିକି ଶିମିଳିପାଳ ବାହାରକୁ ମଧ୍ୟ ଆସୁଛନ୍ତି ବନ୍ୟଜନ୍ତୁ। ହାତୀ ଅନେକ ସମୟରେ ଆସି ବ୍ୟାପକ କ୍ଷୟକ୍ଷତି କରୁଥିବାବେଳେ ବାଘ ମଧ୍ୟ ଶିମିଳିପାଳରୁ ବାହାରି ଗାଁ ମୁହାଁ ହେଉଛି। ଶିମିଳିପାଳ ଓ ଶିମିଳିପାଳ ପାଦଦେଶରେ ବାଘ ଆତଙ୍କ ଲାଗି ରହିଛି। ଦୁଧିଆଣି ରେଞ୍ଜ ଦାୟିତ୍ୱରେ ଥିବା ଅଫିସର ମହାବୀର ସିଂ ମୁର୍ମୁଙ୍କ ସୂଚନା ଅନୁଯାୟୀ ଡିସେମ୍ବର କିମ୍ବା ଜାନୁୟାରୀ ମାସରେ ଗୋଟିଏ ସପ୍ତାହ ମଧ୍ୟରେ ୨୦ଟି ଛେଳିକୁ ବାଘ ଖାଇଛି। ଦିନକ ତଳେ ଯଶିପୁର ଥାନା ଅନ୍ତର୍ଗତ ବସନ୍ତପୁର ଗାଁର ସାଧୁ ନାଏକଙ୍କ ବାଘ ଆକ୍ରମଣରେ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ଏ ନେଇ ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ କହିଛନ୍ତି, ରେଞ୍ଜ ଅଫିସରଙ୍କ ନିଯୁକ୍ତି ଓ ବଦଳି ସରକାରଙ୍କ ହାତରେ। ଯେପର୍ଯ୍ୟନ୍ତ କେହି ଆସି ନାହାନ୍ତି ସେତେ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ଫରେଷ୍ଟରଙ୍କୁ ରେଞ୍ଜ ଅଫିସ ଦାୟିତ୍ୱ ଦିଆଯିବ। ଏବେ ଆର୍ଥିକ ବର୍ଷ ଶେଷ ହେଇଥିବାରୁ ଉନ୍ନୟନ କାର୍ଯ୍ୟ ଚାଲୁନାହିଁ। ଯେମିତି ପାଟ୍ରୋଲିଂ ହେବା କଥା, ସେମିତି ପାଟ୍ରୋଲିଂ ହେଉଛି। ସେଭଳି କୌଣସି ବଡ଼ ଅସୁବିଧା ଦେଖିବାକୁ ମିଳିନାହିଁ। ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ନିଜ ଅଞ୍ଚଳ ଓ ଶିମିଳିପାଳର ହିତ ଦୃଷ୍ଟିରୁ ତୁରନ୍ତ ରେଞ୍ଜ ଅଫିସର ନିଯୁକ୍ତ ପାଇଁ ଧ୍ୟାନ ଦେବାକୁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ନିବେଦନ କରିଛନ୍ତି।

ହାତୀକୁଚା ପୁରୁଣାସାହି ମିନି ସମର କପ୍ କ୍ରିକେଟ୍ ଉଦ୍‌ଯାପିତ

କେନ୍ଦୁଝର,୨।୬(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ

ହାତୀକୁଚା ପୁରୁଣାସାହି ଆନୁକୂଲ୍ୟରେ ଖୁଣ୍ଟାପଡା ଖେଳପଡିଆରେ ଦୁଇଦିନ ଧରି ଚାଲିଥିବା ମିନି ସମର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ୍ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ନରସିଂହପୁରକୁ ହରାଇ ସିଲିସୁଆଁ ଚାମ୍ପିଅନ ହୋଇଛି। ପାପୁନି ନାଏକ ଓ କନ୍ଦର୍ପ ନାଏକ ଖେଳ ପରିଚାଳନା କରିଥିଲେ। ଜଗନ୍ନାଥ ଗିରି ଧାରା ବିବରଣୀ ଦେଇଥିଲେ। ସ୍କୋରର ଥିଲେ ଗଗନ ବିହାରୀ ମହାନ୍ତ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ବ୍ଲକ ଚିନାମାଲିପୋଶି ହାଇସ୍କୁଲର ହିନ୍ଦୀ ଶିକ୍ଷକ ଅଭିମନ୍ୟୁ ନାଏକ, ମୁଖ୍ୟବକ୍ତା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ଦେହୁରୀ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ କମିଟିର ସଭାପତି ଦଶରଥ ଗିରି, ସମ୍ପାଦକ ଅଭିଷେକ ଗିରି, କୋଷାଧ୍ୟକ୍ଷ ଆକାଶ ଦେହୁରୀ, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ନାଏକ, ରାଜ ମୁଖି, କିଶୋର ମୁଖି, ତାରିଣୀ ପ୍ରସାଦ ଦେହୁରୀ, ହରିଶ୍ଚନ୍ଦ୍ର ପ୍ରଧାନ, ସମ୍ଭୁନାଥ ନାଏକ, ଘନଶ୍ୟାମ ନାଏକ, ରାଜୁ ଦେଓ, ଚିନ୍ମୟ ନାଏକ, ତନ୍ମୟ ଭଞ୍ଜ, ଗଙ୍ଗା ମୁଣ୍ଡା ସହଯୋଗ କରିଥିଲେ।

ବାଲକା ଗ୍ରାମରୁ ମୃତ ହରିଣ ଉଦ୍ଧାର

ବେତନଟୀ,୨।୬(ସମିସ): ବେତନଟୀ ରେଞ୍ଜ ଅଧିନ ବାଲକା ଗ୍ରାମରୁ ମଙ୍ଗଳବାର ଦିନ ଏକ ମୃତ ହରିଣକୁ ବେତନଟୀ ବନବିଭାଗ ଉଦ୍ଧାର କରିଛି। ଏକ ହରିଣ ସ୍ଥାନୀୟ ଜଙ୍ଗଲରୁ ବାହାରି ଜନବସତି ଅଞ୍ଚଳକୁ ଆସି ବୈଶିଙ୍ଗା ନିକଟ ବାଲକା ଗ୍ରାମରେ ପଶିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଏହି ହରିଣକୁ ଦେଖି ଗୋଡ଼ାଇବାରୁ ହରିଣଟି ଦୌଡୁଥିବା ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ବାଲକା ଗ୍ରାମର ଜଣେ ବ୍ୟକ୍ତି ବେତନଟୀ ରେଞ୍ଜ କାର୍ଯ୍ୟାଳୟକୁ ଜଣାଇବା ପରେ ବେତନଟୀ ରେଞ୍ଜର ଧୃବେନ୍ଦ୍ର ନାଥଙ୍କ ନିର୍ଦ୍ଦେଶରେ ବୈଶିଙ୍ଗା ଭାରପ୍ରାପ୍ତ ବନପାଳ ଦୀପକ ପାତ୍ର ତାଙ୍କ ସହିତ ସହଯୋଗୀ କର୍ମଚାରୀଙ୍କ ସହିତ ବାଲକା ଗ୍ରାମକୁ ଯାଇ ମୃତ୍ୟୁ ହରିଣକୁ ଅଫିସ ବୋଲେରୋ ଦ୍ୱାରା ବେତନଟୀ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ। ଏହି ହରିଣର ବୟସ ପ୍ରାୟ ୪ ବର୍ଷ ହୋଇଥିବାବେଳେ ଓଜନ ୨୦ କେଜି ହେବ ବୋଲି ଅନୁମାନ କରାଯାଇଛି। ବୈଶିଙ୍ଗା ବିଡିଓ ପାର୍ଥସାରଥୀ ସେନାପତି, ବେତନଟୀ ଭିଏସ ଶୁଭଶ୍ରୀ ମାଡାମଙ୍କ ଦ୍ୱାରା ମୃତ ହରିଣର ଶବକୁ ବ୍ୟବଚ୍ଛେଦ କରିବା ପରେ ବେତନଟୀ ରେଞ୍ଜ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଥିବା ସୂଚନା ମିଳିଛି।

ରକ୍ତଦାନ ଶିବିର: ୨୩୭ ୟୁନିଟ୍ ସଂଗୃହୀତ

ବାରିପଦା, ୨।୬(ସମିସ): ପୂର୍ବବର୍ଷ ଭଳି ଏ ବର୍ଷ ମଧ୍ୟ ରକ୍ତଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ଜନ୍ମଦିନ ପାଳନ କଲେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି। ବିଶିଷ୍ଟ ସମାଜସେବୀ ମୁରାରୀଲାଲ ଶର୍ମା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ ଓ ଗଣେଶ୍ୱର ପାତ୍ର, ପ୍ରିୟବ୍ରତ ମାଝୀ, ପ୍ରିୟବ୍ରତ ମାରାଣ୍ଡି, ସୁବୋଧ ମାରାଣ୍ଡି, ନୀଳଗିରି ବ୍ଲକ ଅଧ୍ୟକ୍ଷ ଶୁଭଲକ୍ଷ୍ମୀ ମାଝୀ, ଶାମାଖୁଣ୍ଟା ବ୍ଲକ ଅଧ୍ୟକ୍ଷ ଚନ୍ଦ୍ରମୋହନ ସିଂହ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ରାଜ୍ୟ ସମ୍ପାଦକ ଜିତେନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି, ଦୀପକ ମହୁଆଳ, ଛାତ୍ର ନେତା ସୁନୀଲ ନାୟକ, ଆଭାସ ଦେ, ଜିତ ପଟ୍ଟନାୟକ, କାଉନସିଲର ଅନନ୍ତ ଦାସ, ପ୍ରଭାତ ମହାନ୍ତି, ସୁକେସିନୀ ସେଠୀ, ପ୍ରଭାତୀ ପୃଷ୍ଟି, ଲିଟନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଆନନ୍ଦ ଟୁଡୁ, ଦୁର୍ଗା ମାର୍ଣ୍ଡି, ମଧୁସୂଦନ ସିଂହ, ଧାନୀ କିସ୍କୁ, ପରେଶ ମୁଣ୍ଡା, ବରିଷ୍ଠ ଚିକିତ୍ସକ ଡା ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ଡା ଶିବାନନ୍ଦ ମହାନ୍ତି, ଡା ଦୁର୍ଗାମାଧବ ଦାସ ଓ ଡା ମମତା ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ସୁଦାମ ମାରାଣ୍ଡିଙ୍କୁ ଜନ୍ମଦିନ ଅବସରରେ ଅଭିନନ୍ଦନ ଜଣାଇବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ୨୩୭ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସମାଜସେବୀ ଅମର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ପରିଚାଳନାରେ ପ୍ରିୟନାଥ ମାଝୀ, ସୋମନାଥ ସିଂହ, ଦୀପକ ମିଶ୍ର, ମଙ୍ଗଳ ହାଁସଦା, ରବିନାରାୟଣ ବେହେରା ଓ କିଚକେଶ୍ୱର ବେହେରା ସହଯୋଗ କରିଥିଲେ। ଓଡ଼ିଶା ରକ୍ତଭଣ୍ଡାର, ବାରିପଦାର ରକ୍ତଭଣ୍ଡାର ଅଧିକାରୀ ଡା ସୌମ୍ୟରଞ୍ଜନ ନାୟକ ଓ ମେଡିକାଲ ଅଫିସର ଡା ନୀଲେଶ ଦାସଙ୍କ ନେତୃତ୍ୱରେ ପୁଣ୍ଡରିକାକ୍ଷ ଦାସ, ନିଶିଥ ଦାସ, ସୁକୁଲ ହାଁସଦା, ବିଜୟ ମୁର୍ମୁ, ବବିତା ପାତ୍ର, ଛବି ମହାନ୍ତ, ପାର୍ଥସାରଥୀ ମହାନ୍ତ ଓ କରୁଣାକର ଜେନା ରକ୍ତ ସଂଗ୍ରହ କରିଥିଲେ।

ମିଳୁନି କୃଷି ଋଣ; ପାକ୍ସରେ ପଡ଼ିଲା ତାଲା

ଆନନ୍ଦପୁର, ୨।୬ (ସମିସ): କୃଷି ଋଣ ପ୍ରଦନରେ ଟାଳଟୁଳ ନୀତିକୁ କେନ୍ଦ୍ରକରି ସମବାୟ ସମବାୟ ସମିତିରେ ତାଲା ପକାଇଲେ ଚାଷୀ। ଆନନ୍ଦପୁର ବ୍ଲକ୍ ପଞ୍ଚୁପଲ୍ଲୀସ୍ଥିତ ପାକ୍ସରେ ଚାଷୀମାନେ ପ୍ରତିବାଦ କରିଛନ୍ତି। ୨୦୨୩ରୁ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ଏ ବାବଦରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ଏଠାକାର ୪ ଜଣ ଚାଷୀ। ପରେ ଏହାର ଏକ ତଦନ୍ତ ହୋଇଥିଲେ ମଧ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଋଣ ଟଙ୍କା ଚଢ଼ିବାକୁ ବାକି ଥିବାବେଳେ ସମବାୟ ସମିତିର ସଭାପତିଙ୍କ ଇସାରାରେ ଏହା ବନ୍ଦ ରହିଥିବା ଖୋଲାଖିଲି ଅଭିଯୋଗ କରିଛନ୍ତି ଚାଷୀ। ସେହିପରି ଗତ ୩ ବର୍ଷ ହେବ ଚାଷୀଙ୍କ ପାଇଁ ଆସୁଥିବା ସାରକୁ ବାଟମାରଣା କରାଯାଉଥିବା ଅଭିଯୋଗ ହୋଇଛି। କୃଷି ଋଣ ପ୍ରଦାନ ନହେଲେ ତାଲା ଖୋଲିବନି ବୋଲି ଜିଦ୍‌ରେ ରହିଛନ୍ତି ଚାଷୀ। ଏହି ଘଟଣା ସମ୍ପର୍କରେ ପଞ୍ଚୁପଲ୍ଲୀ ସେବା ସମମବାୟ ସମିତିର ସଭାପତି କିଶୋର ଜେନା କହିଛନ୍ତି ଯେ ଚାଷୀ ଋଣ ନେଇ ଆଉ ଶୁଝୁ ନାହାଁନ୍ତି। ଗୋଟିଏ ପରିବାର ଉପରେ ୩୦ ଲକ୍ଷରୁ ଅଧିକ ଟଙ୍କାର ଋଣ ରହିଥିଲେ ମଧ୍ୟ ସେମାନେ ଶୁଝିବାକୁ ନାରାଜ୍। ଏଭଳି କ୍ଷେତ୍ରରେ କମ୍ ଜମି ଥିବା ଚାଷୀ ଅବା ଋଣ ପରିଶୋଧ କରିବାର ମନବୃତ୍ତି ଦେଖାଉ ନଥିବାରୁ ଏବଂ ଋଣ ବ୍ୟବସ୍ଥାର ସଠିକ ପରିଚାଳନା ପାଇଁ ପରବର୍ତ୍ତୀ ଋଣ ଦେବା ସମ୍ଭବପର ହେଉନାହିଁ।

● ଷଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଦର୍ଶକଙ୍କୁ ବିମୋହିତ କଲା ନାଟକ 'ନିଷ୍ପତ୍ତି'

ବାରିପଦା,୨।୬(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଚାଲିଥିବା ଷଷ୍ଠ ବାର୍ଷିକ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ନିଷ୍ପତ୍ତି'। ପରିବାରର ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକ ସଂଜୀବ ଦ୍ୱିବେଦୀ ଓ ବିଶିଷ୍ଟ ବ୍ୟବସାୟୀ ମନୋଜ କୁମାର ଷେଣ୍ଢ ଓ ପରିବାରର ମୁଖ୍ୟ ଉପଦେଷ୍ଟା ତଥା ପ୍ରତିଷ୍ଠିତ ଅଭିନେତା ନିର୍ଦ୍ଦେଶକ ଧୀର ବଶା କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ସମ୍ପାଦକ ଅସିତ ଗିରି ଧନ୍ୟବାଦ ଅର୍ପଣ କରିଥିବାବେଳେ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ସମ୍ଭାବନା ସାଂସ୍କୃତିକ ପରିଷଦ ପ୍ରଯୋଜିତ ଓ କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଓ ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ ନାଟକରେ ଧର୍ମପଦ ନନ୍ଦି, ଲଭରଜିତ ସାହୁ, ଅଭିଷେକ ଦାସ, ଘନଶ୍ୟାମ କର, ସତ୍ୟନାରାୟଣ ପରିଡା, ଧର୍ମଜିତ ମହାପାତ୍ର, କ୍ରିଷ୍ଣା ଦାସ ଓ ସୁଶ୍ରୀ ପ୍ରଜ୍ଞା ଅଭିନୟ କରିଥିବାବେଳେ ସଂଗୀତରେ ସର୍ବେଶ୍ୱର ପାତ୍ର, ମଞ୍ଚ ସଜ୍ଜାରେ ନରସିଂହ ବାରିକ, ସହ ନିର୍ଦ୍ଦେଶନାରେ ନିକିତା ମହାନ୍ତି ଓ କାର୍ତ୍ତିକ ଚନ୍ଦ୍ର ବେହେରା, ଆଲୋକରେ ଆନିକେତ ଦା, ମଞ୍ଚ ପରିଚାଳନାରେ ହିମାଂଶୁ ସାହୁ, ଓ ନୃତ୍ୟରେ ଦେବାନନ୍ଦ ପାତ୍ର ଓ ସାଥି ସହଯୋଗ କରିଥିଲେ। ଆଜିର ସମାଜରେ ସାଧାରଣ ପରିବାରଟିଏ ଯେତେବେଳେ କୁଚକ୍ରରେ ପଡ଼ି ତଳିତଳାନ୍ତ ହୋଇଯାଏ, ସେତେବେଳେ ଅନ୍ତରାତ୍ମା ବିଦ୍ରୋହୀ ହୋଇଉଠେ, ଆଉ ମନନିଏ କଠୋର ନିଷ୍ପତ୍ତି। ଏହି ବିଷୟବସ୍ତୁ ଉପରେ ଆଧାରିତ ନାଟକରେ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ନାଟ୍ୟକାର ଓ ନିର୍ଦ୍ଦେଶକଙ୍କ ସମେତ ସମସ୍ତ କଳାକାରଙ୍କୁ ଆୟୋଜକଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା। ବୁଧବାର ନୂପୁର ସାଂସ୍କୃତିକ ପରିବାର ନିବେଦିତ ତଥା ଡଃ କୁମରମଣି ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଚକ୍ରବ୍ୟୁହ' ମଞ୍ଚସ୍ଥ ହେବ ବୋଲି ଗଣମାଧ୍ୟମ ସଂଯୋଜକ ଶ୍ରୀ ସିଂହ ଜଣାଇଛନ୍ତି।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ

ବାରିପଦା,୨।୬(ସମିସ): ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥ ସମ୍ମିଳନୀ କକ୍ଷରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇ ବାରିପଦା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଶୋଭାଯାତ୍ରା ମାଧ୍ୟମରେ ତମାଖୁ, ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବ୍ୟବହାରର ସ୍ୱାସ୍ଥ୍ୟଗତ, ସାମାଜିକ ଓ ଆର୍ଥିକ କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ବିଭିନ୍ନ ପାନ ଦୋକାନ ଓ ସାଧାରଣ ଲୋକଙ୍କ ମଧ୍ୟରେ ତମାଖୁ ବ୍ୟବହାରର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପରବର୍ତ୍ତୀ ସଚେତନତା ସଭାରେ ବକ୍ତା ତମାଖୁ ସେବନ ଦ୍ୱାରା ମୁଖ କର୍କଟ, ଫୁସଫୁସ କର୍କଟ, ହୃଦରୋଗ, ଷ୍ଟ୍ରୋକ ଭଳି ଗୁରୁତର ରୋଗ ସୃଷ୍ଟି ହେବା ସହ ଏହା ପରିବେଶ ଉପରେ ମଧ୍ୟ କୁପ୍ରଭାବ ପକାଉଥିବା ଉପରେ ଆଲୋକପାତ କରିଥିଲେ। ତମାଖୁର ପ୍ରଭାବ ଶିଶୁ ଓ ଯୁବପିଢ଼ି ଉପରେ କିପରି ପଡୁଛି ଓ ସମାଜର ସମସ୍ତ ସ୍ତରରେ ସଚେତନତା ବୃଦ୍ଧି ମାଧ୍ୟମରେ ଏହାକୁ ରୋକାଯାଇପାରିବ ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ତମାଖୁ ବିରୋଧୀ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ ଦାସ, ଜିଲ୍ଲା ଡ୍ରଗ୍ କଣ୍ଟ୍ରୋଲର ରୁଦ୍ରନାରାୟଣ ସାହୁ, ଅଣସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଜ୍ଞାନେନ୍ଦ୍ର ମହାନ୍ତି, ଅତିରିକ୍ତ ପୁଲିସ ଅଧୀକ୍ଷକ ମମତା ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନୀଲ ମହାନ୍ତି ପ୍ରମୁଖ ତମାଖୁ ନିୟନ୍ତ୍ରଣ, କୋଟପା ଆଇନର କାର୍ଯ୍ୟକାରିତା ଓ ତମାଖୁମୁକ୍ତ ମୟୂରଭଞ୍ଜ ଗଠନ ନେଇ ନିଜ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଘାସିରାମ ମୁର୍ମୁ, ଟାଟା ମେମୋରିଆଲ ସେଣ୍ଟରର ପ୍ରତିନିଧି ଏବଂ କହ୍ନେଇ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଉଦଳା,୨।୬(ସମିସ): ବିଦ୍ୟୁତ ବିଭାଗ ଅବହେଳା ପାଇଁ ଚାଲିଗଲା ଜୀବନ। ଗାଁ ଭିତରେ କମ ଉଚ୍ଚତାରେ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ଚାଲିଯାଇଛି ଯୁବକଙ୍କ ଜୀବନ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବରହମପୁର ଥାନା ହାତୀକୋଟ ଗ୍ରାମରେ। ଗ୍ରାମର କୃତ୍ତିବାସ ବେହେରା ଆଜି ସକାଳୁ ନିଜ ଘରକୁ ବିଦ୍ୟୁତ ସଂଯୋଗ ନିମନ୍ତେ ସର୍ଭିସ ତାର ଟାଣୁଥିଲେ। ଏହି ସମୟରେ ଗ୍ରାମ ଭିତରେ କମ ଉଚ୍ଚତାରେ ଥିବା ୧୧ ତାର ସଂସ୍ପର୍ଶରେ ସେ ଆସିଥିଲେ। ଫଳରେ ବିଦ୍ୟୁତ ଆଘାତ ପାଇଥିଲେ। ସେ ଛିଟିକି ପଡ଼ିଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମ ଭିତରେ ୧୧ କେଭି ବିଦ୍ୟୁତ ତାର ଯିବା ବାବଦରେ ଗ୍ରାମବାସୀ ବାରମ୍ବାର ବିଭାଗକୁ ଅଭିଯୋଗ କରିଥିଲେ ସୁଦ୍ଧା ତାହା ନ ହଟାଇବାରୁ ଆଜି ଅଘଟଣ ଘଟିଥିବା ମୃତକଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି।

ଏସ୍‌ଆଇଆର ନେଇ ସଚେତନତା ରଥ ଶୁଭାରମ୍ଭ

ଗୁଜବରେ ଭ୍ରମିତ ନ ହୋଇ ସଂଶୋଧନ ପ୍ରକ୍ରିୟାରେ ସହଯୋଗ ପାଇଁ ନିବେଦନ

ରାଇରଙ୍ଗପୁର,୨।୬(ସମିସ):

ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ରାଜ୍ୟବ୍ୟାପୀ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସଚେତନତା ରଥ ଶୁଭାରମ୍ଭ ହୋଇଛି। ସବିଶେଷ ସୂଚନା ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା, ଉକ୍ତ କାର୍ଯ୍ୟର ସଫଳତା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବା ଉଦ୍ଦେଶ୍ୟରେ ସାଧାରଣ ଜନତାଙ୍କୁ ସଚେତନ କରାଇବା ନିମନ୍ତେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁଭାରମ୍ଭ ହୋଇଛି। ଉପଜିଲ୍ଲାପାଳ ଉଗ୍ରସେନ ଓରାମ ଓ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା ପତାକା ଦେଖାଇ ରାଇରଙ୍ଗପୁର ଓ ସାରସକଣା ନିର୍ବାଚନ ମଣ୍ଡଳୀ ପାଇଁ ଦୁଇ ଗୋଟି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଉକ୍ତ ସଚେତନତା ରଥ ରାଇରଙ୍ଗପୁର ଓ ସାରସକଣା ନିର୍ବାଚନମଣ୍ଡଳୀରେ ପରିଭ୍ରମଣ କରି ସ୍ୱତନ୍ତ୍ର ସଘନ ସଂଶୋଧନର ସମ୍ପୂର୍ଣ୍ଣ ପ୍ରକ୍ରିୟା

ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ସଚେତନତା ବାର୍ତ୍ତା ପହଞ୍ଚାଇବ। ଆବଶ୍ୟକ ସ୍ଥଳେ ନାଗରିକ ଟୋଲଫ୍ରି ନମ୍ବର ୧୯୫୦ ଜରିଆରେ/ଭୋଟର୍ସ ଡଟ ଇସିଆଇ ଡଟ ଗୋଭ ଡଟ ଇନ ୱେବସାଇଟକୁ ଯାଇ ଇସିଆଇନେଟ ଆପକୁ ଯାଇ ବୁକ ଏ କଲ ଉଇଥ ବିଏଲଓ ସୁବିଧାର ଉପଯୋଗ କରିପାରିବେ। ଏହି ଅବସରରେ ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଶ୍ରୀ ଓରାମ କହିଥିଲେ ଯେ, ଏସ୍‌ଆଇଆର୍ ପ୍ରକ୍ରିୟାର ମୂଳ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାର ସଠିକତା ସୁନିଶ୍ଚିତ କରିବା ଓ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ତଥା ଭୋଟର ତାଲିକାକୁ ଅଦ୍ୟତନ ଓ ସତ୍ୟାପନ କରିବା। ଏହି ଅଭିଯାନ ମାଧ୍ୟମରେ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯିବା ସହ ମୃତ, ସ୍ଥାନାନ୍ତରିତ ଏବଂ ଅଯୋଗ୍ୟ ମତଦାତାଙ୍କ ନାମ ଚିହ୍ନଟ କରି ଭୋଟର ତାଲିକାରୁ ବାଦ ଦେବା। ତତସହିତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଯୋଗ୍ୟତା ସୂଚକ ତାରିଖ ୧ ଜୁଲାଇ ୨୦୨୬କୁ ଦୃଷ୍ଟିରେ ରଖି କୌଣସି ଯୋଗ୍ୟ ଭୋଟର ଯେପରି ଭୋଟରତାଲିକାରୁ ବାଦ୍ ନପଡ଼ନ୍ତି ସେଥିପ୍ରତି ତୀକ୍ଷ୍ଣ ଧ୍ୟାନ ରଖି ଆଗାମୀ ସେପ୍ଟେମ୍ବର ୬ ତାରିଖରେ ପ୍ରକାଶିତ ହେବାକୁ ଥିବା ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ତଥ୍ୟ ସଂଗ୍ରହ କରିବା। ଏହି ପରିପ୍ରେକ୍ଷୀରେ ଜୁନ୍ ୨୮, ୨୦୨୬ ପର୍ଯ୍ୟନ୍ତ ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଘରକୁ ଘର ଯାଇ ମତଦାତାଙ୍କ ସୂଚନା ଯାଞ୍ଚ କରିବା ସହ ପ୍ରତ୍ୟେକ ଭୋଟରଙ୍କ ପାଇଁ ୨ଟି ଲେଖାଏଁ ପରିଗଣନା ଫର୍ମ ବଣ୍ଟନ କରିବେ ଓ ଆବେଦନକାରୀ (ଭୋଟର)ଙ୍କ ଦ୍ୱାରା ପୂରଣ କରାଯାଇସାରିଥିବା ଗୋଟିଏ ପରିଗଣନା ଫର୍ମ ସଂଗ୍ରହ କରିବେ ଓ ଅନ୍ୟ ଗୋଟିକ ପରିଗଣନା ଫର୍ମ ପ୍ରାପ୍ତିସ୍ୱୀକାର ପତ୍ର ଭାବେ ନିର୍ବାଚକଙ୍କୁ ପ୍ରଦାନ କରିବେ। ବିଏଲଓ ମାନଙ୍କ ଏହି ତଥ୍ୟ ସଂଗ୍ରହ ସର୍ଭେ ଓ ପରିଗଣନା ଫର୍ମ ପୂରଣ କାର୍ଯ୍ୟ ସମୟରେ ଜନସାଧାରଣ କୌଣସି ବିଭ୍ରାନ୍ତିକର ଗୁଜବରେ ବିଶ୍ୱାସ ନକରି ସଠିକ ତଥ୍ୟ ପ୍ରଦାନ କରିବା ସହ ବିଏଲଓଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିବା ପାଇଁ ପ୍ରଶାସନ ତରଫରୁ ନିବେଦନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଡେପୁଟି ଜିଲ୍ଲାପାଳ ମାନସ କୁମାର ବେହେରା, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବରିଷ୍ଠ ରାଜସ୍ୱ ସହାୟକ ପ୍ରସାଦ ବେହେରା, ଦୀପକ କୁମାର ମହାନ୍ତ, କେଶବ ନାୟକ, ଡିଇଓ ଦୁର୍ଗା ପ୍ରସାଦ ଦାଶ ପ୍ରମୁଖଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

ଆଉ ୮ ଦିନ

ପ୍ରଥମଥର ୩ଟି ଦେଶରେ ଫିଫା ବିଶ୍ୱକପ୍

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ବିଶ୍ୱ ଫୁଟବଲ୍‌ର ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ମାସାଧିକ ସମୟ ଚାଲିବାକୁ ଥିବା ଏହି ଫୁଟବଲ୍ ମହାକୁମ୍ଭକୁ ଏଥର ୩ଟି ଦେଶ ଆମେରିକା, ମେକ୍ସିକୋ ଓ କାନାଡା ମିଳିତ ଭାବେ ଆୟୋଜିତ କରିବେ। ଏହି ୩ଟି ଦେଶର ୧୬ଟି ସହରରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଅଂଶଗ୍ରହଣକାରୀ ୪୮ଟି ଦେଶକୁ ୧୨ଟି ପୁଲ୍‌ରେ ବିଭକ୍ତ କରାଯାଇଛି।

କିଂବଦନ୍ତୀ ଖେଳାଳି ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ଏଥର ଡିଫେଣ୍ଡିଂ ଚାମ୍ପିଅନ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ୨୦୨୨ ସଂସ୍କରଣ ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରି ଆର୍ଜେଣ୍ଟିନା ଦ୍ୱିତୀୟଥର ଲାଗି ବିଶ୍ୱମୁକୁଟ ପିନ୍ଧିଥିଲା। ସେହିଭଳି ନେମାରଙ୍କ ବ୍ରାଜିଲ ରେକର୍ଡ ୬ଷ୍ଠଥର ଲାଗି ଟାଇଟଲ୍ ଜିତିବା ଲକ୍ଷ୍ୟରେ ବିଶ୍ୱକପ୍‌ରେ ପାଦ ଥାପିଛି। ଅପରପକ୍ଷରେ ଅନ୍ୟତମ ପାୱାରହାଉସ ଜର୍ମାନୀ ପଞ୍ଚମଥର ଚାମ୍ପିଅନ ହୋଇ ବ୍ରାଜିଲ ସହ ସମକକ୍ଷ ହେବାକୁ ଲକ୍ଷ୍ୟ ରଖିଛି। ତେବେ ବିଶ୍ୱକପ୍‌ର ଏହି ସଂସ୍କରଣରେ ଏକାଧିକ ଘଟଣା ପ୍ରଥମଥର ଘଟିବାକୁ ଯାଉଛି।

ପ୍ରଥମଥର ୩ଟି ଆୟୋଜକ ଦେଶ:

ଇତିହାସରେ ପ୍ରଥମଥର ଲାଗି ଫିଫା ବିଶ୍ୱକପ୍ ଏକାଥରକେ ମିଳିତ ଭାବେ ୩ଟି ଦେଶରେ ଖେଳାଯିବ। ୧୯୩୦ରେ ଆୟୋଜିତ ପ୍ରଥମ ସଂସ୍କରଣ ଗୋଟିଏ ଦେଶ ଉରୁଗୁଏରେ ଆୟୋଜିତ ହୋଇଥିଲା। ଏହାର ୭୨ ବର୍ଷ ପରେ ଆୟୋଜିତ ୨୦୦୨ ସଂସ୍କରଣକୁ ଦୁଇଟି ଦେଶ ଜାପାନ ଓ ଦକ୍ଷିଣ କୋରିଆ ମିଳିତ ଭାବେ ଆୟୋଜନ କରିଥିଲେ। କିନ୍ତୁ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମଥର ୩ଟି ଦେଶକୁ ଏଥର ଆୟୋଜନ ଅଧିକାର ମିଳିଛି। ଯଦିଓ ୧୯୯୪ ମସିହା ପରି ଏକାକୀ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଲାଗି ଆମେରିକା ନିକଟରେ ପ୍ରଚୁର ଭିତ୍ତିଭୂମି ରହିଥିଲା, କିନ୍ତୁ କନ୍‌କାଫାଫ (କନଫେଡେରେସନ ଅଫ୍ ନର୍ଥ, ସେଣ୍ଟ୍ରାଲ ଆମେରିକା ଓ କାରବିୟାନ ଫୁଟବଲ ସଂଘ) ୨୦୧୬ରେ କାନାଡା ଓ ମେକ୍ସିକୋ ସହିତ ଏକ ମିଳିତ ବିଡ୍ ଦାଖଲ କରିଥିଲା। ୨୦୧୮ ଫିଫା କଂଗ୍ରେସରେ ମରକ୍କୋକୁ ପଛରେ ପକାଇ ଏହି ୩ଟି ଦେଶର ମିଳିତ ବିଡ୍ ବାଜିମାତ୍ କରିନେଇଥିଲା। ମେକ୍ସିକୋରେ ତୃତୀୟଥର ଲାଗି ଫିଫା ବିଶ୍ୱକପ୍ ଖେଳାଯିବ। ୧୯୭୦ ଓ ୧୯୮୬ରେ ଏହି ଦେଶ ଫିଫା ବିଶ୍ୱକପ୍ ଆୟୋଜନ କରିଥିଲା। କିନ୍ତୁ କାନାଡା ପ୍ରଥମଥର ଲାଗି ଫୁଟବଲର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଆୟୋଜନ ଅଧିକାର ହାସଲ କରିଛି।

ଭାଗନେବେ ସର୍ବାଧିକ ୪୮ ଦଳ:

ଆଗାମୀ ଫିଫା ବିଶ୍ୱକପ୍ ମଧ୍ୟ ସର୍ବାଧିକ ଅଂଶଗ୍ରହଣକାରୀ ଦଳ ଭାବେ ଆଉ ଏକ ରେକର୍ଡ କରିବାକୁ ଯାଉଛି। ଫିଫା ବିଶ୍ୱକପ୍‌ର ୯୬ ବର୍ଷ ଇତିହାସରେ ପ୍ରଥମଥର ଲାଗି ବିଶ୍ୱର ୪୮ଟି ଦେଶକୁ ନେଇ ଏହି ମହାକୁମ୍ଭ ଆୟୋଜିତ ହେବ। ୨୦୨୨ରେ କତାରରେ ଖେଳାଯାଇଥିବା ଅନ୍ତିମ ସଂସ୍କରଣରେ ୩୨ଟି ଦଳ ଭାଗନେଇଥିଲେ। ସେହିଭଳି ୧୯୯୪ରେ ଆମେରିକାରେ ଅନୁଷ୍ଠିତ ସଂସ୍କରଣଠାରୁ ଏଥର ଦୁଇଗୁଣା ଅଧିକ ଦଳ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ୧୯୩୦ରେ ମାତ୍ର ୧୩ଟି ଦେଶକୁ ନେଇ ପ୍ରଥମ ବିଶ୍ୱକପ୍ ଖେଳାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ବଢ଼ି ବଢ଼ି ୧୯୮୨ରେ ୨୪ ଦଳକୁ ପହଞ୍ଚିଥିଲା। ଏଥର ଅଂଶଗ୍ରହଣକାରୀ ଦେଶଙ୍କ ମଧ୍ୟରେ ଜୋର୍ଡାନ, ଉଜବେକିସ୍ତାନ, କ୍ୟୁରସାଓ ଓ କେପ୍ ଭର୍ଡ ପ୍ରଥମଥର ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। କାରିବୀୟାନ ଦେଶ ହାଇତି ୧୯୭୪ ପରେ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଛି। ଅଧିକ ଦଳ ହେଲେ ଫିଫା ପାଇଁ ଅଧିକ ଖେଳ ଏବଂ ଟଙ୍କା ମିଳିବ। ତେଣୁ ୪୮ ଦଳର ବିଶ୍ୱକପ୍ ଆୟୋଜନ ଲାଗି ସର୍ବୋଚ୍ଚ ସଂସ୍ଥା ଫିଫା ନିଷ୍ପତ୍ତି ନେଇଥିଲା।

ଅଧିକ ନକ୍‌ଆଉଟ୍ ରାଉଣ୍ଡ:

୩୨ ଦଳ ଫର୍ମାଟ୍‌ରେ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିବା ପ୍ରକ୍ରିୟା ବହୁତ ସହଜ ଓ ସରଳ ଥିଲା। ଏଥିରେ ୪ଟି ଦଳକୁ ନେଇ ଗୋଟିଏ ଗ୍ରୁପ୍ କରାଯାଉଥିଲା। ମୋଟ୍ ଆଠଟି ଗ୍ରୁପ୍ ହୋଇ ମ୍ୟାଚ୍ ଖେଳାଯାଉଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳ ଅର୍ଥାତ ମୋଟ୍ ୧୬ଟି ଦଳ ନକ୍‌ଆଉଟ୍ (ପ୍ରି-କ୍ୱାର୍ଟର)କୁ ଯୋଗ୍ୟତା ଅର୍ଜନ କରୁଥିଲେ। ଏଥର ବିଶ୍ୱକପ୍‌ରେ ଅଧିକ ୧୬ଟି ଦଳ ଯୋଡ଼ି ହେବା ଫଳରେ ନକଆଉଟ୍‌ର ଆକାର ଦ୍ୱିଗୁଣିତ ହୋଇ ୩୨ ହୋଇଛି। ଅର୍ଥାତ୍ ୩୨ଟି ଦଳ ନକଆଉଟକୁ ଯୋଗ୍ୟତା ଅର୍ଜନ କରିବେ। ଆଗାମୀ ବିଶ୍ୱକପ୍‌ରେ ମୋଟ୍ ୧୦୪ଟି ମ୍ୟାଚ୍ ଖେଳାଯିବ। ଯାହା ୨୦୨୨ ସଂସ୍କରଣଠାରୁ ୩୮ ଅଧିକ।

ଅଧିକ ବିରତି: ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ୧୮୦ ସେକେଣ୍ଡର ବ୍ରେକ୍

ଏଥର ବିଶ୍ୱକପ୍ ମଧ୍ୟ ବିରତି ଦୃଷ୍ଟିରୁ ଭିନ୍ନ ହେବାକୁ ଯାଉଛି। ସାଧାରଣତଃ ୯୦ ମିନିଟ୍ ଅବଧିର ଫୁଟ୍‌ବଲ ମ୍ୟାଚ ଦୁଇଟି ହାଫ୍‌ରେ ଖେଳାଯାଇଥାଏ। ପ୍ରଥମାର୍ଦ୍ଧ ଅର୍ଥାତ୍ ୪୫ ମିନିଟ୍ ପରେ ଖେଳାଳିଙ୍କୁ ୧୫ ମିନିଟ୍‌ର ବ୍ରେକ୍ ମିଳିଥାଏ। ଏଥର ବିଶ୍ୱକପ୍‌ରେ କିନ୍ତୁ ଏକ ନୂଆ ନିୟମ ହୋଇଛି। "ଖେଳାଳି କଲ୍ୟାଣକୁ

ପ୍ରାଥମିକତା ଦେବା' ପାଇଁ ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ଏକ ୩ ମିନିଟ୍ (୧୮୦ ସେକେଣ୍ଡ)ର ବିରତି ରହିବ। ଯେହେତୁ ଆଗାମୀ ବିଶ୍ୱକପ୍ ଗ୍ରୀଷ୍ମଋତୁରେ ଖେଳାଯାଉଛି ତେଣୁ ଫିଫା ଗତ ଡିସେମ୍ବରରେ ଏହି ୩ ମିନିଟ୍ ଅବଧି ବିଶିଷ୍ଟ 'ହାଇଡ୍ରେସନ ବ୍ରେକ' ଘୋଷଣା କରିଥିଲା। ଫଳରେ ଖେଳାଳିମାନେ ଏହି ବିଶ୍ୱକପ୍‌ର ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ଏକ ବ୍ରେକ୍ ପାଇବେ। ଫିଫାର ଏହି ନିଷ୍ପତ୍ତି ପ୍ରସାରଣକାରୀ ଅଂଶୀଦାରମାନଙ୍କୁ ଅଧିକ ବିଜ୍ଞାପନ ଚଲାଇବାର ସୁଯୋଗ ମଧ୍ୟ ଦେଇଛି।

ଅଧିକ ଭିଏଆର:

ଏଥର ଫିଫା ବିଶ୍ୱକପ୍‌ରେ ଅଧିକ ଭିଡିଓ ଆସିଷ୍ଟ ରିପ୍ଲେ (ଭିଏଆର୍)ର ମଧ୍ୟ ବ୍ୟବସ୍ଥା ହୋଇଛି। ଚାରିବର୍ଷ ପୂର୍ବେ ସମ୍ଭାବ୍ୟ ହ୍ୟାଣ୍ଡବଲ, ପେନାଲ୍ଟି କିକ୍ ଆଦିକୁ ନେଇ ରେଫରୀ ଭିଏଆର୍ ଆବେଦନ କରୁଥିଲେ। ୨୦୨୬ ବିଶ୍ୱକପରେ ଖେଳର ସମୀକ୍ଷାକୁ ଆହୁରି ଅଧିକଥର ପୁନଃପ୍ଲେ କରିବାର କ୍ଷମତା ରେଫରିଙ୍କୁ ଦିଆଯାଇଛି। ଅର୍ଥାତ୍ ଏଥର ହ୍ୟାଣ୍ଡବଲ୍ ଓ ପେନାଲ୍ଟି କିକ୍ ବ୍ୟତୀତ ରିପ୍ଲେ ଅଧିକାରୀମାନେ କର୍ଣ୍ଣର କିମ୍ବା ଗୋଲ କିକ୍ ପାଇଁ ଡାକ ସଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରିପାରିବେ।

ବାହୁତୁଲେ ଭାରତର ସ୍ପିନ୍ ବୋଲିଂ କୋଚ୍

ଚଣ୍ଡିଗଡ,୨।୬(ଏଜେନ୍ସି): ଲେଗ୍ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଦ୍ୱିତୀୟଥର ଲାଗି ଭାରତୀୟ କ୍ରିକେଟ ଦଳର ସ୍ପିନ୍ ବୋଲିଂ କୋଚ୍ ନିଯୁକ୍ତ କରାଯାଇଛି। ମୁଲାନପୁରରେ ଆଫଗାନିସ୍ତାନ ସହ ଜୁନ୍ ୬ରୁ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ସେ ଭାରତୀୟ ଦଳ ସହ ଯୋଗଦେବେ। ପୂର୍ବରୁ ରାହୁଲ ଦ୍ରାବିଡ୍ ହେଡ୍ କୋଚ୍ ଥିଲାବେଳେ ବାହୁତୁଲେଙ୍କୁ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱ ମିଳିଥିଲା। ପୂର୍ବରୁ ସେ ଏକାଧିକ ରାଜ୍ୟ ଦଳର ହେଡ୍ କୋଚ୍, ଭାରତ-ଏ' ଦଳର କୋଚ୍ ଦାୟିତ୍ୱ ତୁଲାଇବା ପରେ ନିକଟରେ ପଞ୍ଜାବ କିଙ୍ଗସରେ ସ୍ପିନ୍ ବୋଲିଂ କୋଚ୍ ଭାବେ କାମ କରିଥିଲେ। ୫୩ବର୍ଷୀୟ ବାହୁତୁଲେଙ୍କର କ୍ରିକେଟ ଖେଳ ଉପରେ ୨୦ ବର୍ଷର ଅଭିଜ୍ଞତା ରହିଛି।

ବେଙ୍ଗାଲୁରୁରେ ହାର୍ଦ୍ଦିକ ପାଣ୍ଡ୍ୟା

ଚଣ୍ଡିଗଡ,୨।୬(ଏଜେନ୍ସି): ଆଫଗାନିସ୍ତାନ ସହ ଭାରତ ଜୁନ ୧୩, ୧୭ ଓ ୨୦ରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ଭାରତୀୟ ଦଳରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଓପନର ରୋହିତ ଶର୍ମାଙ୍କୁ ସ୍ଥାନ ଦିଆଯାଇଛି। ମନୋନୟନକାରୀଙ୍କ ଅନୁଯାୟୀ ଏମାନେ ମ୍ୟାଚ୍ ଫିଟ୍ ନାହାନ୍ତି। ଏଥିଲାଗି ସେମାନଙ୍କୁ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସା ହେବା ଲାଗି ପରାମର୍ଶ ଦିଆଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଆଜି ଏଠାରେ ଯୋଗଦେଇଛନ୍ତି। କିନ୍ତୁ ରୋହିତ ଶର୍ମା କେବେ ଆସିବେ ତାହା ଜଣାପଡ଼ିନାହିଁ। ଏମାନେ ଫିଟ୍ ଘୋଷିତ ହେଲେ ଦିନିକିଆ ମ୍ୟାଚ୍‌ରେ ଖେଳିବେ।

ଦିନିକିଆ ଦଳ: ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ (ୱିକେଟକିପର), ଇଶାନ କିଶାନ (ୱିକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଗୁରନୁର ବ୍ରାର ଓ ହର୍ଷ ଦୁବେ।

ଆଇପିଏଲ୍-୨୦ର ପ୍ରଥମ ମ୍ୟାଚରୁ ଟିମ୍ ଡେଭିଡ୍ ବାସନ୍ଦ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଆଇପିଏଲ୍ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବ୍ୟାଟର ଟିମ୍ ଡେଭିଡଙ୍କୁ ବଡ଼ ଝଟକା ଲାଗିଛି। ଆଇପିଏଲ୍‌ର ଆଗାମୀ ସିଜନ ଅର୍ଥାତ୍ ୨୦ତମ ସଂସ୍କରଣରେ ଏହି ଅଷ୍ଟ୍ରେଲୀୟ କ୍ରିକେଟର୍‌ଙ୍କୁ ପ୍ରଥମ ମ୍ୟାଚରୁ ବାସନ୍ଦ କରାଯାଇଛି। ଗତ ରବିବାର ଅହମ୍ମଦାବାଦରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଡେଭିଡ୍ ଅମ୍ପାୟରଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଫାଇନାଲ ମ୍ୟାଚରେ ଗୁଜରାଟ ଇନିଂସର ୧୦ମ ଓଭରରେ ଏକ ଅଘଟଣ ଘଟିଥିଲା। ଯେଉଁଥିରେ ଡେଭିଡ୍ ଆକ୍ରମଣାତ୍ମକ ଭାବରେ ଏକ ବରଫ ବ୍ୟାଗ୍ ଅମ୍ପାୟର ନୀତିନ ମେନନଙ୍କ ଆଡ଼କୁ ଫିଙ୍ଗିଥିଲେ। ଏଥିଲାଗି ଆଇପିଏଲ୍ ପକ୍ଷରୁ ତାଙ୍କୁ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଜରିମାନା ହୋଇଛି। ଏଥିସହ ଦୁଇଟି ଡିମେରିଟ୍ ପଏଣ୍ଟ ମଧ୍ୟ ମିଳିଛି। ଯେଉଁଠାରେ ସେ "ଅମ୍ପାୟର ନୀତିନ ମେନନଙ୍କ ଆଡ଼କୁ ଆକ୍ରମଣାତ୍ମକ ଭାବରେ ଏକ ବରଫ ବ୍ୟାଗ୍ ଫିଙ୍ଗିଥିଲେ। ଗତ ଆଇପିଏଲ୍‌ରେ ଏହା ଡେଭିଡଙ୍କ ତୃତୀୟ ଲେଭଲ୍-୧ ଅପରାଧ ଥିଲା। ପୂର୍ବରୁ କରିଥିବା ଭୁଲ ଲାଗି ତାଙ୍କୁ ୩ଟି ଡିମେରିଟ୍ ପଏଣ୍ଟ ମିଳିଥିଲା। ଫଳରେ ଆଇପିଏଲ୍‌ରେ ଏଥର ଡେଭିଡ୍‌ଙ୍କ ମୋଟ୍ ଡିମେରିଟ୍ ପଏଣ୍ଟ ୫ରେ ପହଞ୍ଚିଛି। ଯାହା ଫଳରେ ନିୟମ ଅନୁଯାୟୀ ସେ ସ୍ୱତଃ ଗୋଟିଏ ମ୍ୟାଚରୁ ବାସନ୍ଦ ହୋଇଛନ୍ତି। ଏଥର ଆଇପିଏଲ୍ ଶେଷ ହୋଇଯାଇଥିବାରୁ ପରବର୍ତ୍ତୀ ସଂସ୍କରଣରେ ଡେଭିଡ ଖେଳିବାକୁ ଥିବା ପ୍ରଥମ ମ୍ୟାଚରୁ ବାସନ୍ଦ ହୋଇଛନ୍ତି।

● ଇଣ୍ଡୋନେସିଆ ଓପନ୍

ସିନ୍ଧୁ ଆଗେଇଲେ; ଶ୍ରୀକାନ୍ତ ଓ ମାଳବିକା ବିଦା

ଜାକର୍ତ୍ତା, ୨।୬ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ୧୩ କୋଟି ୮୦ ଲକ୍ଷ ପୁରସ୍କାର ବିଶିଷ୍ଟ ଇଣ୍ଡୋନେସିଆ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସିନ୍ଧୁ ୨୫-୨୩, ୨୧-୧୬ ଗେମରେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ମାତ୍ର ୫୧ ମିନିଟ୍ ସମୟ ଲାଗିଥିଲା। ତେବେ ମହିଳା ବିଭାଗରେ ଅନ୍ୟ ଏକ ମ୍ୟାଚରେ ମାଳବିକା ବଂଶୋଦଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ଥାଇଲାଣ୍ଡର ପ୍ରୋନପାୱି ଚୋଚୁୱଙ୍ଗଙ୍କଠାରୁ ୨୧-୧୨, ୨୧-୧୦ ଗେମରେ ହାରି ମାଳବିକା ବିଦାୟ ନେଇଛନ୍ତି। ପୁରୁଷ ବିଭାଗରେ ମଧ୍ୟ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି। ଶ୍ରୀକାନ୍ତ ୧୯-୨୧, ୧୫-୨୧ ସିଧାସଳଖ ଗେମରେ ଜାପାନର ୟୁଶି ତାନାକାଙ୍କ ନିକଟରୁ ହାରିଯାଇଛନ୍ତି।

ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ୬ରୁ | ଭାରତୀୟ ଦଳର ଅଭ୍ୟାସ

ଚଣ୍ଡିଗଡ,୨।୬(ଏଜେନ୍ସି)

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମୁକାବିଲା ମୁଲାନପୁରର ହାଇସ୍କୋରିଂ ପିଚ୍‌ରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ। ଏହି ଟେଷ୍ଟ ଲାଗି ଉଭୟ ଭାରତ ଓ ଆଫଗାନିସ୍ତାନ ଦଳର କିଛି ଖେଳାଳି ମୁଲାନପୁରରେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ସେମାନଙ୍କ ମଧ୍ୟରେ ଋଷଭ ପନ୍ତ୍ ଅନ୍ୟତମ। ଏଠାରେ ସେ ଅନ୍ୟ ଖେଳାଳିମାନେ ଅଭ୍ୟାସ କରିଥିଲେ। ଆସନ୍ତାକାଲି ସକାଳ ୯ଟା ୩୦ରୁ ୧୨ଟା ୩୦ ଯାଏ ଆଫଗାନିସ୍ତାନ ଓ ଅପରାହ୍ଣ ୧ଟା୩୦ରୁ ୪ଟା ୩୦ ଯାଏ ଭାରତୀୟ ଦଳ ଅଭ୍ୟାସ କରିବ। ଆସନ୍ତାକାଲି ସୁଦ୍ଧା ଏହି ଟେଷ୍ଟ ଲାଗି ମନୋନୀତ ସମସ୍ତ ଭାରତୀୟ ଖେଳାଳି ପହଞ୍ଚିବେ। ଆଫଗାନିସ୍ତାନ ଦଳର ସମସ୍ତ ଖେଳାଳି ପହଞ୍ଚିସାରିଛନ୍ତି।

ନବି, ପ୍ରିନ୍ସ ନେଟ ବୋଲର

ଏହି ଟେଷ୍ଟ ଲାଗି ଅଭ୍ୟାସ କରିବା ଲାଗି ୬ଜଣ ଖେଳାଳିଙ୍କୁ ବିସିସିଆଇ ନେଟ୍ ବୋଲର ଭାବେ ନିଯୁକ୍ତ କରିଛି। ସେମାନେ ହେଲେ ଗୁରଜାନପ୍ରୀତ୍ ସିଂହ, ଆକ୍ୱିବ୍ ନବି, ପ୍ରିନ୍ସ ଯାଦବ, ସଂଚାଂଶ ଜୈନ, ଜୀଶାନ ଆନସାରୀ ଓ ଶିବାଙ୍ଗ କୁମାର। ଭାରତୀୟ ବ୍ୟାଟରଙ୍କୁ ଟେଷ୍ଟ ପ୍ରସ୍ତୁତିରେ ଏମାନେ ସହାୟତା କରିବେ।

ଟେଷ୍ଟ ଦଳ: ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ୍, ଲୋକେଶ ରାହୁଲ (ଉପଅଧିନାୟକ), ସାଇ ସୁଦର୍ଶନ, ଋଷଭ ପନ୍ତ (ୱିକେଟକିପର), ଦେବଦତ୍ତ ପାଡିକଲ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ମାନବ ସୁତାର, ଗୁରନୁର ବ୍ରାର, ହର୍ଷ ଦୁବେ, ଧ୍ରୁବ ଜୁରେଲ।

ଓଡ଼ିଶା ମହିଳା ଲିଗ୍ ଫୁଟବଲ

ଓଡ଼ିଶା ପୁଲିସ, କିଟ୍/କିସ୍‌ର ବିଜୟ

ଭୁବନେଶ୍ୱର,୨।୬(ସମିସ): ଆଜି ଏଠାରେ ଅନୁଷ୍ଠିତ ଓଡ଼ିଶା ମହିଳା ଲିଗ୍ ଫୁଟବଲ୍‌ରେ ୨ଟି ମ୍ୟାଚ୍ ଆୟୋଜିତ ହୋଇଯାଇଛି। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ୪-୦ ଗୋଲରେ ଯୋଡାର ଟାଟା ଷ୍ଟିଲ୍ ଫାଉଣ୍ଡେସନକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ୨-୧ ଗୋଲରେ ୟଙ୍ଗ ଆସୋସିଏସନ କ୍ଲବ୍‌କୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ପକ୍ଷରୁ ମାଳତୀ ମୁଣ୍ଡା ୨ଟି, ସସ୍ମିତା ତନ୍ତୀ ଓ ସଙ୍ଗୀତା ଖାଡିଆ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କ୍ୟାପିଟାଲ ଫୁଟବଲ ଆରେନାରେ ଖେଳାଯାଇଥିବା ଏହି ମୁକାବିଲାର ପ୍ରଥମାର୍ଦ୍ଧ ସୁଦ୍ଧା ପୁଲିସ୍ ଦଳ ୩-୦ ଗୋଲରେ ଆଗୁଆ ରହିଥିଲା। ପରାଜିତ ଦଳ କୌଣସି ଗୋଲ ସ୍କୋର କରିପାରି ନ ଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ପକ୍ଷରୁ ଅଙ୍କିତା ନାୟକ ଓ ଜ୍ୟୋତ୍ସ୍ନା ମୁଣ୍ଡାରୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପରାଜିତ ୟଙ୍ଗ ଆସୋସିଏସନ ପକ୍ଷରୁ ପୁଷ୍ପା କିଶାନ ଗୋଟିଏ ଗୋଲ ଶୁଝାଇଥିଲେ।

■ ନେସନ୍ସ କପ୍ ମହିଳା ହକି

ଓଡ଼ିଶାରୁ ସୁନେଲିତା ସାମିଲ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଆଗାମୀ ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସାଲିମା ଟେଟେ ଘୋଷିତ ୨୦ ଜଣିଆ ଦଳର ନେତୃତ୍ୱ ଭାର ବଜାୟ ରଖିଛନ୍ତି। ସେହିଭଳି ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଯୁବ ମଧ୍ୟଭାଗ ଖେଳାଳି ସୁନେଲିତା ଟପ୍ପୋଙ୍କୁ ସ୍ଥାନ ମିଳିଛି। ଦଳରେ ଦୁଇଜଣ ଗୋଲ୍‌ରକ୍ଷକ ସବିତା ଓ ବିଚ୍ଛୁଦେବୀଙ୍କୁ ନିଆଯାଇଛି। ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ସହରରେ ଏଫ୍‌ଆଇଏଚ୍ ନେସନ୍ସ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପୁଲ୍-ଏ'ରେ ଜାପାନ, ଆମେରିକା ଓ ଉରୁଗୁଏ ସହ ସ୍ଥାନ ପାଇଛି। ସେହିଭଳି ପୁଲ୍-ବି'ରେ ଆୟୋଜକ ନ୍ୟୁଜିଲାଣ୍ଡ ସହ ଚିଲି, କୋରିଆ ଓ ଫ୍ରାନ୍ସ ଦଳ ରହିଛି। ଉଦ୍‌ଘାଟନୀ ଦିବସରେ ଆମେରିକା ସହ ଖେଳି ଭାରତୀୟ ମହିଳା ହକି ଦଳ ଅଭିଯାନ ଆରମ୍ଭ କରିବ। ଏହାପରେ ଜୁନ ୧୬ରେ ଜାପାନ ଓ ୧୮ ରେ ଉରୁଗୁଏକୁ ଭେଟିବ ଭାରତ। ନେସନ୍ସ କପ୍ ପୂର୍ବରୁ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଯେଉଁଠାରେ ଘରୋଇ ଦଳ ସହ ଏକ ୪ ମ୍ୟାଚ୍‌ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

ଏସିଆ କପ୍ ହକିରେ ଭାରତୀୟ ପୁରୁଷ ଦଳର ବିଜୟ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ଦକ୍ଷିଣ କୋରିଆକୁ ୪-୧ ଗୋଲରେ ହରାଇ ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ହକିରେ ଭାରତୀୟ ପୁରୁଷ ଦଳ ଦ୍ୱିତୀୟ ବିଜୟ ହାସଲ କରିଛି। ଏହା ଫଳରେ ଗ୍ରୁପ୍‌ରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଜାପାନ ଓ ଦକ୍ଷିଣ କୋରିଆ ସହ ଭାରତର ପଏଣ୍ଟ ସଂଖ୍ୟା ସମାନ ରହିଛି। ଅନ୍ୟପକ୍ଷରେ ଆସନ୍ତାକାଲି ଝଡ଼ବାତ୍ୟା ହେବାର ଆଶଙ୍କା ଥିବାରୁ ମହିଳା ଦଳର ପରବର୍ତ୍ତୀ ମ୍ୟାଚ୍ ଜୁନ୍ ୩ରେ ଖେଳାଯିବ।

ଫ୍ରେଞ୍ଚ୍ ଓପନରୁ ଭିଟୋଲିନା ବିଦା; ସେମିରେ ଆନ୍ଦ୍ରିଭା-କୋସ୍ତ୍ୟୁକ୍

ପ୍ୟାରିସ୍,୨।୬(ଏଜେନ୍ସି)

ବିଶ୍ୱର ଅନ୍ୟତମ ଖାତନାମା ଖେଳାଳି ତଥା ୭ମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ଏଠାରେ ଚାଲିଥିବା ଫ୍ରେଞ୍ଚଓପନ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ସେ ୧୫ତମ ସିଡ୍ ତଥା ନିଜ ଦେଶର ମାର୍ତ୍ତା କୋସ୍ତ୍ୟୁକଙ୍କଠାରୁ ୩-୬, ୬-୨, ୨-୬ ସେଟ୍‌ରେ ପରାଜିତ ହୋଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରୁଷିଆର ମାରିଆ ଆନ୍ଦ୍ରିଭା ଫର୍ମରେ ଥିବା ରୋମାନିଆର ସୋରାନା କ୍ରିଷ୍ଟିଆଙ୍କୁ ୬-୦, ୬-୩ରେ ପରାସ୍ତ କରି ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ୮ମ ସିଡ୍ ଆନ୍ଦ୍ରିଭାଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକଘଣ୍ଟାରୁ କମ୍ ସମୟ ଲାଗିଥିଲା। ଏହି ବିଜୟ ଫଳରେ ମହିଳା ଏକକ ପ୍ରଥମ ସେମିଫାଇନାଲ୍‌ରେ ୮ମ ସିଡ୍ ଆନ୍ଦ୍ରିଭାଙ୍କ ସହ ୭ମ ସିଡ୍ ୟୁକ୍ରେନର କୋସ୍ତ୍ୟୁକଙ୍କର ମୁକାବିଲା ହେବ। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଲାଗିଥିଲାବେଳେ ଏହି ମୁକାବିଲା ଉପରେ ସମସ୍ତଙ୍କ ନଜର ରହିବ।

ଅନ୍ୟପକ୍ଷରେ ଆସନ୍ତାକାଲି ଖେଳାଯିବାକୁ ଥିବା ମହିଳା ଏକକର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ନଂ-୧ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କ ସହ ରୁଷିଆର ଡାଏନା ସାଣ୍ଡରଙ୍କର ଏବଂ ଫ୍ରାନ୍ସୀ ମାଜା ଚାୱଲନିସ୍କାଙ୍କ ସହ ଆନ୍ନା କାଲିନସ୍କାୟାଙ୍କର ମୁକାବିଲା ହେବ।

ସେମିରେ ଜ୍ୱେରେଭ

ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ ୩-୦ ସେଟ୍‌ରେ ୨୭ ନମ୍ବର ସିଡ୍ ସ୍ପେନ୍‌ର ରାଫେଲ ଜୋଡରଙ୍କୁ ହରାଇ ପୁରୁଷ ବିଭାଗ ଏକକ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୭-୬, ୭-୧, ୭-୩ ସେଟ୍‌ରେ ଜୋଡରଙ୍କୁ ପରାସ୍ତ କରିଥିଲେ। ଆଜି ରାତିରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟରରେ ଜ୍ୟାକବ ମେନ୍‌ସିକ୍‌ଙ୍କ ସହ ବ୍ରାଜିଲ୍‌ର ଜୋଆଓ ଫୋନସେକାଙ୍କୁ ଭେଟିବେ। ଏହି ମ୍ୟାଚ୍‌ର ବିଜେତା ସହ ଜ୍ୱେରେଭ ପ୍ରଥମ ସେମିରେ ଖେଳିବେ। ପୁରୁଷ ଯୁଗଳ ବିଭାଗରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ଓ ମାର୍ସେଲୋ ଡେମୋଲିନ୍‌ଙ୍କ ଯୋଡି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS